

ଅଷ୍ଟ୍ରେଲିଆ ବଜାରରେ ବଢୁଛି 'କୋହଲିଙ୍କ ବ୍ୟାଟ୍' କ୍ରେଜ୍ — ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live  mail Id: sancharodisha@gmail.com

RNI NO :ODIODI/2001/04811  Postal Regd No : BN/249/15-17

Vol. 32 | ISSUE 238 | ଭାଗ ୩୨ | ସଂଖ୍ୟା୨୩୮ | Bhubaneswar | Friday 22 November 2024 | Page 8 Rs. 4.00 | ଭୁବନେଶ୍ୱର | ଶୁକ୍ରବାର ୨୨ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ମହତାବଙ୍କ ଲିଖିତ ଇତିହାସ ଭବିଷ୍ୟତର ଆଇନା



- ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ଦେଲେ ଧନ୍ୟବାଦ
- ମହତାବ ଥିଲେ ଓଡ଼ିଆ ଅସ୍ମିତାର ରାଷ୍ଟ୍ରନାୟକ
- ଗଡ଼ଜାତ ମିଶ୍ରଣ, ହୀରାକୁଦ ନିର୍ମାଣ, ଭୁବନେଶ୍ୱର ପ୍ରତିଷ୍ଠାରେ ତାଙ୍କ ଭୂମିକା ଅତୁଳନୀୟ
- 'ଗାଁ ମଜିଲିସ୍'ରେ ସମାଜ ନିର୍ମାଣର ନିଚ୍ଛକ ଚିତ୍ର ଥିଲା

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୧।୧୧ (ସଂଚାର ବ୍ୟୁରୋ):** 'ଉତ୍କଳ କେଶରୀ' ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶାର ଗର୍ବ ଗୌରବ । ସେ କେବଳ ସ୍ୱତନ୍ତ୍ରତା ସଂଗ୍ରାମୀ ନ ଥିଲେ ବରଂ ଜଣେ ମହାନ ସମାଜ ସୁଧାରକ, ପ୍ରଖ୍ୟାତ ରାଜନେତା, ବକ୍ତା, କବି, ଔପନ୍ୟାସିକ, ପ୍ରସିଦ୍ଧ ଇତିହାସକାର ଏବଂ ପତ୍ରକାର ମଧ୍ୟ ଥିଲେ । ସେ ହେଉଛନ୍ତି ଓଡ଼ିଆ ଅସ୍ମିତାର ଜୀବନ୍ତ ଷ୍ଟେଟ୍ସମ୍ୟାନ। ଓଡ଼ିଶାକୁ ନେଇ ତାଙ୍କ ଦ୍ୱାରା ଲିଖିତ ଇତିହାସ ଭବିଷ୍ୟତର ଆଇନା ଭାବେ କାମ କରୁଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଗୁରୁବାର ନୂଆଦିଲ୍ଲୀରେ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ସମାରୋହର ଉଦ୍‌ଘାଟନ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ସୁପୁତ୍ର ଉତ୍କଳ କେଶରୀ ଡ଼. ମହତାବ ଦେଶର ଅନନ୍ୟ ପ୍ରତିଭା। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କ କହିଥିଲେ ଯଦି ଆପଣ ଚାହୁଁଛନ୍ତି, ଆପଣଙ୍କ ମୃତ୍ୟୁ ପରେ ଆପଣଙ୍କ ନାମ ସ୍ମରଣ କରାଯାଉ ତେବେ ଲେଖିବା ଭଳି କିଛି କାମ କରନ୍ତୁ ନଚେତ୍ ପଢ଼ିବା ଭଳି କିଛି ଲେଖନ୍ତୁ। ➪ପୃଷ୍ଠା-୬

# ଶକ୍ତିଶାଳୀ ସିନ୍ଦେ ଏବେ 'ଶକ୍ତିମାନ'

**କଟକ,୨୧।୧୧ (ସଂଚାର ବ୍ୟୁରୋ):** କଟକୀ ନେତାମାନେ ଏବେ କଟକ ଜିଲ୍ଲାପାଳଙ୍କୁ ବୟକଟ କରୁଥିବା ଦେଖିବାକୁ ମିଳିଛି। ଏହା କଟକ ସହରରେ ପ୍ରଥମ। କଟକ ବାଲିଯାତ୍ରାରେ ଜିଲ୍ଲାପାଳଙ୍କ ସୁଚିନ୍ତିତ ବିଭ୍ରାଟକୁ ଦେଖିଲା ପରେ ନେତାମାନେ ତାଙ୍କ ପାଖରେ ବସିବାକୁ ବି ସହଜ ଅନୁଭବ କରୁନାହାନ୍ତି। ଆଜି କଟକରେ ଡକ୍ଟର ହରେକୃଷ୍ଣ ମହାତାବଙ୍କ ୧୨୫ତମ ଜୟନ୍ତୀ ସମାରୋହରେ ଏଭଳି ଲକ୍ଷ୍ୟ କରାଯାଇଛି।

ଜୟନ୍ତୀ ଉତ୍ସବରେ ଉପସ୍ଥିତ ନାହାନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ। ନିଜକୁ ଦୂରେଇ ରଖିଛନ୍ତି ମାହାଙ୍ଗା ବିଧାୟକ ସାରଦା ପ୍ରଧାନ । ନିମନ୍ତ୍ରଣପତ୍ରରେ ସଭାରେ ଅଧ୍ୟକ୍ଷତା କରିବାପାଇଁ ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ପ୍ରଭାତ ତ୍ରିପାଠୀଙ୍କ ନାଁ ଥିଲେ ମଧ୍ୟ ସେ ଅଧ୍ୟକ୍ଷତା କରିନାହାନ୍ତି। ଅଧ୍ୟକ୍ଷତା କରିଛନ୍ତି ଜିଲ୍ଲାପାଳ ଦତ୍ତାତ୍ରୟ ଭାଓସାହେବ ସିନ୍ଦେ । ମଞ୍ଚରେ ଉପସ୍ଥିତ ଥିବା ନେତାମାନେ ଜିଲ୍ଲାପାଳଙ୍କୁ ନେଇ ଅସୁଖୀ ଥିବା ଜଳ ଜଳ ହୋଇ ଦିଶୁଥିଲା।

ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ଜୟନ୍ତୀ ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟନ୍ତ ପାଳନ ହେଉଛି। କଟକରେ ଏନେଇ ଭବ୍ୟ ଆୟୋଜନ ହୋଇଥିଲା। ନିମନ୍ତ୍ରଣପତ୍ରରେ ଅନେକଙ୍କ ନାମ ଥିଲା। ସଭାରେ ସଭାପତିତ୍ୱ କରିବାପାଇଁ ବରିଷ୍ଠ ନେତା ପ୍ରଭାତ ତ୍ରିପାଠୀଙ୍କ ନାମ ଉଲ୍ଲେଖ ଥିଲା। ହେଲେ ସଭାମଞ୍ଚରେ ଦେଖାଗଲା ଯେ ଉତ୍କଳକେଶରୀଙ୍କ ସୁପୁତ୍ର ତଥା କଟକ ସାଂସଦ ଭର୍ତ୍ତୃହରି ମହତାବ ଉପସ୍ଥିତ ନାହାନ୍ତି। ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ମଧ୍ୟ ନାହାନ୍ତି।



ତେବେ ସବୁଠାରୁ ବଡ କଥା ହେଲା ପ୍ରଭାତ ତ୍ରିପାଠୀ ଉପସ୍ଥିତ ଥିଲେ ମଧ୍ୟ ସଭାର ସଭାପତିତ୍ୱ କରିନଥିଲେ। ଅନ୍ୟ କେହି ଏହା କରିବା ବଦଳରେ ନିଜେ ଜିଲ୍ଲାପାଳ ସଭାରେ ସଭାପତିତ୍ୱ କରି କାମ ଚଳାଇଥିଲେ। ତେବେ ପ୍ରଶ୍ନ ଉଠୁଛି ଏତେ ବଡ ରାଜ୍ୟସ୍ତରୀୟ ଉତ୍ସବରେ ନିମନ୍ତ୍ରଣପତ୍ରରେ ନାମ ଥିବା ନେତା ଅନୁପସ୍ଥିତ ରହିଲେ କାହିଁକି? ସେମାନଙ୍କ ସହିତ ପୂର୍ବରୁ ଯୋଗାଯୋଗ ହୋଇଥିଲା କି ନାହିଁ ? ଖୋଦ ପ୍ରଭାତ ତ୍ରିପାଠୀ କାହିଁକି ସଭାପତିତ୍ୱ କରିବାକୁ ଅମଙ୍ଗ ହେଲେ? ଆଲୋଚନା ହେଉଛି ଯେ ଚଳିତବର୍ଷର ଐତିହାସିକ ବାଲଯାତ୍ରାରେ

- ଦୂରେଇଲେ ସାରଦା, ଅଧ୍ୟକ୍ଷତା କଲେନି ପ୍ରଭାତ
- ସିନ୍ଦେଙ୍କୁ ନେଇ ଅଶାନ୍ତ ହେଉଛି ଐତିହ୍ୟସହର



ମୁଖ୍ୟମନ୍ତ୍ରୀଙ୍କୁ ଅପମାନିତ କରିବା ଠାରୁ ଆରମ୍ଭ କରି ମାହାଙ୍ଗା ବିଧାୟକଙ୍କୁ ନଲୋଡିବା, ବାଲିଯାତ୍ରାରେ କଳାକାରଙ୍କୁ ଅପମାନିତ କରିବା, ବିଦ୍ୟୁତ୍ କରେଣ୍ଟ ଲାଗି ପିଲାଟିଏ ମରିଯିବା, ଗାଡିମୋଟର ଷ୍ଟାଣ୍ଡରେ ଲୋକଙ୍କୁ ଶୋଷଣ କରାଯିବା ଆଦିକୁ ନେଇ କଟକିଆ ନେତାମାନେ ଖୁସି ନାହାନ୍ତି। ଏସବୁ ମୂଳ କାରଣ ଜିଲ୍ଲାପାଳ ସିନ୍ଦେ ବୋଲି ସେମାନେ ବିଚାରୁଛନ୍ତି। କାରଣ ସିନ୍ଦେଙ୍କର ପୂର୍ବରୁ ଲୋକ ପ୍ରତିନିଧିମାନଙ୍କୁ ଅପମାନିତ କରିବାର ଟ୍ରାକ ରେକର୍ଡ ରହିଛି। ବାଲେଶ୍ୱର ଜିଲ୍ଲାପାଳ ଥିବା ସମୟରେ ସେଠାକାର ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ସଭାସ୍ଥଳରେ ଅପମାନିତ କରିଥିଲେ। ସେତେବେଳେ ପ୍ରତାପ ଜିଲ୍ଲାପାଳଙ୍କୁ ଦୃଢ ➪ପୃଷ୍ଠା-୬

# ଉତ୍କର୍ଷ ଓଡିଶା: ୫ଲକ୍ଷ କୋଟିର ପୁଞ୍ଜିନିବେଶ ଲକ୍ଷ୍ୟ

- ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ପ୍ରଦର୍ଶନୀ କେନ୍ଦ୍ର
- ଦ୍ୱିତୀୟ ପର୍ଯ୍ୟାୟ ବିଶ୍ୱ ଦକ୍ଷତା କେନ୍ଦ୍ର ଖୁବଶୀଘ୍ର
- ଜାନୁଆରୀରେ ଆସିବେ ସିଙ୍ଗାପୁର ରାଷ୍ଟ୍ରପତି

**ଭୁବନେଶ୍ୱର,୨୧।୧୧ (ସଂଚାର ବ୍ୟୁରୋ):** ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବାକୁ ଓଡ଼ିଶା ଲକ୍ଷ୍ୟ ରଖିଛି, ଯାହା ରାଜ୍ୟର ଅଭିବୃଦ୍ଧି ପଥରେ ଏକ ରଣନୀତିକ ପରିବର୍ତ୍ତନକୁ ସୂଚାଉଛି। ରାଜ୍ୟରେ ବିଶ୍ୱସ୍ତରୀୟ ପ୍ରଦର୍ଶନୀ କେନ୍ଦ୍ର ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସିଙ୍ଗାପୁର ଗସ୍ତ ସମୟରେ ଏଦିଗରେ ନିବେଶକାରୀଙ୍କ ସହ ଆଲୋଚନା ହୋଇଛି। ସେହିଭଳି ବିଶ୍ୱ ଦକ୍ଷତା କେନ୍ଦ୍ର ଦ୍ୱିତୀୟ ପର୍ଯ୍ୟାୟ କାମ ମଧ୍ୟ ଖୁବଶୀଘ୍ର ଆରମ୍ଭ ହେବ। ସିଙ୍ଗାପୁର ଗସ୍ତରୁ ଫେରି ଏହି ସୂଚନା ଦେଇଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ। ଶିଳ୍ପ ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ମନୋଜ ଅହୁଜା ଗୁରୁବାର ସିଙ୍ଗାପୁର ଗସ୍ତ ସାରି ଓଡ଼ିଶା ଫେରିଛନ୍ତି।




ସ୍ୱାଇଁ କହିଛନ୍ତି ପୂର୍ବ ସରକାର ତୁଳନାରେ ବର୍ତ୍ତମାନର ସରକାର ଚୁକ୍ତିକୁ ଆଗକୁ ବଢ଼ାଇ ଏହି ପୁଞ୍ଜି ବିନିଯୋଗ ପଦକ୍ଷେପଗୁଡ଼ିକୁ ଓଡିଶାବାସୀଙ୍କ ପାଇଁ ପ୍ରକୃତ ଚାକିରି ସୁଯୋଗରେ ପରିଣତ କରିବାକୁ ପ୍ରତିଶ୍ରୁତିବଦ୍ଧ। ମୁଖ୍ୟମନ୍ତ୍ରୀ ମୋହନ ➪ପୃଷ୍ଠା-୬

# ପୋଲିସ ଭାଇ ଯାହାର, କି ଆନନ୍ଦ ତାହାର

କଥାରେ ଅଛି, ମାଛ ଖାଇବ ଇଲିସି, ଚାକିରି କରିବ ପୋଲିସ। ଏକଥା କହିବାର ତାତ୍ପର୍ଯ୍ୟ ହେଉଛି କ୍ରିମ ଖାଇବା କଥା ଆସିଲେ ସବୁବେଳେ ପୋଲିସ ବାବୁଙ୍କ ନାଁ ଆଗରେ ଆସେ। ଆମେ ଆଜି ଏମିତି ଜଣେ ବାବୁଙ୍କ କଥା କହୁଛୁ ଯାହା ପାଇଁ ବଡ଼ ସାହେବ ମଧ୍ୟ ବଦନାମ ହୋଇଯାଇଛନ୍ତି। କମିଶନରେଟ ପୋଲିସର ଭୁବନେଶ୍ୱର ଯୁପିଡ଼ିରେ କାମ କରୁଥିବା ଜଣେ ଆଇଆଇସି ଏକଦା କୁଆଡେ ସାହେବଙ୍କ ବେଶ ଖାସ ଥିଲେ। ଭୁବନେଶ୍ୱରରେ ସାହେବଙ୍କ ବଳ ଯୋଗୁଁ ଅତିରିକ୍ତ ଡିସିପି ପାହ୍ୟାର ଅଫିସର ମଧ୍ୟ ତାଙ୍କୁ ଭୟ କରୁଥିଲେ। ଚନ୍ଦକାରେ ହରିଣ ଭୋଜି ହେଉ ବା କଞ୍ଚା ପରିବା, ଜମିଦାରଙ୍କ ଠାରୁ ବଟି କିମ୍ବା ଜମି ପୋଜେସନ ମାଫିଆ କାମ ସବୁଥିରେ ଥାନାଧିକାରୀ ଜଣଙ୍କ ପାରଙ୍ଗମ ଥିଲେ। ଖାଲି ସେତିକି ନୁହେଁ, ନିକଟରେ ଏହି ଆଇଆଇସିଙ୍କ ଲୋଲୁପ ଦୃଷ୍ଟି ପାଇଁ ଜଣେ ମହିଳା ଆଇଆଇସି ଗଞ୍ଜାମ ଜିଲ୍ଲାକୁ ବଦଳି ହୋଇ ଚାଲିଯାଇଛନ୍ତି। ତେବେ ସାହେବ ଭୁବନେଶ୍ୱରରୁ ଚାଲିଯାଇଛନ୍ତି ସତ। କିନ୍ତୁ ସୌଭାଗ୍ୟବଶତଃ ଯେଉଁଠାରେ କାର୍ଯ୍ୟଭାର ନେଇଛନ୍ତି, ତାଙ୍କ ପରିଧି ଭିତରେ ରହିଛି ଉକ୍ତ ଆଇଆଇସିଙ୍କ ଗାଁ। ଏକଥା ଜାଣିଲା ପରେ ଆଇଆଇସିଙ୍କ ଏବେ କଚେ ପୁଅ ବାର। ରୋଜଗାର ଡବଲ। କାରଣ ଆଇଆଇସିଙ୍କ ଭାଇ ସେଠାରେ ବାଲି ମାଫିଆ ଭାବେ ବେଶ ପରିଚିତ। ପୋଲିସ ଭାଇ ନାଁ ରେ ମେସିନ ଲଗାଇ ପୂର୍ବରୁ ରାତି ଅଧିଆ ବାଲି ଚାଲାଣ କରୁଥିଲା। ଆଉ ଏବେ ଯେତେବେଳେ ଭାଇଙ୍କ ସାହେବ ସ୍ଥାନୀୟ ଏସପି, ସେତବେଳେ କୁଆଡେ ଦିନରେ ବି ଆରମ୍ଭ ହୋଇଛି ଲଘୁ ଖଣିଜ ଲୁଟ୍। ସ୍ଥାନୀୟ ଥାନା ଆଇଆଇସି ବି ସବୁ ଦେଖି ଚୁପ। କାରଣ କହିଲେ ଅଯଥା ସାହେବଙ୍କ କୋପ ଦୃଷ୍ଟି ପଡ଼ିବ। ଏଭଳି ଚର୍ଚ୍ଚା ଏବେ କେବଳ କମିଶନରେଟ ପୋଲିସ ଏରିଆ ନୁହେଁ, ବରଂ ଜିଲ୍ଲା ବାହାରେ ମଧ୍ୟ ଜୋର ଧରିଛି। ତେବେ ନୂଆ ସରକାରରେ ଅଫିସରଙ୍କ ମାଫିଆ ଗିରି ଆଉ ଚଳିବ ନାହିଁ। ଏଭଳି ଦୋମୁଣ୍ଡିଆ ସାପର ବିଷ ଦାନ୍ତ ଖୁବଶୀଘ୍ର ନିଶ୍ଚିତ ଝଡ଼ାଇଦେବେ ମୋହନ ସରକାର। ଦେଖିବାକୁ ବାକି ରହିଲା, କୋଉ ପାଣି କୁଆଡିକୁ ବୋହୁଛି!




# ୨୩ରେ ମନ୍ତ୍ରୀ ପରିଷଦ

**ଭୁବନେଶ୍ୱର,୨୧।୧୧ (ସଂଚାର ବ୍ୟୁରୋ):** ଆସନ୍ତା ୨୩ ତାରିଖ ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ରାଜ୍ୟର ଅତିରିକ୍ତ ବଜେଟ୍ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ମନ୍ତ୍ରୀମାନଙ୍କ ମଧ୍ୟରେ ଆଲୋଚନା ପରେ ଏହି ବଜେଟ୍‌କୁ ମନ୍ତ୍ରୀ ପରିଷଦର ଅନୁମୋଦନ ମିଳିବ। ବିଧାନସଭାର ଆଗାମୀ ଶୀତ ଅଧିବେଶନର ପ୍ରଥମ ଦିନ ଅର୍ଥାତ୍ ନଭେମ୍ବର ୨୬ରେ ମୁଖ୍ୟମନ୍ତ୍ରୀ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ। ତାହା ୫ ତାରିଖରେ ଗୃହୀତ ହେବ। ସୂଚନାଯୋଗ୍ୟ, ବିଧାନସଭାର ଶୀତକାଳୀନ ଅଧିବେଶନ ନଭେମ୍ବର ୨୬ରୁ ଆରମ୍ଭ ହୋଇ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ।

# ୨୪ରେ ଆକାଉଣ୍ଟକୁ ଯିବ ଟଙ୍କା

**ଭୁବନେଶ୍ୱର,୨୧।୧୧ (ସଂଚାର ବ୍ୟୁରୋ):** ଆସନ୍ତା ୨୪ ତାରିଖରେ ଆସିବ 'ସୁଭଦ୍ରା' ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା। ତୃତୀୟ ପର୍ଯ୍ୟାୟରେ ସାମିଲ ହେବେ ସମସ୍ତ ଅଙ୍ଗନବାଡ଼ି କର୍ମୀ। ସମସ୍ତଙ୍କର ଯାଞ୍ଚ ସରିଛି ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଏଥିସହ ସନ୍ଧ୍ୟାରେ ଏକ ବୈଠକ ବସି ସୁଭଦ୍ରା ଯୋଜନାରୁ ବାଦ ପଡ଼ିଥିବା ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କୁ ସାମିଲ ପାଇଁ ବିଚାର ଆଲୋଚନା ହୋଇଛି। ସୁନ୍ଦରଗଡ଼ ଜିଲ୍ଲାରେ ୨୪ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁଭଦ୍ରା ଟଙ୍କା ଦିଆଯିବ। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ପୂର୍ବ ଦୁଇଟି ପର୍ଯ୍ୟାୟରେ ୬୦ ଲକ୍ଷ ୨୭ ହଜାର ଜଣଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯାଇ ସାରିଥିବା ବେଳେ ଏଥର ମିଶିଲେ ଏହି ସଂଖ୍ୟା ୮୦ ଲକ୍ଷ ପାର୍ କରିଯିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ସେ କହିଛନ୍ତି, ଏଯାବତ ସୁଭଦ୍ରା ଆବେଦନକାରୀଙ୍କ ସଂଖ୍ୟା ୧ କୋଟି ୧୬ ଲକ୍ଷରେ ପହଞ୍ଚିଲାଣି। ନଭେମ୍ବର ୨୪ ତାରିଖ ପରେ ଡିସେମ୍ବର ମାସରେ ଆଉ ଏକ ପର୍ଯ୍ୟାୟରେ ହିତାଧିକାରୀଙ୍କୁ ଟଙ୍କା ପ୍ରଦାନ କରାଯିବ। ଏହାପରେ ଜାନୁୟାରୀ ଓ ➪ପୃଷ୍ଠା-୬

- ୩ୟ ପର୍ଯ୍ୟାୟରେ ସବୁ ଅଙ୍ଗନବାଡ଼ି କର୍ମୀ
- ଡିସେମ୍ବରରେ ଆଉ ଏକ ପର୍ଯ୍ୟାୟରେ ଦିଆଯିବ ଟଙ୍କା

ସୁଭଦ୍ରା

# ଅତନୁ, ଋଷି ଓ ମୁନ୍ନାଙ୍କୁ ଆଇନା ଦେଖାଇଲେ ବଦ୍ରୀ

- ସଂଖ୍ୟାଗରିଷ୍ଠତା ପାଇ ବିଜେପି ସରକାର ଗଢ଼ିଛି
- ୫ ବର୍ଷ ପୂର୍ବରୁ ବିଜେଡି ସରକାରକୁ ଫେରିବା ଅବାସ୍ତବ କଥା

**ଭୁବନେଶ୍ୱର,୨୧।୧୧ (ସଂଚାର ବ୍ୟୁରୋ):** ଦିବା ସ୍ୱପ୍ନ ଦେଖୁଥିବା ବିଜେଡି ନେତାଙ୍କୁ ଜବାବ ଦେଲେ ନିଜ ଦଳର ବରିଷ୍ଠ ବିଧାୟକ ବଦ୍ରିନାରାୟଣ ପାତ୍ର। ସେ କହିଛନ୍ତି, ସଂଖ୍ୟାଗରିଷ୍ଠତା ପାଇ ବିଜେପି ସରକାର ଗଢ଼ିଛି। ଏଭଳି ସ୍ଥିତିରେ ବିଜେଡି ପୁଣି ସରକାର କରିବ, କଂଗ୍ରେସ ସହିତ ମିଶି ସରକାର କରିବ - ଆଦି କହିବା ଅବାସ୍ତବ କଥା ବିଜେଡିର ୫୧ ବିଧାୟକ, କଂଗ୍ରେସର ୧୪, ସ୍ୱାଧୀନ ତିନି ଆଉ ବିଜେପିରୁ କିଛି ଆସିବେ ବୋଲି ବିଜେଡିର ତିନି ତଥାକଥିତ ମହାରଥୀ ଅତନୁ ସବ୍ୟସାଚୀ ନାୟକ, ଦେବାଶିଷ ସାମନ୍ତରାୟ ଓରଫ ଋଷି ଓ ମୁନ୍ନା ଖାଁଙ୍କ ପ୍ରଚାର କରୁଛନ୍ତି। ସେ କହିଛନ୍ତି ୫ ବର୍ଷ ଯାଏଁ ବିଜେଡି ସରକାରକୁ ଫେରିବ ବୋଲି କହିବା ଅବାସ୍ତବ।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ। ରାଜ୍ୟରେ କଂଗ୍ରେସକୁ କ୍ଷମତାକୁ ହଟାଇବାକୁ ଏକ



ଆଞ୍ଚଳିକ ଦଳ ଭାବେ ବିଜେଡିର ଜନ୍ମ ହୋଇଛି। ବିଜେଡି ଉଭୟ ବିଜେପି ଓ କଂଗ୍ରେସ ଠାରୁ ସମଦୂରତା ନୀତି ଅବଲମ୍ବନ କରୁଛି। ଏକଥା ନବୀନ ପଟ୍ଟନାୟକ ବାରମ୍ବାର କହୁଛନ୍ତି। ବିଜେଡି ମଧ୍ୟ ସେହି ଆଭିମୁଖ୍ୟରେ ରାଜନୀତି କରୁଛି। ତେଣୁ କଂଗ୍ରେସ ସହ ମିଶି ସରକାର ଗଠନ କରିବା କହିବା ଠିକ ନୁହେଁ ବୋଲି ରୋକଠୋକ କହିଛନ୍ତି ବଦ୍ରୀ।

ବିଜେଡି ନିର୍ବାଚନ ହାରିଯିବା ପରେ କେବେ ବି ନବୀନ ପଟ୍ଟନାୟକ କଂଗ୍ରେସ ସହ ମେଣ୍ଟ କରିବା କଥା କହିନାହାଁନ୍ତି। ଏପରିକି ଯେଉଁ ତିନି ନେତା ଏଭଳି ପ୍ରଚାର କରୁଛନ୍ତି ସେମାନଙ୍କୁ ମଧ୍ୟ ନବୀନଙ୍କ ଏଭଳି କହିବାକୁ ନିର୍ଦ୍ଦେଶ ନାହିଁ ବୋଲି ସେ କହିଛନ୍ତି। ଯେଉଁମାନେ କହୁଛନ୍ତି ସେମାନଙ୍କ ମତି ବିଭ୍ରାଟ ହୋଇଛି ଓ ଦଳ ଅଧିକ ନିନ୍ଦିତ ହେଉଛନ୍ତି ବୋଲି ସେ କହିଛନ୍ତି।

ବଦ୍ରୀଙ୍କ ଏଭଳି ସ୍ପଷ୍ଟ ବିବୃତ୍ତିରୁ ଗୋଟିଏ କଥା ନିଶ୍ଚିତ ତେ ବିଜେଡି ➪ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

ଏନସିବି ଏବଂ କ୍ରାଇମ ବ୍ରାଞ୍ଚ ତଦନ୍ତର ଧମକ ଦେଇ ଅହମ୍ମଦାବାଦର ଜଣେ ବିଲ୍ଡରଙ୍କ ଠାରୁ କୋଟିଏ ଟଙ୍କା ଲୁଟି ନେଇଛନ୍ତି ସାଇବର ଅପରାଧୀ। ଲୁଟର ଶିକାର ହେବାର ପାଞ୍ଚ ମାସ ପରେ ବିଲ୍ଡର ସାଇବର ଥାନାରେ ଅଭିଯୋଗ ଆଣିଛନ୍ତି।

କୋଲକାତାରୁ ପାଟନା ଯାଉଥିବା ଏକ ବସ ଗୁରୁବାର ଭୋର ୪ଟା ବେଳେ ଝାଡ଼ଖଣ୍ଡର ହଜାରିବାଗ ବରକଟ୍ଟାର ଗୋରହର ଥାନା ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୭ ମୃତ ଓ ୧୨ ଆହତ।

ଡିଜିଟାଲ୍ ଆରେଷ୍ଟ ଏବଂ ସାଇବର ଠକେଇ ମାମଲା ସହିତ ଜଡିତ ୧୭ ହଜାର ହ୍ୱାଟସ୍ ଆପ୍ ଆକାଉଣ୍ଟକୁ ବ୍ଲକ୍ କଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ।

ଗାଜା ଉପରେ ଇସ୍ରାଏଲ ପୁଣି ବଡ଼ ଧରଣର ଆକ୍ରମଣ କରିଛି। ଉତ୍ତର ଗାଜାର ବେତ ଲାହିୟା ଅବଦାନ ଓ ଗାଜା ସିଟିରେ ହୋଇଥିବା ଆକ୍ରମଣରେ ୮୮ ପାଲେଷ୍ଟେନୀୟ ମୃତ ଓ ଶତାଧିକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ଅଛନ୍ତି।

ଦିଲ୍ଲୀ ବିଧାନସଭା ନିର୍ବାଚନ ଘୋଷଣା ହୋଇ ନ ଥିଲେ ବି ଗୁରୁବାର ଶାସକ ଆମ୍ ଆଦମୀ ପାର୍ଟି(ଆପ୍) ପ୍ରଥମ ତାଲିକାରେ ୧୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କଲା।



## କାନ ଡେରିଆ

ମତ୍ସ୍ୟ ଦିବସରେ
ମିଟିଂ ନାମରେ
ଅଫିସ ବାଡ଼ିରେ
ଖିଆପିଆ
ହେଲେ ନଈ ଯୋରେ ନାହିଁ
କେରାଣ୍ଡି ମାଛଟେ
ଆନ୍ଧ୍ର ପାଖେ ଆମେ ଠିଆ।

# ସଚିବାଳୟରେ ସକ୍ରିୟ ସନ୍ୟାସୀଙ୍କ ସେଲ୍

- ବାଏଁ ବାଏଁ ଉଡ଼ିଗଲା କ୍ୱାର୍ଟର୍ସ ତଦନ୍ତ
- ଲୁଟିଗଲା ରଙ୍ଗଶାଳାର ସତ

**ଭୁବନେଶ୍ୱର,୨୧।୧୧ (ସଂଚାର ବ୍ୟୁରୋ):** ସଚିବାଳୟରେ ଏବେ ବି ସକ୍ରିୟ ଅଛି ସନ୍ୟାସୀଙ୍କ ସେଲ୍। କ୍ଷମତାରେ ଥିବାବେଳେ ଯେଉଁ ସେଲ୍ ଗଠନ କରିଥିଲେ ସେମାନେ ଏବେ ବି ସନ୍ୟାସୀଙ୍କ ପ୍ରତି ଅନୁଗତ। ପରଦା ପଛରୁ ଆସୁଥିବା ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି। ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ କ୍ୱାର୍ଟର୍ସ ତଦନ୍ତରୁ ଏହା ଜଳ ଜଳ ଦିଶୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

ପ୍ରଣବ ପ୍ରକାଶ ଦାସ ଓରଫ ବବି ବିଧାୟକ ଥିବାବେଳେ ରାଜଭବନ ନିକଟରେ ଥିବା ଗୋଟିଏ ବିରାଟ ସରକାରୀ କ୍ୱାର୍ଟର୍ସ ପାଇଥିଲେ। ଘରଟି ପାଇଲା ପରେ ତାକୁ ନିଜ ମନକୁ ପାଇଲା ଭଳି ସଜେଇଥିଲେ। ଘରର ପୂରା ହୁଲିଆ ବଦଳାଇ ଦେଇଥିଲେ। କବାଟ, ଝରକା ସବୁ ବଦଳି ଯାଇଥିଲା। ଦାମୀ ଘରକରଣା ସାମଗ୍ରୀ ସହିତ ରଙ୍ଗ ବେରଙ୍ଗର ଆଲୋକ ଲାଗିଥିଲା। ପୂରା ଧଳା ରଙ୍ଗରେ ଚକ୍ ଚକ୍ କରୁଥିଲା ସରକାରୀ କ୍ୱାର୍ଟର୍ସଟି। ଏହା ବାହାରକୁ ଦିଶୁଥିବାବେଳେ କ୍ୱାର୍ଟର୍ସ ପରିସରରେ କିନ୍ତୁ ତିଆରି ହୋଇଥିଲା ଗୁପ୍ତ ଭୂତଳ କୋଠାରି। ସାଧାରଣ ଲୋକଙ୍କ ନଜରକୁ ଏହାକୁ ଯଥାସମ୍ଭବ ଦୂରରେ ରଖାଯାଇଥିଲା। ଭୂତଳ କୋଠରୀକୁ ଲାଗି ରହିଥିଲା ସୁଇମିଂ ପୁଲ୍। ମୋଟାମୋଟି ଭାବେ ସରକାରୀ ବଙ୍ଗଳା ଭିତରେ ଥିବା ପଞ୍ଚତାରକା ହୋଟେଲର ସବୁ ପ୍ରକାର ସୁବିଧା ସୁଯୋଗ।

ବବି ଯେତେବେଳେ ନିର୍ବାଚନରେ ହାରିଲେ ଓ ତାଙ୍କ ଲୋକେ ସରକାରୀ କ୍ୱାର୍ଟର୍ସରେ ଲାଗିଥିବା ଦାମୀ ସାମଗ୍ରୀଗୁଡ଼ିକୁ ତାଡି ବୋହିବାରେ ଲାଗିଲେ ସେତେବେଳେ ଏହା ସାଧାରଣ ଲୋକଙ୍କ ନରଜକୁ ଆସିଲା। କିଏ କହିଲା ଏହା ବବିଙ୍କ ରଙ୍ଗଶାଳା ତ ଆଉ କିଏ କହିଲା ବିଜେଡିର ୱାର ରୁମ୍। ତେବେ ଗଣମାଧ୍ୟମରେ ଯେତେବେଳେ ପୂରା ଘରର ଚିତ୍ର ଆସିଲା ସେତେବେଳେ ସାଧାରଣ ଲୋକଙ୍କ ସହିତ ସରକାରୀ କଳ ବି ଟେରା ହୋଇଗଲା।



ଏହାପରେ ସରକାର ଏହି ଘଟଣାର ସରଜମିନ ତଦନ୍ତ ପାଇଁ ଜୁନ୍ ମାସରେ ଗୋଟିଏ କମିଟି ଗଠନ କରିଥିଲେ। ଏହି କମିଟିରେ ଇଷ୍ଟେଟ ନିର୍ଦ୍ଦେଶକ ମନୋଜ ମହାନ୍ତି ଅଧ୍ୟକ୍ଷ ଥିବାବେଳେ ସଦସ୍ୟ ଭାବେ ଅତିରିକ୍ତ ଇଷ୍ଟେଟ ନିର୍ଦ୍ଦେଶକ ସଂଗ୍ରାମ କୁମାର ରାୟସର୍ଦ୍ଦାର, ଭୁବନେଶ୍ୱରର ରାସ୍ତା ଏବଂ କୋଠାବାଡି ଡିଭିଜନ-୨ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ରେଷ୍ଟ ଅଫିସର ପ୍ରକାଶ ଚନ୍ଦ୍ର ବେହେରା କମିଟିରେ ଥିଲେ। ଜୁନ୍ ୨୭ ତାରିଖରେ କ୍ୱାର୍ଟର୍ସ ମଧ୍ୟରୁ ପ୍ରବେଶ ସହିତ ଏହାର ସରଜମିନ ତଦନ୍ତ କରି ୨୮ ତାରିଖରେ ରିପୋର୍ଟ ଦେବାକୁ କୁହାଯାଇଥିଲା।

ସାଧାରଣ ପ୍ରଶାସନ ଜାରି କରିଥିବା ଚିଠିରେ ତଦନ୍ତ ସମୟରେ ସମସ୍ତ ଘଟଣାର ଭିଡିଓ ଚିତ୍ର ଉତ୍ତୋଳନ ସହିତ ଫଟୋ ଉଠାଇବାକୁ କୁହାଯାଇଥିଲା। ଏଥି ସହିତ ବବି କ୍ୱାର୍ଟର୍ସ ପାଇବା ଦିନ ଠାରୁ ଏହାର ମରାମତି ଓ ରକ୍ଷଣା ବେକ୍ଷଣ ବାବଦରେ କେତେ ଅର୍ଥ ରାଜକୋଷରୁ ଦିଆଯାଇଛି ତାହାର ବର୍ଷୱାରୀ ତାଲିକା ଦେବାକୁ ଉଲ୍ଲେଖ ଥିଲା। ସରକାର କମିଟି ଘୋଷଣା କରିବାପରେ ସାଧାରଣରେ ନୂଆ ସରକାରଙ୍କ କାର୍ଯ୍ୟକୁ ଢେର ପ୍ରଶଂସା କରାଯିବା ସହିତ ଗରିବ ଲୋକଙ୍କ ପଇସାରେ ରଙ୍ଗଶାଳା କରିଥିବା ନେତା ପାନେ ପାଇବେ ବୋଲି ଆଲୋଚନା ହୋଇଥିଲା।

ହେଲେ ତଦନ୍ତ ନିର୍ଦ୍ଦେଶର ପାଞ୍ଚ ମାସ ପରେ ଫଳ ଶୂନ। ସେହି କ୍ୱାର୍ଟର୍ସଟି ନୂଆ ରୂପ ପାଇବା ସହିତ ନୂଆ ନେତାଙ୍କ ଆବାସସ୍ଥଳୀ ପାଲଟି ସାରିଲାଣି। ହେଲେ ତଦନ୍ତ କ'ଣ ହେଲା, ରିପୋର୍ଟ କୁଆଡେ ଗଲା ତାହା ➪ପୃଷ୍ଠା-୬

### ବିଜୟନଗର ଅଗ୍ନିକାଣ୍ଡ ଘଟଣା

# ଆର୍ଥିକ ସହାୟତା ଦେଲେ କେନ୍ଦ୍ରାପଡ଼ା ସାଂସଦ



**ମହାକାଳପଡ଼ା, ୨୧।୧୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବିଜୟନଗର ଗ୍ରାମପଞ୍ଚାୟତ ବିଜୟନଗର ଗ୍ରାମର କୈଳାସ ଚନ୍ଦ୍ର ବାରିକ ଓ ଭାରତୀ ବାରିକଙ୍କ ଘରେ ନିଆଁ ଲାଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ମଧ୍ୟ ରାତ୍ରୀରେ ପରିବାର ଲୋକେ ଶୋଇଥିବା ବେଳେ ହଟାତ୍ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ନିଆଁ ସମଗ୍ର ଘରକୁ ବ୍ୟାପିଗଲା। ନିଆଁର କରାଳ ରୂପ ଏତେ ଭୟଙ୍କର ଥିଲା ଯେ,ଘରୁ କୌଣସି ଆସବାବପତ୍ର କାଢ଼ିବା କାହାରି ପକ୍ଷେ ସମ୍ଭବପର ନଥିଲା। ଜୀବନ ବିକଳରେ ସମସ୍ତେ ଚିତ୍କାର କରି ଘରୁ ବାହାରି ଆସିଥିଲେ। ପାଟି ଶୁଣି ସାହି ପଡିଶା ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ହେଲେ ନିଆଁ ବ୍ୟାପିବା ଏତେ ପ୍ରଖର ଥିଲା ଯେ ନିଆଁ ଆୟତ୍ତ କରିବା ସମ୍ଭବ ହୋଇନଥିଲା। କ୍ଷଣକ ମଧ୍ୟରେ ନିଆଁ ର ପ୍ରଖର ଶିଖାରେ ସବୁକିଛି ଜଳି ପୋଡ଼ି ପାଉଁଶ ସୋଇଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ସବୁ କିଛି ଜଳି ପୋଡ଼ି ନଷ୍ଟ ହୋଇଯାଇଥିଲା। ଅଗ୍ନି ବିପନ୍ନ ପରିବାର ବେସାହାରା ହୋଇପଡିଥିବା ଖବର ଜାଣିବା ପରେ ଆଜି କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଅଗ୍ନି ବିପନ୍ନଙ୍କ ପରିବାର ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏଥିରେ ସ୍ଥାନୀୟ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ବିଜେପି ମଣ୍ଡଳ ସଭାପତି ଲଳିତ ରାୟ, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଚିନ୍ମୟ ପ୍ରଧାନ, ନାରୀ ନେତ୍ରୀ ମମତା ପ୍ରତିହାରୀ, ଯୁବନେତା ଶିଶିର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ କେନ୍ଦ୍ରାପଡ଼ା ଗସ୍ତ

**କେନ୍ଦ୍ରାପଡା, ୨୧।୧୧ (ସଂଚାର ବ୍ୟୁରୋ):** ବୁଧବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗୋପବନ୍ଧୁ ଏକାଡ଼େମୀର ମହାନିର୍ଦ୍ଦେଶକ ଜି. ମାଥିଭାଥନନ ଭା.ପ୍ର.ସେ. କେନ୍ଦ୍ରାପଡ଼ା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ୧୬ଟି ବିଭାଗର କାର୍ଯ୍ୟକୁ ସମୀକ୍ଷା କରିଛନ୍ତି । ସ୍ୱାସ୍ଥ୍ୟ, ପଞ୍ଚାୟତରାଜ ଓ ପାନୀୟଜଳ, ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ସ୍କୁଲ ଓ ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ, ମଙ୍ଗଳ ବିଭାଗ, ବେସାମରିକ ଯୋଗାଣ ବିଭାଗ, ସମବାୟ, ସାମାଜିକ ସୁରକ୍ଷା, ଶକ୍ତି, ଶିଳ୍ପ, ସାଧାରଣ ଅଭିଯୋଗ ଆଦି ୧୬ଗୋଟି ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ପାୱାର ପଏଣ୍ଟ ମାଧ୍ୟମରେ ନିଜ ନିଜ ବିଭାଗର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଥିଲେ ।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଜାତୀୟ ଖାଦ୍ୟ ମିଶନ, ଅନ୍ତୋଦୟ ଗୃହ ଯୋଜନା ଓ ପରିମଳ ବ୍ୟବସ୍ଥା, ସ୍ୱଚ୍ଛ ଭାରତ ମିଶନ, ହର ଘର ଜଳ, ବସୁଧା, ଜଳ ଜୀବନ ମିଶନ, ସେତୁ ବନ୍ଧନ ଯୋଜନା, ପଞ୍ଚସଖୀ ଶିକ୍ଷା ସେତୁ ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ପିଏମଶ୍ରୀ ଯୋଜନା, ନିପୂଣ ଓଡ଼ିଶା, ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ, ମଧୁବାବୁ ପେନସନ ଯୋଜନା ଆଦି ସମ୍ପର୍କରେ ବିସ୍ତୃତ ତଥ୍ୟ ସମ୍ପୃକ୍ତ ବିଭାଗ ପକ୍ଷରୁ ପିପିଟି ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ସ୍ୱଚ୍ଛ ଭାରତ ମିଶନ ଅଧୀନରେ ବିଜ୍ଞାପିତ ପରିଷଦ ନିକଟରେ ଥିବା ଗ୍ରାମର ମହିଳା ଏସଏଚଜି ଗୋଷ୍ଠୀ ମହିଳାମାନଙ୍କୁ



## ୧୬ ବିଭାଗ କାର୍ଯ୍ୟକୁ କଲେ ସମୀକ୍ଷା

ଗୃହକୁ ଗୃହ ଯାଇ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଦାୟିତ୍ୱ ଦିଆଯାଇଛି । ମେଗା ପାନୀୟ ଜଳ ପ୍ରୋଜେକ୍ଟ ମାଧ୍ୟମରେ ଜିଲ୍ଲାରେରେ ଥିବା ଜଳକ୍ଲିଷ୍ଟ ଗ୍ରାମଗୁଡିକୁ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ସେତୁ ବନ୍ଧନ ଯୋଜନା କାର୍ଯ୍ୟକାରୀ ସମୟରେ କଞ୍ଚାମାଲର ଅଭାବ, ବ୍ୟକ୍ତି ଗତ ଜମି, ଜୁଆରିଆ ଓ କୁମ୍ଭୀର ପ୍ରବଣ ନଦୀ ନାଳ ଏବଂ ମୃତ୍ତିକା ସମସ୍ୟା ଦେଖାଯାଉଛି ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅବଗତ କରାଯାଇଥିଲା ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗର କାର୍ଯ୍ୟାବଳିକୁ ସମୀକ୍ଷା କରିବା ସହ ଯୋଜନାକୁ ସଫଳ ରୂପାୟନ ନିମନ୍ତେ ବାଧକ ସାଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ପିପିଟି ଗୁଡିକ ସମ୍ପର୍କରେ ସେ ମତ ପୋଷଣ କରିଥିଲେ ଯେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାଗୁଡିକୁ ସଫଳ ରୂପାୟନ ନିମନ୍ତେ ନିଆଯାଇଥିବା ପଦକ୍ଷପଗୁଡିକ ସନ୍ତୋଷଜନକ ଅଛି । ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ସହ ଏହାର ଉପକାରିତା ଲୋକାଭିମୁଖୀ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ ।

ଉକ୍ତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଦୟା ସିନ୍ଧୁ ପରିଡା, ଡେପୁଟି କଲେକ୍ଟର, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧ୍ୟକ୍ଷଣ ଓ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ ।

# ଘର ପାଇଁ ସରକାରଙ୍କୁ ଗୁହାରି

## ଯୋଗ୍ୟତା ଥାଇବି ମିଳିନି ଆବାସ, ସବୁ ଜାଣି ନିରବ ସରପଞ୍ଚ

**ମହାକାଳପଡ଼ା, ୨୧।୧୧ (ସଂଚାର ବ୍ୟୁରୋ):** କେହି ଆଉ କଚ୍ଚା ଘରେ ରହିବେ ନାହିଁ। ସମସ୍ତଙ୍କ ପାଇଁ ମୁଣ୍ଡ ଉପରେ ପକ୍କା ଛାତ କରିବାକୁ ସରକାର ଆଣିଛନ୍ତି ଆବାସ ଯୋଜନା। ଏହି ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ପ୍ରକୃତ ହିତାଧିକାରୀଟିଏ ଯେପରି ଆବାସ ଯୋଜନାରୁ ବଞ୍ଚିତ ନହେବ ସେଥିପାଇଁ ସରକାର ସହଯୋଗ ଯୋଗାଇ ଦେଉଛନ୍ତି। ହେଲେ ସ୍ଥାନୀୟ ଜନପ୍ରତିନିଧି ଓ ଅସାଧୁ ସରକାରୀ କର୍ମଚାରୀମାନଙ୍କ ଦାୟିତ୍ୱହୀନତା ପାଇଁ ଜଣେ ଯୋଗ୍ୟ ହିତାଧିକାରୀ ସରକାରଙ୍କ ଆବାସ ଯୋଜନା ପାଇବାରୁ ବଞ୍ଚିତ ହେଉଛି । ଯାହାଫଳରେ ସରକାରୀ ବ୍ୟବସ୍ଥା ଉପରେ ଲୋକଙ୍କ ଆଶା ତୁଟି ଯାଉଛି।

ଏମିତି ଏକ ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଟିକରପଙ୍ଗା ଗ୍ରାମ ପଞ୍ଚାୟତ ଟିକରପଙ୍ଗା ଗ୍ରାମ ୧୦ ନମ୍ବର ୱାର୍ଡର ରାଜେନ୍ଦ୍ର ଜେନାଙ୍କ ପତ୍ନୀ ରିନାରାଣୀ ଦେଇଙ୍କ ପରିବାର କ୍ଷେତ୍ରରେ। ପରିବାରର ୩ ଜଣ ସଦସ୍ୟ ସ୍ୱାଧୀନତାର ୭୪ ବର୍ଷ ବିତିଯାଇଥିଲେ ମଧ୍ୟ ସରକାରଙ୍କ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇ ପାରିଲେ ନାହିଁ। ନିର୍ବାଚନ ପରେ ନିର୍ବାଚନ ଯାଉଛି, ପ୍ରତିଶ୍ରୁତି ଦେବାରେ କେହିବି ହେଳା କରୁ ନାହାଁନ୍ତି। ଘର ଖଣ୍ଡିଏ ପାଇଁ ଗୁହାରି କରି କରି ଥକି ଗଲେଣି ତଥାପି କେହି ଶୁଣୁ ନାହାଁନ୍ତି। ରିନା ରାଣୀଙ୍କ କହିବା ଅନୁସାରେ ସେ ସମସ୍ତଙ୍କୁ ଘର ଖଣ୍ଡିଏ ପାଇଁ କହିଛନ୍ତି, ହେଲେ କେହିବି ତାଙ୍କ କଥା ଶୁଣୁ



ନାହାଁନ୍ତି। ହେବ ହେବ କହି ବର୍ଷ ପରେ ଗଡ଼େଇ ଚାଲୁଛନ୍ତି। ତାଙ୍କର ପରିସ୍ଥିତି ଉପରେ ସମସ୍ତେ ଯେପରି ଦାଉ ସାଜୁଛନ୍ତି। ଯୋଗ୍ୟ ହିତାଧିକାରୀଟିଏ ସତ୍ତ୍ୱେ ବି ନା ସରପଞ୍ଚ ନା ପ୍ରଶାସନ କେହି ତାଙ୍କ ଦୁଃଖ ଶୁଣୁନାହାନ୍ତି। ଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି। ହେଲେ ଘରଟିଏ ମିଳି ପାରୁନାହିଁ।

ଜଣେ ଯୋଗ୍ୟ ହିତାଧିକାରୀ ହୋଇବି ସ୍ଥାନୀୟ ସରପଞ୍ଚ ଓ ପ୍ରଶାସନ ତାଙ୍କୁ କାହିଁକି ଆବାସ ଯୋଜନାରେ ସାମିଲ କରାଉ ନାହାଁନ୍ତି ତାହାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ଯଥା ସମ୍ଭବ ଜିଲ୍ଲା ପ୍ରଶାସନ ତରଫରୁ ରିନା ରାଣୀଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ ମତ୍ସ୍ୟଦିବସ ପାଳିତ

**କେନ୍ଦ୍ରାପଡା, ୨୧।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ବିଶ୍ୱ ମତ୍ସ୍ୟ ଦିବସ ୨୦୨୪ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ଅରବିନ୍ଦ ଦାସ, ଏଡିଭିଓ ପ୍ରଭଞ୍ଜନ କବି, ଏମ୍‌ଡିଏମ୍ ମନୋଜ କୁମାର ପ୍ରଧାନୀ, ଜିଲ୍ଲା ନାବାର୍ଡ ଅଧିକାରୀ ସ୍ମିତା ବଡଜେନା, ମୃତିକା ସଂରକ୍ଷଣ ବିଭାଗ ନିହାରିକା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଥିବା ମତ୍ସ୍ୟଚାଷୀମାନଙ୍କୁ ରାଜ୍ୟସରକାରଙ୍କର ବିଭିନ୍ନ ମତ୍ସ୍ୟ ଯୋଜନା ସଂପର୍କରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ରାଜନଗର ଶଙ୍ଖପଡା ଗ୍ରାମର କୁଞ୍ଜଲତା ନାୟକଙ୍କୁ ମତ୍ସ୍ୟ ପୋଖରୀ ଯୋଜନାରେ ମାଛ ଚାଷ କରି ସଫଳତା ହାସଲ କରିଥିବା, ସେହିପରି ଡେରାବିଶ ବ୍ଲକର ପୁଷ୍ପଲତା ମହାନ୍ତି ଜୈବପୁଞ୍ଜ ମାଧ୍ୟମରେ ସଭନ ମାଛ ଚାଷ ଓ ଚୁଙ୍ଗୁଡିଚାଷ କରି ସଫଳତା ହାସଲ କରିଛନ୍ତି । ପଟ୍ଟାମୁଣ୍ଡାଇ ଦୋଷିଆର୍ ଗେଡିମା ସ୍ୱୟଂସହାୟିକା ଗୋଷ୍ଠୀ ଗ୍ରାମ ପଂଚାୟତ ପୋଖରୀ ଯୋଜନାରେ ମତ୍ସ୍ୟଚାଷ କରି ସଫଳତା ହାସଲ କରିଥିବାରୁ ଅତିଥିମାନେ ପୁଷ୍ପଗୁଚ୍ଛ, ମାନପତ୍ର ଉପଢୌକନ ପ୍ରଦାନ କରି ସମ୍ମାନୀତ କରିଥିଲେ । ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ କୋକିଳାମଞ୍ଜରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ ମତ୍ସ୍ୟ ଅଧିକାରୀ ଓ ଜିଲ୍ଲାର ବିଭିନ୍ନ ଅଂଚଳରୁ ମତ୍ସ୍ୟଚାଷୀମାନେ ଉପସ୍ଥିତ ଥିଲେ ।

# ପାରିଶ୍ରମିକ ବୃଦ୍ଧି ଓ ଅନ୍ୟ ଦାବି ନେଇ ଆଶା କର୍ମୀଙ୍କ ସମାବେଶ

**କେନ୍ଦ୍ରାପଡା, ୨୧।୧୧ (ସଂଚାର ବ୍ୟୁରୋ):** ଗୁରୁବାର ନିଖିଳ ଓଡ଼ିଶା ଆଶା କର୍ମୀ ମହା ସଂଘ ପକ୍ଷରୁ ପୂର୍ବାହ୍ନ ୧୦ ଘଟିକା ସମୟରେ ତିନିମୁହାଣି ରାମ ମନ୍ଦିର ପ୍ରାଙ୍ଗଣରୁ ଏକ ବିଶାଳ ରାଲିରେ ଶତାଧିକ ଆଶା କର୍ମୀ ମାର୍ଚ୍ଚଘାଇ ସି.ଏଚ. ସିର ପ୍ରାକ୍ତନ ସଂପାଦିକା ଭଗବତୀ ନାୟକ ଓ ଜିଲ୍ଲା ଉପସଭାପତି ଭଜହରି ପ୍ରଧାନ ଏ.ଆଇ.ଟି.ୟୁ.ସିର ନେତା ଅକ୍ଷୟ ମଲ୍ଲିକ, ପଟ୍ଟାମୁଣ୍ଡାଇ ସି.ଏଚ.ସିର ସଭାପତି ମନୋରମା ନାଥ, ରାଜନଗର ସି.ଏଚ୍.ସିର ସଭାପତି କବିତା ରାଉତ, ପ୍ରାକ୍ତନ ସଭାପତି ଶାନ୍ତିଲତା ସାହୁ, ଅଜୟ ସାମଲ, ରଶ୍ମିରେଖା ପରିଡ଼ା, ଗୀତାଞ୍ଜଳି ସାମଲ, ଶଶିରେଖା ମଲ୍ଲିକ, ସୁକାନ୍ତି ବେହେରା, ପାଟକୁରାର ସନ୍ଧ୍ୟାରାଣୀ ବାରିକ, ସତ୍ୟଭାମା ମହାକୁଡ, ଲିଲିବାଳା ମହକୁଡ୍ଡ, ଦମୟନ୍ତୀ କୁଣ୍ଡୁ, ମଇନା ମୁର୍ମୁ , ସୁମିତ୍ରା ଜେନା, ଜୟନ୍ତ ବାରିକ, ପୁଷ୍ପଲତା ବିଶ୍ୱାଳ, ମମତା ଦାସ ଓ ରାଜଲକ୍ଷ୍ମୀ ପଲେଇ ପ୍ରଭୃତିଙ୍କ ନେତୃତ୍ୱରେ ତିନିମୁହାଣୀ ଛକଠାରୁ ଏକ ବିଶାଳ ରାଲି ବାହାରି କଜଳା, ମହୀପାଳ, ନୂଆ ବସଷ୍ଟାଣ୍ଡ, କାକଟ ଛକ ଓ ବଡ଼ହାଟ, ପୁରୁଣା ବସଷ୍ଟାଣ୍ଡ ପ୍ରଭୃତି ଅଞ୍ଚଳ



ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମୁଖରେ ପହଞ୍ଚି ସମସ୍ତ ଆଶାକର୍ମୀ ମାନଙ୍କର ସ୍ଥାୟୀ ନିଯୁକ୍ତି ଏବଂ ୨୬ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ବୃଦ୍ଧି, ଅବସର ପରେ ପେନସନ ଲାଗୁ ଭଳି ପ୍ରାୟ ୧୪ ଗୋଟି ଦାବି ନେଇ ଧାରଣାରେ ବସିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ନାରା ଦେଇଥିଲେ।

ଯଦି ଆଗାମୀ ଦିନରେ ସେମାନଙ୍କର ସମସ୍ତ ଦାବି ଗୁଡ଼ିକ ତୁରନ୍ତ ରାଜ୍ୟ ସରକାର ପୂରଣ ନକରନ୍ତି ତେବେ ଆଶାକର୍ମୀ ମାନେ ରାଜ ରାସ୍ତାକୁ ଓହ୍ଲାଇବା ସହିତ ନବୀନ ସରକାର ଭଳି ମୋହନ ସରକାରଙ୍କୁ ମଧ୍ୟ ଆଗାମୀ ଦିନରେ ଗାଦୀଚ୍ୟୁତ କରିବାକୁ ଆଦୌ ପଛାଇବେ ନାହିଁ ବୋଲି ଚେତାବନୀ ଦେଇ କହିଛି ଆଶା କର୍ମୀ ସଂଘ ।

# କାର୍ତ୍ତିକେଶ୍ୱର ଭସାଣିବେଳେ ଅଳଭା ଗ୍ରାମରୁ ଡକାୟତି

**ପଟ୍ଟାମୁଣ୍ଡାଇ, ୨୧।୧୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଅଳଭା ଗ୍ରାମରେ ଗତକାଲି ରାତି ୮. ୪୫ମିନିଟ ସମୟରେ ଏକ ବଡ଼ଧରଣର ସଶସ୍ତ୍ର ଡକାୟତି ହୋଇଛି । ସ୍ଥାନୀୟ ପୋଲିସ ଏ ସମ୍ପର୍କରେ ଏକ ମୋକଦମା ରୁଜୁ କରି ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ସ୍ଥାନୀୟ ଅଂଚଳରେ ଆଲୋଡନ ସୃଷ୍ଟି କରିଛି ।

**୫ଭରି ସୁନା, ରୁପା ଓ ଟଙ୍କା ଲୁଟ୍**

**ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି**

ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଅଳଭା ଗ୍ରାମର ଶେଷମୁଣ୍ଡ ପମ୍ପ ହାଉସ ଠାରୁ କିଛି ଦୂରରେ ଥିବା ଏକ କୋଠା ଘରେ ବୃଦ୍ଧ ରତ୍ନାକର ଜେନା ଓ ପତ୍ନୀ ହେମଲତା ଜେନା ରହନ୍ତି । ତାଙ୍କ ପୁତ୍ର ପରିବାର ସହ ଭୁବନେଶ୍ୱରରେ ରହନ୍ତି । ଗତକାଲି ଅଳଭା ଗ୍ରାମରେ କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଭସାଣି ଯୋଗୁଁ ଗାଁ ଲୋକମାନେ ଭସାଣି ଉତ୍ସବରେ ବ୍ୟସ୍ତ ଥିଲେ । ଏହି ସୁଯୋଗରେ ଗାଁ ଠାରୁ କିଛି ଦୂରରେ ଏକୁଟିଆ ରହୁଥିବା ବୃଦ୍ଧ ଦମ୍ପତିଙ୍କ ଉପରେ ନଜର ପଡିଥିଲା କିଛି ଦୁର୍ବୃତ୍ତଙ୍କର । ଯାହାଫଳରେ ତାଙ୍କ ଘରୁ ଡକାୟତି କରିବା ପାଇଁ ଯୋଜନା କରି ରାତି ୮. ୪୫ ମିନିଟ ସମୟରେ ମୋଟର ସାଇକେଲରେ ୫ଜଣ ଦୁର୍ବୃତ୍ତ ଆସି ଘର କବାଟ ବାଡେଇ ଥିଲେ । ବେଶୀ ରାତି ହୋଇ ନଥିବାରୁ କୌଣସି ସନ୍ଦେହ ନକରି ବୃଦ୍ଧ ଦମ୍ପତି ଘର କବାଟ ଖୋଲି ଥିଲେ । ଯୋଜନା ଅନୁଯାୟୀ ମୋଟର ସାଇକେଲ ଜଗିବାକୁ ୨ଜଣ ରହି ବାକି ୩ଜଣ ଘର ମଧ୍ୟରେ ପ୍ରବେଶ କରି ବୃଦ୍ଧ ଦମ୍ପତିଙ୍କୁ ମରଣାସ୍ତ୍ରରେ ଆକ୍ରମଣ କରି ଭୟଭୀତ କରିବା ସହିତ ୫ଭରି ସୁନା ରୁପା ଓ ନଗଦ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ ।

ଏ ସମ୍ପର୍କରେ ଗୃହ କର୍ତ୍ତା ରତ୍ନାକର ଜେନା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି । ଖବର ପାଇ କେନ୍ଦ୍ରାପଡ଼ା ଏସ ପି ସିଦ୍ଧାର୍ଥ କଟାରିଆ ଡକାୟତିର ୨୫ମିନିଟ ମଧ୍ୟରେ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ଗୃହକର୍ତ୍ତା ରତ୍ନାକରଙ୍କ ଏତଲାକୁ ଭିତ୍ତି କରି ଆଦର୍ଶ ଥାନା କେଶ ୩୪୩ରେ ଏକ ଡକାୟତି ମାମଲା ରୁଜୁ କରି ସ୍ଥାନୀୟ ପୋଲିସ ତଦନ୍ତ ଆରମ୍ଭ କରିଛି । ଆଜି ଆଦର୍ଶ ଥାନା ଆଇ ଆଇ ସି ସୁଶାନ୍ତ ସାହୁ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହିତ ଅଳଭା ଗ୍ରାମର ଡକାୟତି ସ୍ଥଳକୁ ତନାଘନା ତଦନ୍ତ ଆରମ୍ଭ କରିଛନ୍ତି। ଏହି ମାମଲାକୁ ଗୁରୁତର ସହକାରେ ନେଇ ଆଦର୍ଶ ଥାନା ପୋଲିସ ତଦନ୍ତ ଜାରି ରଖିଛି ।

# ବ୍ଲକସ୍ତରୀୟ ଖରିଫ ଧାନ ସଂଗ୍ରହ ପ୍ରଶିକ୍ଷଣ ଶିବିର



**ରାଜନଗର, ୨୧।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଆଜି ବ୍ଲକସ୍ତରୀୟ ଖରିଫ ଧାନ ସଂଗ୍ରହ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି।

ରାଜନଗର ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସ ଯୋଗଦେଇ ଚଳିତବର୍ଷ ଖରିଫ ଋତୁରେ ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ ନିମିତ ରାଜ୍ୟ ସରକାରଙ୍କ ଗାଇଡଲାଇନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। କୁଇଟାଲ ପିଛା ୨୩ଶହ ଟଙ୍କା ସହିତ ବୋନସ ବାବଦ ୮ଶହ ଟଙ୍କା ମୋଟ ୩୧ଶହ ଟଙ୍କାରେ ଧାନ ସଂଗ୍ରହ କରାଯିବ। ଏଥିପାଇଁ ପଞ୍ଚାୟତ ସ୍ତରରେ ରହିଥିବା ନୋଡାଲ ଅଧିକାରୀମାନେ ଧାନର ମାନ ନିର୍ଦ୍ଧାରଣ କରିବା କ୍ଷେତ୍ରରେ ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ। ଏଥିସହିତ ପାକ୍ସ ସମ୍ପାଦକମାନେ ଧାନକ୍ରୟ ସମୟରେ ସ୍ୱଚ୍ଛତା ଅବଲମ୍ବନ କରିବା ଏବଂ ଚାଷୀମାନଙ୍କ ଠାରୁ ଠିକ୍ ଭାବେ ଧାନ କିଣିବା ପାଇଁ ପରାମର୍ଶ ଦେଇଥିଲେ।

ଏହି ପ୍ରଶିକ୍ଷଣ ଶିବିରରେ ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି, ଏସିଏସଓ ପୁନମ ଜେନା, ଆସିଷ୍ଟାଂଟ ପୋଗ୍ରାମ ଅଫିସର ଶୁଭଙ୍କର ନାଥ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ବିଶ୍ୱ ପ୍ରକାଶ ସାମଲଙ୍କ ସମେତ ୧୪ଟି ପାକ୍ସର ସମ୍ପାଦକ, ସହ ସମ୍ପାଦକ, ଭିଏଡବ୍ଲୁ, ପିଇଓ, ଆରଆଇ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।

# ଭଙ୍ଗା ପରିବାରକୁ ଯୋଡ଼ିଲେ ପରିବାର ଅଦାଲତ ବିଚାରପତି

**କେନ୍ଦ୍ରାପଡା, ୨୧।୧୧ (ସଂଚାର ବ୍ୟୁରୋ):** ଭଙ୍ଗା ପରିବାରକୁ ଯୋଡ଼ିଛନ୍ତି ପରିବାର ଅଦାଲତର ବିଚାରପତି ଦେବାଶିଷ ପଣ୍ଡା । କେନ୍ଦ୍ରାପଡ଼ା ଜିଲ୍ଲାର ଏକ ବିବାହ ବିଚ୍ଛେଦ ମାମଲାର ଆପୋଷ ସମାଧାନ କରାଇ ଭଙ୍ଗା ପରିବାରକୁ କେନ୍ଦ୍ରାପଡ଼ାର ପରିବାର ଅଦାଲତ ଯୋଡିଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ କପାଳେଶ୍ୱର ଗ୍ରାମର ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁତ୍ର ମିହିର କୁମାର ମହାନ୍ତି ତନ୍ତିଆପାଳ ଥାନା ଅନ୍ତର୍ଗତ ଶଶୀଭୂଷଣ ପଟ୍ଟନାୟକଙ୍କର କନ୍ୟା ଶୁଭଶ୍ରୀ ପଟ୍ଟନାୟକଙ୍କୁ ୨୦୧୮ ମସିହାରେ ବିବାହ କରିଥିଲେ। ଉଭୟଙ୍କ ଔରଷରୁ ୨ଗୋଟି ସନ୍ତାନ ଜନ୍ମଗ୍ରହଣ କରିଥିଲେ। ସାମାନ୍ୟ ପାରିବାରିକ



ସମସ୍ୟାକୁ ନେଇ ସ୍ୱାମୀ ମିହିର କୁମାର ମହାନ୍ତି ପରିବାର ଅଦାଲତରେ ବିବାହ ବିଚ୍ଛେଦ ମାମଲା ଦାୟର କରିଥିଲେ । ଉଭୟ କୋର୍ଟରେ ହାଜିର୍ ହେବାପରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତଥା ଜିଲ୍ଲା ଜର୍ଜ ବିଶ୍ୱଜିତ ମହାନ୍ତି କେଶ୍ ପରିଚାଳନା କରିବାପାଇଁ କହିଥିଲେ । ଶ୍ରୀ ସାହୁ ପୁଷ୍ପଲତା ପକ୍ଷରୁ ମାମଲା ପରିଚାଳନା କରୁଥିବାବେଳେ ବିଭୁତି ଭୂଷଣ କର ସ୍ୱାମୀଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ । ମାନ୍ୟବଚର ବିଚାରପତି ଉଭୟ ଓକିଲଙ୍କ ଉପସ୍ଥିତିରେ ଦମ୍ପିଙ୍କୁ ବୁଝାଇବା ପରେ ଦମ୍ପତି ବିଚାରପତିଙ୍କ କଥାରେ ରାଜି ହୋଇ ହସଖୁସିରେ ଫେରିଥିବା ଜଣାପଡିଛି ।

# ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କ ପଟ୍ଟାମୁଣ୍ଡାଇ ହସ୍ପିଟାଲ ପରିଦର୍ଶନ

**ପଟ୍ଟାମୁଣ୍ଡାଇ, ୨୧।୧୧ (ସଂଚାର ବ୍ୟୁରୋ):** ଓଡିଶାର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି, ତୃଣସ୍ତରରେ ଯୋଜନାର ସ୍ଥିତି ଓ ବିକାଶ ପ୍ରକ୍ରିୟା ଅନୁଧ୍ୟାନ ପାଇଁ ବରିଷ୍ଠ ଆଇ ଏ ଏସ ଅଫିସରଙ୍କ ବିଭିନ୍ନ ଜିଲ୍ଲାର ନୋଡାଲ ଅଫିସର ଭାବେ ନିଯୁକ୍ତି ଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ନୋଡାଲ ଅଫିସର ଭାବେ ଅତିରିକ୍ତ ମୁଖ୍ୟ ଶାସନସଚିବ ଜି ମାଜିଥନଙ୍କୁ ନିଯୁକ୍ତି ଦିଆଯାଇଛି । ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଆରୋପ କରୁଥିବାରୁ ଜିଲ୍ଲା ନୋଡାଲ ଅଫିସର ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜିମାଜିଥନ ଜିଲ୍ଲା ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମି ପରଖିବା ଆରମ୍ଭ କରିଛନ୍ତି ।

କେନ୍ଦ୍ରାପଡ଼ା ଜିଲ୍ଲାର ଅଘୋଷିତ ସବଡିଭିଜନ ଭାବେ ପରିଗଣିତ ପଟ୍ଟାମୁଣ୍ଡାଇ ଅଂଚଳର ସ୍ୱାସ୍ଥ୍ୟସେବା କିପରି ଚାଲିଛି ତାର ସ୍ଥିତି ପରଖି ପାଇଁ ସରକାର ଅଣ୍ଟା ଭିଡିଛନ୍ତି। ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସବଡିଭିଜନ ହସ୍ପିଟାଲ ମାନ୍ୟତା ପାଇଥିଲେ ମଧ୍ୟ ଡାକ୍ତର ଅଭାବ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ହସ୍ପିଟାଲରେ ୧୧ଜଣ ଓ ଗ୍ରାମାଞ୍ଚଳରେ ୭ଜଣ ଡାକ୍ତର ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ରୋଗୀ ସେବା କ୍ଷେତ୍ରରେ ଥିବା ଅବ୍ୟବସ୍ଥା ବିଭିନ୍ନ ସମ୍ବାଦପତ୍ର ପୃଷ୍ଠା ମଣ୍ଡନ କରିବା ସହିତ ବିଭିନ୍ନ ସଂଗଠନ ଅସନ୍ତୋଷ ପ୍ରକାଶ କରିବା ଦେଖାଯାଉଛି । ରାଜ୍ୟ ସରକାର ଏ ଦିଗରେ ଅବଗତ ହେବା ପରେ ଜିଲ୍ଲା ନୋଡାଲ ଅଫିସର ଦାୟିତ୍ୱରେ ଥିବା ଜି ମାଜିଥନଙ୍କୁ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ସ୍ଥିତି ପରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଜି ଜିଲ୍ଲା ନୋଡାଲ ଅଫିସର ତଥା ଅତିରିକ୍ତ ମୁଖ୍ୟ ଶାସନସଚିବ ଜି ମାଜିଥନ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ସିଡିଏମଓ ଡା ପ୍ରମୋଦ ପ୍ରହରାଜ ପ୍ରମୁଖ ଏକ ଉଚ୍ଚସ୍ତରୀୟ ପ୍ରଶାସନିକ ଟିମ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲକୁ ଯାଇ ରୋଗୀ ସେବା, ନିରାମୟ ଯୋଜନାରେ ମାଗଣା ଔଷଧ ବଣ୍ଟନ, ବିଭିନ୍ନ ବେଡ଼ରେ ଥିବା ରୋଗୀଙ୍କୁ ଚିକିତ୍ସା ବ୍ୟବସ୍ଥା ଓ ହସ୍ପିଟାଲରେ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ପଚାରି ବୁଝିବା ସହିତ ଭିତ୍ତିଭୂମିର ସ୍ଥିତି ପରଖି ଥିଲେ ।

## ରୋଗୀ ସେବା, ମାଗଣା ଔଷଧ ବଣ୍ଟନ ଓ ଭିତ୍ତିଭୂମି ଅନୁଧ୍ୟାନ
## ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ଦଳିତ ଜାତି ସଂଘର ଦାବିପତ୍ର

ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରାକାର ପରିଡା ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ଜିଲ୍ଲା ନୋଡାଲ ଅଫିସର ମାଜିଥନ, ଜିଲ୍ଲାପାଳ ଓ ସି ଡି ଏମ ଓଙ୍କୁ ସମସ୍ତ ବିଭାଗ, ରୋଗୀ ସେବା, ନିରାମୟ କେନ୍ଦ୍ର ଓ ଭିତ୍ତିଭୂମି ଆଦି ବୁଲାଇ ଦେଖାଇ ଥିଲେ । ଏହି ପରିଦର୍ଶନ ସମୟରେ ଆମ୍ବେଦକର ଦଳିତ ଜାତି ସଂଘ ପକ୍ଷରୁ ସର୍ବେଶ୍ୱର ସେଠୀ, କଳ୍ପତରୁ ମଲିକ, ଗୋଲକ ମଲିକ, ଉତ୍ତମ ମଲିକ, ଦିଲ୍ଲୀପ ମଲିକ ଓ ଖଗେଶ୍ୱର ମଲିକ ପ୍ରମୁଖ ବହୁ ସଦସ୍ୟ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ଭେଷଜ ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ , ସ୍ତ୍ରୀ ରୋଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ସର୍ଜରୀ ବିଶେଷଜ୍ଞ ଓ ନିଦାନ ବିଶେଷଜ୍ଞ ଆଦି ପଦବୀ ଖାଲି ପଡିଥିବାରୁ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହ ଖାଲି ପଡ଼ିଥିବା ଡାକ୍ତର ନିଯୁକ୍ତ କରିବା ପାଇଁ ଦାବୀପତ୍ର ପ୍ରଦାନ କରିଥିଲେ ।

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରେରିତ ଏହି ଉଚ୍ଚସ୍ତରୀୟ ପ୍ରଶାସନିକ ଅଧିକାରୀ ଗସ୍ତ ପରେ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ସ୍ୱାସ୍ଥ୍ୟ ସେବାରେ ସୁଧାର ଆସିବ ବୋଲି ସାଧାରଣରେ ଆଶା କରାଯାଉଛି ।

### ଗହୀରମଥାରେ ଅଘଟଣ

# ସମୁଦ୍ରରେ ପାଟ୍ରୋଲିଂ ବେଳେ ହୃଦ୍‌ଘାତରେ ଆଖିବୁଜିଲେ ବନକର୍ମଚାରୀ

**ରାଜନଗର, ୨୧।୧୧ (ସଂଚାର ବ୍ୟୁରୋ):** ଗହୀରମଥା ନିଷିଦ୍ଧାଞ୍ଚଳରେ ଅଲିଭରିଡଲେ କଇଁଛଙ୍କ ପ୍ରଜନନ ସମୟରେ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଗଭୀର ସମୁଦ୍ରରେ ପଇଁତରା ଦେଉଥିବା ବେଳେ ରାଜନଗର ବନବିଭାଗର ଟ୍ରଲର ଡ୍ରାଇଭର ହୃଦଘାତରେ ସବୁଦିନ ପାଇଁ ଆଖି ବୁଜିଛନ୍ତି। ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ବନବିଭାଗର ଆଇନକୁ ବେଖାତିର କରି ଏକ ଟ୍ରଲର ମାଛ ଧରୁଥିବା ବେଳେ ଟ୍ରଲରକୁ କାବୁ କରିବା ସମୟରେ ଏହି ଅଘଟଣ ଘଟିଛି। ହୃଦଘାତରେ ପ୍ରାଣ ହରାଇବା ଜାଣିବା ପରେ ସେଥିରେ ଥିବା ବନକର୍ମଚାରୀମାନେ ଟ୍ରଲରକୁ କୂଳକୁ ଆଣି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତି କରିଥିଲେ। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ମୃତ ଘୋଷଣା କରିଥିଲେ।

ମୃତ ଚଞ୍ଚଳଙ୍କ ଘର ମହାକାଳପଡ଼ା ବ୍ଲକ ମୁଣ୍ଡତଳସାହାଡାକଣି ଗାଁରେ। ଶବ ବ୍ୟବଚ୍ଛେଦ ପରେ ତାଙ୍କର ଶେଷକୃତ୍ୟ ଗାଁ ଶ୍ମଶାନରେ ସମ୍ପନ୍ନ ହୋଇଛି। ଏସିଏଫ ମାନସ କୁମାର ଦାସ, ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣା ଓ ଗହୀରମଥା ରେଞ୍ଜର ସମସ୍ତ ବନକର୍ମଚାରୀ ଶ୍ମଶାନରେ ଉପସ୍ଥିତ ରହି ଶେଷକୃତ୍ୟ ସାରିଛନ୍ତି। ମୃତ ପରିବାରକୁ ବନବିଭାଗ ପକ୍ଷରୁ ଶେଷକୃତ୍ୟ ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଡ୍ୟୁଟି ସମୟରେ ଚଞ୍ଚଳଙ୍କ ମୃତ୍ୟୁ ହୋଇଥିବାରୁ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହିତ ତାଙ୍କ ପୁଅକୁ ଚାକିରୀ ଦେବାକୁ ପରିବାର ଲୋକେ ଓ



(ଜବତ ଟ୍ରଲର)

ଗ୍ରାମବାସୀ ଏସିଏଫ ଓ ଡିଏଫଓଙ୍କୁ ଭେଟି ଦାବୀ କରିଛନ୍ତି। ଇନସ୍ୟୁରାନ୍ସ ଅର୍ଥ ସହିତ ଆଉଟସୋର୍ସିଂ ସଂସ୍ଥା ପକ୍ଷରୁ ଆର୍ଥିକ ସହାୟତା ମିଳିବ ଓ ତାଙ୍କ ପୁଅକୁ ଚାକିରୀ ମିଳିବ ବୋଲି ବନବିଭାଗ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଦୀର୍ଘ ୧୫ବର୍ଷ ହେଲା ଚଞ୍ଚଳ ବନବିଭାଗରେ କାମ କରି ଆସୁଛନ୍ତି।

# ଡାଟା ଫୋରମ୍ ଶୀର୍ଷକ ଦୁଇ ଦିନିଆ କର୍ମଶାଳା




**ଭୁବନେଶ୍ୱର,୨୧।୧୧(ସଂଚାର ବ୍ୟୁରୋ):** ପରସ୍ପର ସହ ଜଡ଼ିତ ଦୁନିଆରେ ତଥ୍ୟ ଭିତ୍ତିକ ନିଷ୍ପତ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ନୀତି ନିର୍ମାତା, ନିବେଶକ, ଗବେଷକ ଏବଂ ନାଗରିକମାନଙ୍କୁ ଜଟିଳ ଆହ୍ୱାନଗୁଡ଼ିକୁ ଅନୁଧ୍ୟାନ କରି ପ୍ରଭାବଶାଳୀ ଯୋଜନା ଏବଂ ନୀତି ନିର୍ଦ୍ଧାରଣକୁ ପ୍ରୋତ୍ସାହିତ କରିଥାଏ। ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଅର୍ଥନୀତି କିମ୍ବା ପରିବେଶ ସ୍ଥାୟିତ୍ୱ କ୍ଷେତ୍ରରେ, ବିଶ୍ୱସନୀୟ, ବ୍ୟାପକ ଏବଂ ସମୟୋପଯୋଗୀ ତଥ୍ୟର ନିତାନ୍ତ ଆବଶ୍ୟକତା ରହିଛି ବୋଲି ଆଜି ଏହି ପରିପ୍ରେକ୍ଷୀରେ ଅତିଥି ଓ ବକ୍ତାମାନେ ପ୍ରକାଶ କରିଛନ୍ତି। ଆଜି ସ୍ଥାନୀୟ ହୋଟେଲ ଭିଭାନ୍ତା ଠାରେ ନୀତି ଆୟୋଗ, ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରାଳୟ (ଏମଓଏସପିଆଇ) ର ମିଳିତ ଆନୁକୂଲ୍ୟରେ ଏବଂ ବିଶ୍ୱବ୍ୟାଙ୍କ ସହାୟତାରେ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ସହଯୋଗରେ ଆଜିଠାରୁ ଆୟୋଜିତ 'ଡାଟା ଫୋରମ୍ - ୨୦୨୪' ଶୀର୍ଷକ ଦୁଇ ଦିନିଆ କର୍ମଶାଳାରେ ଯୋଗଦେଇ ଅତିଥି ଓ ବିଶେଷଜ୍ଞ ବକ୍ତାମାନେ ପ୍ରକାଶ କରିଛନ୍ତି। ଏହି କର୍ମଶାଳା ନଭେମ୍ବର ୨୧ ଓ ୨୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, ଭାରତ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍ ଇତ୍ୟାଦି ଅଂଶଗ୍ରହଣ କରିଛନ୍ତି। ଏହି କର୍ମଶାଳା ନୀତି ଆୟୋଗର ରାଜ୍ୟ କର୍ମଶାଳା ଶୃଙ୍ଖଳାର ଦ୍ୱିତୀୟ କାର୍ଯ୍ୟକ୍ରମ। ଏହି ଶୃଙ୍ଖଳାର ପ୍ରଥମ କର୍ମଶାଳା ଗତ ୨୦୨୩ ନଭେମ୍ବର ୧୭ରେ ଉତ୍ତରପ୍ରଦେଶର ଲକ୍ଷ୍ନୌ ସହରରେ ଅନୁଷ୍ଠିତ ହୋଇଥିଲା।

# ଦ୍ୱିତୀୟ ଭାରତ-କାରିକମ୍ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଉଦଯାପନୀ ଭାଷଣ



**ନୂଆଦିଲ୍ଲୀ,୨୧।୧୧:** ଆପଣମାନେ ଦେଇଥିବା ମୂଲ୍ୟବାନ ପରାମର୍ଶ ଏବଂ ବ୍ୟକ୍ତ କରିଥିବା ସକାରାତ୍ମକ ଚିନ୍ତାଧାରା ମୁଁ ସ୍ୱାଗତ କରୁଛି । ଭାରତର ପ୍ରସ୍ତାବ ସହ ମୋର ଟିମ ଆପଣଙ୍କ ସହିତ ସମସ୍ତ ବିବରଣୀ ବାଣ୍ଟିବ ଏବଂ ଆମେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମସ୍ତ ବିଷୟ ଉପରେ ଆଗକୁ ବଢ଼ିବା । ମାନ୍ୟବର, ଭାରତ ଏବଂ କାରିକମ୍ ଦେଶ ମଧ୍ୟରେ ସମ୍ପର୍କ ଆମର ଅତୀତର ସହଭାଗୀ ଅନୁଭୂତି, ଆମ ବର୍ତ୍ତମାନର ଆବଶ୍ୟକତା ଏବଂ ଭବିଷ୍ୟତ ପାଇଁ ଆମର ସହଭାଗୀ ଆକାଂକ୍ଷା ଉପରେ ଆଧାରିତ । ଏହି ସମ୍ପର୍କକୁ ନୂତନ ଉଚ୍ଚତାକୁ ନେବାକୁ ଭାରତ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ଆମର ସମସ୍ତ ପ୍ରୟାସରେ, ଆମେ ଗ୍ଲୋବାଲ୍ ସାଉଥର ଚିନ୍ତା ଏବଂ ଏହାର ପ୍ରାଥମିକତା ଉପରେ ଧ୍ୟାନ କେନ୍ଦ୍ରୀତ କରିଛୁ। ଭାରତର ଅଧ୍ୟକ୍ଷତାରେ ଗତ ବର୍ଷ ଅନୁଷ୍ଠିତ ଜି-୨୦ ଗ୍ଲୋବାଲ୍ ସାଉଥର ସ୍ୱର ଭାବରେ ଉଭା ହୋଇଥିଲା। ଗତକାଲି, ବ୍ରାଜିଲରେ ମଧ୍ୟ ମୁଁ ବିଶ୍ୱ ସମୁଦାୟକୁ ଗ୍ଲୋବାଲ୍ ସାଉଥର ଦେଶଗୁଡ଼ିକୁ ପ୍ରାଥମିକତା ଦେବା ପାଇଁ ଆହ୍ୱାନ ଦେଇଥିଲି । ମୁଁ ଖୁସି ଯେ ଭାରତ ଏବଂ ଆମର ସମସ୍ତ କାରିକମ୍ ବନ୍ଧୁମାନେ ସହମତ ଅଛନ୍ତି ଯେ ବିଶ୍ୱ ଅନୁଷ୍ଠାନରେ ସଂସ୍କାର ଆବଶ୍ୟକ । ସେମାନେ ଆଜିର ଦୁନିଆ ଏବଂ ଆଜିର ସମାଜ ଅନୁଯାୟୀ ନିଜକୁ ଗଢ଼ିବାର ଆବଶ୍ୟକତା ରହିଛି। ଏହା ହେଉଛି ସମୟର ଆବଶ୍ୟକତା । ଏହାକୁ ଏକ ବାସ୍ତବତାରେ ପରିଣତ କରିବାକୁ, କାରିକମ୍‌ର ସମର୍ଥନ ସହିତ ଘନିଷ୍ଠ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାନ୍ୟବର, ଆଜି ଆମର ବୈଠକରେ ନିଆଯାଇଥିବା ନିଷ୍ପତ୍ତି, ପ୍ରତ୍ୟେକ କ୍ଷେତ୍ରରେ ଆମ ସହଯୋଗରେ ନୂତନ ଦିଗ ସଂଯୋଗ କରିବ । ଆମର ସକାରାତ୍ମକ ସହଯୋଗକୁ ଆଗକୁ ନେବାକୁ, ତୃତୀୟ କାରିକମ୍ ସମ୍ମିଳନୀ ଭାରତରେ ଆୟୋଜନ କରିବାକୁ ମୁଁ ପ୍ରସ୍ତାବ ଦେଉଛି । ମୁଁ ପୁଣି ଥରେ ରାଷ୍ଟ୍ରପତି ଇରଫାନ୍ ଅଲି, ପ୍ରଧାନମନ୍ତ୍ରୀ ଡିକନ୍ ମିଶେଲ୍, କାରିକମ୍ ସଚିବାଳୟ ଓ ଆପଣ ସମସ୍ତଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି ।

## ମୋଦୀଙ୍କୁ ଗୁୟାନାର ଅର୍ଡର୍ ଅଫ୍ ଏକ୍ସଲେନ୍ସରେ ସମ୍ମାନିତ



**ନୂଆଦିଲ୍ଲୀ,୨୧।୧୧:** ଗୁୟାନାର ରାଷ୍ଟ୍ରପତି ଆଜି ଷ୍ଟେଟ୍ ହାଉସ୍‌ରେ ଆୟୋଜିତ ଏକ ସମାରୋହରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ "ଦ ଅର୍ଡର୍ ଅଫ୍ ଏକ୍ସଲେନ୍ସ" ପ୍ରଦାନ କରିଛନ୍ତି। ଜଣେ ଦୂରଦର୍ଶୀ ରାଜନେତା ରୂପରେ ବିଶ୍ୱ ମଞ୍ଚରେ ବିକାଶଶୀଳ ରାଷ୍ଟ୍ରଙ୍କ ଦାବି ଉଠାଇବା, ବିଶ୍ୱ ସମୁଦାୟ ପାଇଁ ଅତୁଳନୀୟ ସେବା ତଥା ଭାରତ-ଗୁୟାନାର ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ତାଙ୍କର ପ୍ରତିବଦ୍ଧତା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପୁରସ୍କାର ଗ୍ରହଣ କରିବାବେଳେ ପ୍ରଧାନମନ୍ତ୍ରୀ ଏହି ସମ୍ମାନ ଭାରତର ଲୋକମାନଙ୍କୁ ତଥା ଦୁଇ ଦେଶର ଲୋକଙ୍କ ମଧ୍ୟରେ ଥିବା ଗଭୀର ଐତିହାସିକ ସମ୍ପର୍କକୁ ଉତ୍ସର୍ଗ କରିଥିଲେ। ସେ କହିଥିଲେ ଯେ ତାଙ୍କ ଗସ୍ତ ଭାରତ-ଗୁୟାନାର ବନ୍ଧୁତାକୁ ଗଭୀର କରିବା ଦିଗରେ ଭାରତର ନିରନ୍ତର ପ୍ରତିବଦ୍ଧତାର ପ୍ରମାଣ। ଗୁୟାନାର ସର୍ବୋଚ୍ଚ ଜାତୀୟ ସମ୍ମାନ ପାଇବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚତୁର୍ଥ ବିଦେଶୀ ନେତା।

### ଅଚ୍ୟୁତଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

# ୪୩ତମ ବିଶ୍ୱ କବି ସମ୍ମିଳନୀ



**ଭୁବନେଶ୍ୱର,୨୧।୧୧(ସଂଚାର ବ୍ୟୁରୋ):** ୪୩ତମ ବିଶ୍ୱ କବି ସମ୍ମିଳନୀ ଅବସରରେ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ଓ ରବୀନ୍ଦ୍ର ନାଥ ଟାଗୋର ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷା, ସମାଜସେବ. କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ବିକାଶ ଆଣିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଥିବା ଶ୍ରୀ ସାମନ୍ତଙ୍କୁ ୱାର୍ଲ୍ଡ ଆକାଡେମୀ ଅଫ୍ ଆର୍ଟ ଆଣ୍ଡ କଲଚର (ଡବ୍ଲୁଏଏସି) ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଆଜି ମଦୁରାଇଠାରେ ଅନୁଷ୍ଠିତ ୱାର୍ଲଡ୍ ପୋଏଟ କଂଗ୍ରେସର ୪୩ତମ ସଂସ୍କରଣ ଉଦ୍‌ଘାଟନୀ ଉତ୍ସବରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ୩୦ଟି ଦେଶର ବହୁ ବିଶିଷ୍ଟ କବିଙ୍କ ଉପସ୍ଥିତିରେ ବିଶିଷ୍ଟ ଧର୍ମଗୁରୁ ଥାଭାଥିରୁ କୁନ୍ଦ୍ରାକୁଡ଼ି ପୋନାମବାଲା ଆଡ଼ିଗଲାର ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଏହା ସହିତ କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ବ୍ୟାପକ କାର୍ଯ୍ୟ କରୁଥିବା ସାମନ୍ତଙ୍କୁ ରବୀନ୍ଦ୍ର ନାଥ ଟାଗୋର ସମ୍ମାନ ପ୍ରଦାନ କରାଯାଇଛି । ସେତୁ ଭାସ୍କର ଗ୍ରୁପ୍‌ର ଅଧ୍ୟକ୍ଷ ଡ. ସେତୁ କୁମାନନ ଶ୍ରୀ ସାମନ୍ତଙ୍କୁ ସମ୍ମାନ ପ୍ରଦାନ କରିଥିଲେ। କଳା, ସଂସ୍କୃତି ଓ ସାହିତ୍ୟର ବିକାଶ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଅଚ୍ୟୁତ ସାମନ୍ତଙ୍କୁ ୱାର୍ଲଡ୍ ପୋଏଟ କଂଗ୍ରେସର କାର୍ଯ୍ୟକାରିଣୀ ବୋର୍ଡ ସଦସ୍ୟ ଭାବେ ମନୋନୀତ କରାଯାଇଛି । ୱାର୍ଲଡ୍ ପୋଏଟ କଂଗ୍ରେସର ଅନୁମୋଦନ କ୍ରମେ ଶ୍ରୀ ସାମନ୍ତଙ୍କୁ ଏହାର ସଦସ୍ୟ କରାଯାଇଛି ।

# ସୁରକ୍ଷିତ ୱେବ ଓ ଡିଜିଟାଲ ବ୍ୟବହାରକୁ ଗୁରୁତ୍ୱ




**ଭୁବନେଶ୍ୱର,୨୧।୧୧(ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ଚାଇଲ୍ଡ ଫଣ୍ଡ, ଇଣ୍ଡିଆର ମିଳିତ ଆନୁକୂଲ୍ୟରେ#websafe Andwise ଅଭିଯାନ ଶୁଭାରମ୍ଭ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ ହୋଟେଲରେ ଆୟୋଜନ ହୋଇଯାଇଛି। ପିଲାମାନଙ୍କ ପ୍ରତି ହେଉଥିବା ଡିଜିଟାଲ ଶୋଷଣ ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଏହା ବିରୋଧରେ ଲଢ଼ିବା ପାଇଁ ପରିବାର, ବିଦ୍ୟାଳୟ ଓ ଅନ୍ୟ ଅନୁଷ୍ଠାନର ସହଯୋଗକୁ ସୁଦୃଢ଼ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ଓ ସମାଜ କଲ୍ୟାଣର ନିର୍ଦ୍ଦେଶିକା ମିସ ମୋନିଷା ବାନାର୍ଜୀ, ଓଡ଼ିଶା ପୋଲିସ ଆଇଜି ଶ୍ରୀମତୀ ସାଇନି ଏସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମାନସିକ ସ୍ୱାସ୍ଥ୍ୟ ଅତିରିକ୍ତ ନିର୍ଦ୍ଦେଶିକା ଡ଼. ରେଖା ଭାଗତ, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷ୍ୟା ଶ୍ରୀମତୀ ମନ୍ଦାକିନୀ କର, ଚାଇଲଡ୍ ଫଣ୍ଡ, ଇଣ୍ଡିଆର ବୋର୍ଡ ସଦସ୍ୟ ଶ୍ରୀ ରାଜେଶ ରଞ୍ଜନ ସିଂ, ଚାଇଲଡ୍ ଫଣ୍ଡ,ଇଣ୍ଟରନ୍ୟାସନାଲର ମୁଖ୍ୟ ଇମ୍ପାକ୍ଟ ଏବଂ ଇନୋଭେଶନ ଅଫିସର ମିସେସ କାରେନ ଜେ ହାନରାହନ୍ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶିଶୁ ସୁରକ୍ଷା ସହ ଜଡ଼ିତ ଥିବା ଦେଶ ଓ ବିଦେଶର ବହୁ ସରକାରୀ ଓ ବେସରକାରୀ ସଂଗଠନର ପ୍ରତିନିଧିବୃନ୍ଦ ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ତଥା ସମାଜ କଲ୍ୟାଣର ନିର୍ଦ୍ଦେଶିକା ମିସ୍ ବାନାର୍ଜୀ ଆଜିର ପିଲାମାନଙ୍କୁ ଏକ ସ୍ୱାଧୀନ ଓ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ । ଆଜିର ଡିଜିଟାଲ ଯୁଗରେ ପିଲାଙ୍କ ସନ୍ଦେହ ଦୂର କରିବା ଓ ସେମାନଙ୍କ ଅଭିଯୋଗ ଶୁଣିବା ପାଇଁ ପିତାମାତା ଧୈର୍ଯ୍ୟବାନ ହେବା ସହ ପିଲାମାନଙ୍କ ପାଇଁ ସମୟ କାଢ଼ିବା ନିହାତି ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ । ଓଡ଼ିଶା ପୋଲିସ ଆଇଜି ଶ୍ରୀମତୀ ସାଇନି ଏସ, ଶିଶୁ ସୁରକ୍ଷା କ୍ଷେତ୍ରରେ ପୋଲିସର ଆଭିମୁଖ୍ୟ ପ୍ରଦାନ କରି କହିଲେ ଯେ ପୋଲିସ ଅଫିସରକୁ ଭୟ ନକରି ଅନଲାଇନ ଶୋଷଣ ବିରୋଧରେ ପିଲାମାନେ ସାହସର ସହିତ ପୋଲିସକୁ ଜଣାଇବା ଦରକାର ।

# ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ହେବ ସ୍ୱାବଲମ୍ବୀ

### ପ୍ରତିଷ୍ଠା ହେବ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଶ୍ୱବିଦ୍ୟାଳୟ




**ଭୁବନେଶ୍ୱର,୨୧।୧୧(ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା' ଓ 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀ ବୀ କଲ୍ୟାଣ ଯୋଜନା' ମାଧ୍ୟମରେ ଓଡ଼ିଶାକୁ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ କରାଯାଇପାରିବ । ମତ୍ସ୍ୟଚାଷୀଙ୍କ ରୋଜଗାର ବୃଦ୍ଧ, ଜୀବିକାରେ ଉନ୍ନତି, ଲାଭଦାୟକ ନିଯୁକ୍ତି ସୃଷ୍ଟି, ପୁଷ୍ଟି ସୁରକ୍ଷା ଓ ରପ୍ତାନି ବୃଦ୍ଧିରେ ମତ୍ସ୍ୟ ଓ ଜଳକୃଷିର ପ୍ରମୁଖ ଭୂମିକା ରହିଥିବାବେଳେ ରାଜ୍ୟ ସରକାର ମଧ୍ୟ କ୍ଷେତ୍ରର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି କ୍ଷେତ୍ରରେ ମତ୍ସ୍ୟଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ ଓ ଯୁବଗୋଷ୍ଠୀ ଅଧିକ ସଂପୃକ୍ତ ହେବା ଉପରେ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗୁରୁତ୍ୱାରୋପ କରିଛନ୍ତି । ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ ଆନୁକୂଲ୍ୟରେ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଂଜିନିୟର୍ସରେ ଆୟୋଜିତ ଏକ ମତ୍ସ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ମଲ୍ଲିକ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷରୁ ଆଗାମୀ ୨୦୨୮- ୨୯ ବର୍ଷ ପାଇଁ ୨୨୩୯ କୋଟି ଟଙ୍କା ବ୍ୟୟ ଅଟକଳରେ ୧୭୮ ରୂପଜଳା ବିଶିଷ୍ଟ 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' ରାଜ୍ୟରେ ମଧ୍ୟ କ୍ଷେତ୍ର ଅଣିବର୍ଷ ଦିଗରେ ସହାୟକ ହେବ । ମତ୍ସ୍ୟ କ୍ଷେତ୍ରରେ ରାଜ୍ୟର ସଫଳତା ଉଲ୍ଲେଖ କରି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ ୨୦୨୩- ୨୪ ବର୍ଷରେ ୧୧.୩୩ ଲକ୍ଷ ମେଟ୍ରିକ୍ ଟନ୍ ମାଛ ଉତ୍ପାଦନ କରି ଓଡ଼ିଶା ସର୍ବଭାରତୀୟ ସ୍ତରରେ ସର୍ବାଧିକ ମାଛ ଉତ୍ପାଦନରେ ଚତୁର୍ଥ ସ୍ଥାନରେ ପହଞ୍ଚିଛି। ସେହିପରି ବିଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ୧୨ଗୁଣ ବୃଦ୍ଧି ପାଇବା ସହ ୪୫୪୬ କୋଟି ଟଙ୍କାର ବୈଦେଶିକ ମୁଦ୍ରା ଅର୍ଜନ ହୋଇପାରିଛି ।

# ସମ୍ ହସ୍ପିଟାଲ୍‌ରେ ବିଶ୍ୱ ସିଓପିଡି ଦିବସ

**ଭୁବନେଶ୍ୱର,୨୧।୧୧(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ପଲ୍‌ମୋନାରୀ ମେଡିସନ୍ ବିଭାଗ ତରଫରୁ ବୁଧବାର ଦିନ ହସ୍ପିଟାଲ ପରିସରରେ ବିଶ୍ୱ ସିଓପିଡି ଦିବସ ପାଳନ କରାଯାଇଛି।

ଚଳିତ ବର୍ଷର ଥିମ୍ ହେଉଛି 'ନୋ ୟୋର୍ ଲଙ୍ଗ୍‌ସ୍ ଫଙ୍କସନ୍' ଅର୍ଥାତ୍ ନିଜର ଫୁସ୍‌ଫୁସ୍‌ର ଯତ୍ନ ବିଷୟରେ ଜରୁରୀ। ଏହି କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ୍‌ର ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ କ୍ରୋନିକ୍ ଅବଷ୍ଟ୍ରକ୍ଟିଭ୍ ପଲ୍‌ମୋନାରୀ ଡିଜିଜ୍ (ସିଓପିଡି) ହେଉଛି ଏକ ଫୁସ୍‌ଫୁସ୍ ଜନିତ ରୋଗ। ଏହି ରୋଗ ହେଲେ ରୋଗୀଟିର ଫୁସ୍‌ଫୁସ୍ ପ୍ରଥମେ ଆକ୍ରାନ୍ତ ହୋଇଥାଏ। ଏହା ମୁଖ୍ୟତଃ ବାୟୁ ପ୍ରଦୂଷଣ ଦ୍ୱାରା ବ୍ୟାପି ଥାଏ। ସୁସ୍ଥ ମଣିଷ ଏହି ପ୍ରଦୂଷିତ ବାୟୁକୁ ନିଃଶ୍ୱାସ ନେବାରେ ଫଳରେ ସେ



ଅସୁସ୍ଥ ହୋଇଥାଏ। ଯାହାଫଳରେ କିଛି ଦିନ ପରେ ତାର ଶ୍ୱାସକ୍ରିୟାରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେବାକୁ ମିଳିଥାଏ ବୋଲି ପ୍ରଫେସର (ଡାକ୍ତର) ସାମନ୍ତସିଂହାର କହିଥିଲେ। ଯେତେ ଶୀଘ୍ର ଲୋକମାନେ ଏହି ରୋଗ ବିଷୟରେ ସଚେତନ ହେବେ ସେତେ ଶୀଘ୍ର ଏହି ରୋଗରୁ ମୁକ୍ତି ପାଇପାରିବେ ବୋଲି ସେ କହିଥିଲେ। ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ପଲ୍‌ମୋନାରୀ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର(ଡାକ୍ତର) ବନାନୀ ଜେନା ଯୋଗଦେଇ କହିଥିଲେ ଯେ ଭାରତ ବର୍ଷରେ ୩୭.୮ ନିୟୁତ ଲୋକ ସିଓପିଡି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହା ମୁଖ୍ୟତଃ ଧୂମ୍ରପାନ ଓ ପ୍ରଦୂଷଣ ଦ୍ୱାରା ହୋଇଥାଏ। ଆଜିକାଲି ସିଓପିଡି ରୋଗୀମାନଙ୍କର ସଂଖ୍ୟାବୃଦ୍ଧିରେ ହେବାକୁ ଲାଗିଛି। ସେମାନେ ପ୍ରଦୂଷିତ ସ୍ଥାନକୁ ଯିବା ସମୟରେ ମାସ୍କ ବ୍ୟବହାର କରିବା ଜରୁରୀ। ସାରା ବିଶ୍ୱର ଏକ ତୃତୀୟାଂଶ ଲୋକ ଏହି ରୋଗରେ ପୀଡ଼ିତ ହେଉଛନ୍ତି। ସାରା ବିଶ୍ୱରେ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ ଥିବାବେଳେ ସିଓପିଡିରେ ପୀଡ଼ିତ ଥିବା ରୋଗୀମାନଙ୍କର ସଂଖ୍ୟା ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଇନ୍‌ଚାର୍ଜ ଡିନ୍ ପ୍ରଫେସର (ଡାକ୍ତର) ସୌମ୍ୟରଞ୍ଜନ ଦାସ, ପଲ୍‌ମୋନାରୀ ମେଡିସିନ୍ ବିଭାଗର ପ୍ରଫେସର (ଡାକ୍ତର) ରାକ୍ଷୀ ଲୁଦାମ୍, ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମିନତୀ ମିଶ୍ର, ପଲ୍‌ମୋନାରୀ ମେଡିସିନ୍ ବିଭାଗର ପ୍ରଫେସର, ଡାକ୍ତର, ନର୍ସ ଓ ପୋରାମେଡିକ୍ ଷ୍ଟାଫ୍ ଉପସ୍ଥିତ ଥିଲେ।

# ଜଳିଗଲା ଦୋକାନ

**କେନ୍ଦ୍ରାପଡ଼ା,୨୧।୧୧(ସଂଚାର ବ୍ୟୁରୋ):** ଇଲେକ୍ଟ୍ରି ସର୍ଟ ସର୍କିଟ ରୁ ଅଗ୍ନିକାଣ୍ଡ ଘଟି ପୋଡିଗଲା ଲକ୍ଷାଧିକ ଟଙ୍କାର ଲୁଗା। କେନ୍ଦ୍ରାପଡା ଜିଲ୍ଲା ଟାଉନଥାନା ଅନ୍ତର୍ଗତ ବଡହାଟରେ ଥିବା ଜୟ ଫେସନ ନାମକ ଏକ ଲୁଗା ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଲୁଗାପଟା ପୋଡି ପାଉଁଶ ହୋଇଗଲା। ଭୋରୁ ଭୋରୁ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଆନୁମାନ କରାଯାଉଛି । ପ୍ରଥମେ ସ୍ଥାନୀୟ ଲୋକେ ଦେଖିବା ପରେ ଦୋକାନ ମାଲିକଙ୍କୁ ଖବର ଦେଇଥିଲେ । ପରେ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ନିଆଁ କୁ ଆୟତ୍ତ କରିଥିଲା। ଦୋକାନରେ ପାଖାପାଖି ୧୨ ଲକ୍ଷ ଟଙ୍କାର ଲୁଗାପଟା ଥିଲା ବୋଲି ସୂଚନା ଦେଇଛନ୍ତି ଦୋକାନ ମାଲିକ।



# ଦୁର୍ଦ୍ଧାନ୍ତ ଅପରାଧୀ ଅନନ୍ତକୁ ହତ୍ୟା

**ବ୍ରହ୍ମପୁର,୨୧।୧୧(ସଂଚାର ବ୍ୟୁରୋ):** ବୁଧବାର ସନ୍ଧ୍ୟାରେ ଆସିକା କୋଟିନଡା ଥାନା ଅନ୍ତର୍ଗତ କଲେଜ ଛକରେ ରହୁଥିବା ଅନନ୍ତ ପଟ୍ଟନାୟକ ତାଙ୍କର ଦୁଇଜଣ ସହଯୋଗୀଙ୍କ ସହ ବାଇକରେ ଶେରଗଡ଼ ଅଭିମୁଖେ ଯାଉଥିବା ସମୟରେ ବାଦଗଡ଼ ରାସ୍ତାରେ କିଛି ଦୁର୍ବୃତ୍ତ ବୋଲରରେ ଆସି ତାଙ୍କୁ ସଂଘବଦ୍ଧ ଭାବେ ଅତର୍କିତ ଆକ୍ରମଣ କରିଥିଲେ । ଆକ୍ରମଣ ଦେଖି ଅନ୍ୟଦୁଇ ସହଯୋଗୀ ମାନେ ଭୟରେ ଘଟଣା ସ୍ଥଳରୁ ଦୌଡି ପଳାଇଥିଲେ। ଅନନ୍ତଙ୍କ ମୁଣ୍ଡ ଓ ମୁହଁକୁ କୌଣସି ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଦ୍ଧାନ୍ତ ମୃତ ଅନନ୍ତଙ୍କ ନାମରେ ଜିଲ୍ଲାର ବିଭିନ୍ନ ଥାନାରେ ୨୫ଟି ବିଭିନ୍ନ ସଙ୍ଗୀନ ମାମଲା ରହିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି । ସୂଚନା ଅନୁସାରେ ଗଂଜାମ ଶେରଗଡ ଥାନା ଅନ୍ତର୍ଗତ ବନ୍ଧାଗୁଡା-ବାଦଗଡ ରାସ୍ତା କଡରୁ ଅନନ୍ତଙ୍କ ରକ୍ତାକ୍ତ ମୃତ ଦେହ ଉଦ୍ଧାର ହୋଇଥିଲା। ପରେ ହତ୍ୟା କରାଯାଇଥିବା ପୋଲିସ୍ ସନ୍ଦେହ କରିଥିଲା। ଶେରଗଡ ବ୍ଲକ ବନ୍ଧାଗୁଡା ସ୍ଥିତ କାନସା ପାହାଡ ସ୍ଥିତ ଶାଗୁଆନ ଜଙ୍ଗଲ ରେ ଏକ କ୍ଷତାକ୍ତ ମୃତଦେହ ପଡିଥିବା ନେଇ ୧୦୮ ଆମ୍ବୁଲାନ୍ସ କୁ କଲ ଆସିଥିଲା। ଖବର ପାଇ ଶେରଗଡ ୧୦୮ ଆମ୍ବୁଲାନ୍ସ କାନସା ସ୍ଥିତ ଜଗନ୍ନାଥ ବିଦ୍ଯାପୀଠ କୁ ଲାଗି ଥିବା ରାସ୍ତା ପାର୍ଶ୍ୱରେ ଥିବା ସାଗୁଆନ ଜଙ୍ଗଲ ରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅନନ୍ତଙ୍କ ମୃତ ଦେହକୁ ଉଦ୍ଧାର କରି ଶେରଗଡ ଡାକ୍ତରଖାନାକୁ ଆଣିଥିଲା। ତେବେ ମେଡ଼ିକାଲରେ ପହଞ୍ଚିବା ପରେ ଡାକ୍ତର ଅନନ୍ତଙ୍କୁ ମୃତ ଘୋଷଣା କରିଥିଲେ।

# ଆଇଏଫ୍‌ଏଫ୍‌ଆଇରେ କ୍ରିଏଟିଭ୍ ମାଇଣ୍ଡସ୍ ଅଫ୍ ଟୁମୋରୋ ଚତୁର୍ଥ ସଂସ୍କରଣ ଉଦ୍‌ଘାଟିତ




**ନୂଆଦିଲ୍ଲୀ,୨୧।୧୧:** ୫୫ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ)ରେ କ୍ରିଏଟିଭ୍ ମାଇଣ୍ଡସ୍ ଅଫ୍ ଟୁମୋରୋ (ସିଏମ୍‌ଓଟି) ର ଚତୁର୍ଥ ସଂସ୍କରଣ ଉଦଘାଟିତ ହୋଇଛି, ଯାହା ପରବର୍ତ୍ତୀ ପିଢ଼ିର ଚଳଚ୍ଚିତ୍ର ନିର୍ମାତାଙ୍କୁ ପ୍ରୋତ୍ସାହନ ଦେବା ଏବଂ ସଶକ୍ତୀକରଣ କରିବା ଦିଗରେ ଭାରତର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ସିଏମଓଟି କାର୍ଯ୍ୟକ୍ରମ ଗଣମାଧ୍ୟମ ଓ ମନୋରଞ୍ଜନ ଶିଳ୍ପରେ ଉଦୀୟମାନ ପ୍ରତିଭାଙ୍କ ପାଇଁ ଦେଶର ଅନ୍ୟତମ ଅଗ୍ରଣୀ ମଞ୍ଚ ଭାବେ ଦ୍ରୁତ ଗତିରେ ସ୍ୱୀକୃତି ଲାଭ କରୁଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁ ତାଙ୍କ ଉଦଘାଟନୀ ଭାଷଣରେ ଚଳିତ ବର୍ଷ ସିଏମଓଟିର ବ୍ୟାପକ ପରିସର ଉପରେ ଆଲୋକପାତ କରିଥିଲେ, ଯେଉଁଥିରେ ୧୩ଟି ଚଳଚ୍ଚିତ୍ର ନିର୍ମାଣ ଶିଳ୍ପମଧ୍ୟରୁ ୧୦୦ ଜଣ ଦକ୍ଷ ଯୁବ ପ୍ରତିଭାଙ୍କୁ ଚୟନ କରାଯାଇଥିଲା। ଏହା ଗତ ବର୍ଷର ୧୦ଟି ବିଭାଗର ୭୫ ଜଣ ଯୁବ ପ୍ରତିଭାଙ୍କ ଠାରୁ ଅଧିକ। ଚଳିତ ବର୍ଷ ସିଏମଓଟି ଯୁବ ନିର୍ମାତାମାନଙ୍କୁ ସେମାନଙ୍କର ଦକ୍ଷତା ପ୍ରଦର୍ଶନ ଏବଂ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିବାର ଏକ ଅନନ୍ୟ ସୁଯୋଗ ପ୍ରଦାନ କରୁଛି। ଏହା ଫିଲ୍ମ ବଜାର ଦିଗରେ ଏକ ପଦକ୍ଷେପ, ଯାହା କି ବିଶ୍ୱସ୍ତରୀୟ ସହଯୋଗ ଏବଂ ଅଭିବୃଦ୍ଧି ପାଇଁ ନୂଆ ଦ୍ୱାର ଖୋଲିବ। ୨୦୨୫ ଫେବୃଆରୀରେ ହେବାକୁ ଥିବା ଆଗାମୀ ବିଶ୍ୱ ଅଡିଓ ଭିଜୁଆଲ୍ ଆଣ୍ଡ ଏଣ୍ଟରଟେନମେଣ୍ଟ ଶିଖର ସମ୍ମିଳନୀ (ୱେଭ୍ସ) ବିଷୟରେ ମଧ୍ୟ ସେ କହିଥିଲେ, ଯାହା ବିଶ୍ୱ ଗଣମାଧ୍ୟମ କ୍ଷେତ୍ରରେ ଭାରତର ସ୍ଥିତିକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି।

# ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ସଙ୍କଟ

**ନୟାଗଡ଼,୨୧।୧୧ (ସଂଚାର ବ୍ୟୁରୋ):** ପଦାରେ ପଡିଲା ଶିକ୍ଷା ବିଭାଗର ଅପାରଗତା । ଚାଉଳ ଅଭାବ ଯୋଗୁଁ ମଧ୍ୟାହ୍ନ ଭୋଜନ ବନ୍ଦ । ଜିଲ୍ଲା ଶିକ୍ଷା ବିଭାଗର ଅପାରଗତା ନା ରାଜ୍ୟ ସରକାରଙ୍କ ଅସହଯୋଗ ବଳରେ ଆଜି ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି ଶିକ୍ଷା ବିଭାଗରେ । ନୟାଗଡ଼ ଜିଲ୍ଲାରେ ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ସଙ୍କଟ ସୃଷ୍ଟି ହୋଇଛି । ବିଭିନ୍ନ ବିଦ୍ୟାଳୟ ପ୍ରଧାନଶିକ୍ଷକମାନେ ସ୍ଥାନୀୟ ସରପଞ୍ଚଙ୍କୁ ଚାଉଳ ଉଧାର ଦେବା ପାଇଁ ଚିଠି କରୁଛନ୍ତି । ଏଭଳି ବିକଳ ତଥା ଦୟନୀୟ ଚିତ୍ର ନୟାଗଡ଼ ଜିଲ୍ଲାରେ ସୃଷ୍ଟି ହୋଇଥିବା ବେଳେ ଏଥିପାଇଁ କିଏ ଦାୟୀ ବୋଲି ପ୍ରଶ୍ନ ଉଠିଛି । ଏହା ଶିକ୍ଷା ବିଭାଗର ଅପାରଗତା ନାଁ ସରକାରଙ୍କ ଅବହେଳା । ନୟାଗଡ଼ ଜିଲ୍ଲାରେ ୧୩୪୨ ଟି ସରକାରୀ ବିଦ୍ୟାଳୟ ରହିଛି । ତାହା ମଧ୍ୟରେ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ଉଚ୍ଚ ବିଦ୍ୟାଳୟ ରହିଛି । ଏହି ବିଦ୍ୟାଳୟ ଗୁଡ଼ିକରେ ସରକାରଙ୍କ ନିୟମ ଅନୁସାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଉଛି । ଦୀର୍ଘ ଅଢ଼େଇ ମାସ ହେବ ଜିଲ୍ଲାରେ ବିଦ୍ୟାଳୟ ଗୁଡ଼ିକୁ ଚାଉଳ ଯୋଗାଣ ହୋଇନଥିବାରୁ ଏବେ ବଡ଼ ସମସ୍ୟା ସୃଷ୍ଟି ହୋଇଛି । ଚାଉଳ ପରିବହନ ପାଇଁ ଦୁଇ ମାସ ତଳେ ଟେଣ୍ଡର ପ୍ରକାଶ ପାଇଥିଲା । କିନ୍ତୁ ଏହି ଟେଣ୍ଡର ପ୍ରକ୍ରିୟା ଶେଷ ହେବା ବିଳମ୍ବିତ ହୋଇଥିବାରୁ ସମସ୍ୟା ସୃଷ୍ଟି ହୋଇଛି । ଯାହାକୁ ନେଇ ନୟାଗଡ଼ ଜିଲ୍ଲାରେ ଚାଉଳ ପରିବହନ ବନ୍ଦ ରହିଥିଲା ।

# ୩ ଅଭିଯୁକ୍ତ କୋର୍ଟ ଚାଲାଣ

## ବେଆଇନ୍ ମଦ କାରବାର



**କୋଣାର୍କ,୨୧।୧୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅବକାରୀ ଅଧିକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଗୋପ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ନିମାପଡ଼ା ଓ କୋଣାର୍କ ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ୍ ମଦ କାରବାର କରୁଥିବା ଅଭିଯୋଗରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ ବେଆଇନ୍ ମଦ କାରବାର ଖବର ପାଇ ଗୋପ ବ୍ଲକ ଅଧୀନ ଓଲଟଣ୍ଡା, ଲଳିତାପହଣ୍ଡି, ଖଣ୍ଡାସାହି, ନାଗପୁର ବଜାର, ଗୁନିଆ ଛକ ଓ ରାହଂଗୋରଡା ଇତ୍ୟାଦି ସ୍ଥାନରେ ଅବକାରୀ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ଓଲଟଣ୍ଡା ଗ୍ରାମର ବାଙ୍କୁ ମଲିକଙ୍କୁ ଗିରଫ କରାଯାଇଥିଲା। ତାଙ୍କ ନିକଟରୁ ୪.୩୨୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏନେଇ ନିମାପଡ଼ା ଅବକାରୀ ଥାନା ପକ୍ଷରୁ ୭୬/୨୪-୨୫ ଏକ ମାମଲା ରୁଜୁ କରାଯାଇଥିଲା। ଗୋପ ଥାନା ଅନ୍ତର୍ଗତ ଖଣ୍ଡାସାହିରୁ ଅଜୟ କୁମାର ଦାଶଙ୍କ ନିକଟରୁ ୪.୬୦୦ ଲିଟର ବିଦେଶୀ ମଦ ଜବତ କରାଯାଇ କୋଣାର୍କ ଅବକାରୀ ଥାନା ପକ୍ଷରୁ ୭୬/୨୪-୨୫ ରେ ମାମଲା ରୁଜୁ କରାଯିବା ସହିତ ନାଗପୁର ବଜାରରୁ ସଦାଶିବ ସ୍ୱାଇଁଙ୍କ ନିକଟରୁ ୭.୮୦୦ ଲିଟର ବିଦେଶୀ ବିଅର୍ ଜବତ କରାଯାଇ ୭୭/୨୪-୨୫ ଅନ୍ୟ ଏକ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋଣାର୍କ କୋର୍ଟକୁ ଚାଲାଣ କରାଯାଇଥିବା ନେଇ ଅବକାରୀ ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢ଼ାଉରେ ନିମାପଡ଼ା ଅବକାରୀ ଅଧିକ୍ଷକ ପାର୍ଥ ସାରଥି ରାଉତ, କୋଣାର୍କ ଅବକାରୀ ଉପ ଅଧିକ୍ଷକ ମନୋଜ କୁମାର ପୁର୍ସେଟ, କର୍ମଚାରୀ ଶେଖ୍ ୱାରିସ, ଏସ ଜନ୍ମେଜୟ ଓ ସବିତା ସାହୁ ପ୍ରମୁଖ ସାମିଲ ରହି ଅଭିଯୁକ୍ତଙ୍କୁ ଗିରଫ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ରମାଦେବୀଙ୍କ ପ୍ରତିମୂର୍ତ୍ତି

## ଉଠିଲାଣି ବିବାଦ



**ଭୁବନେଶ୍ୱର, ୨୧।୧୧:** ରାଜଧାନୀରେ ସ୍ଥାପନ କରାଯାଇଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଖ୍ୟାତନାମା ସମାଜସେବୀ ମା'ରମାଦେବୀଙ୍କ ପ୍ରତିମୂର୍ତ୍ତିକୁ ନେଇ ଏବେ ବିବାଦ ଉଠିଛି। ଏହି ପ୍ରତିମୂର୍ତ୍ତିରେ ଥିବା ତ୍ରୁଟି ବିଚ୍ୟୁତିକୁ ତୁରନ୍ତ ସୁଧାରି ଦେଇ ନୂଆ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି ହେଉଛି। ମା'ରମାଦେବୀଙ୍କ ନିକଟ ବଳୟରେ ଦୀର୍ଘବର୍ଷ ଧରି କାମ କରିଥିବା ଏବଂ ତାଙ୍କୁ ଖୁବ୍ ନିକଟରୁ ଦେଖିଥିବା ବ୍ୟକ୍ତିତ୍ୱମାନେ ଏହି ପ୍ରସଂଗ ଉଠାଇଛନ୍ତି।

ବିଧାନସଭା ହତା ବାହାରେ କିଛିଦିନ ତଳେ ରାଜ୍ୟର କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏମାନଙ୍କ ମଧ୍ୟରୁ ମା'ରମାଦେବୀଙ୍କ ପ୍ରତିମୂର୍ତ୍ତି ଥିବାବେଳେ ସେଥିରେ ଯେଉଁ ପରିପାଟି ରହିଛି ତାହା ରମାଦେବୀଙ୍କର ନୁହେଁ। ଏହି ପ୍ରତିମୂର୍ତ୍ତିରେ ମା'ରମାଦେବୀ ଯେଭଳି ଶାଢ଼ୀ ପିନ୍ଧିଛନ୍ତି ସେପରି ପରିଧାନ ସେ କେବେ କରନ୍ତି ନାହିଁ। ୧୯୨୧ରୁ ତାଙ୍କ ମହାପ୍ରୟାଣ ୧୯୮୫ ପର୍ଯ୍ୟନ୍ତ ସେ ଖଦୀ ବସ୍ତ୍ର ପରିଧାନ କରୁଥିଲେ ଏବଂ କେବେ କୁଞ୍ଚ କରି ଶାଢ଼ୀ ପିନ୍ଧୁନଥିଲେ। ୧୯୨୨ରୁ ଲଗାତାର ଭାବେ ସେ ବହୁ ସର୍ବଭାରତୀୟ କଂଗ୍ରେସ ଅଧିବେଶନ, ସେବାଗ୍ରାମରେ ମହାତ୍ମା ଗାନ୍ଧୀଙ୍କ ଆଶ୍ରମରେ ବିଭିନ୍ନ କାର୍ଯ୍ୟକ୍ରମ, ପୌନାରରେ ବିନୋବା ଭାବେଙ୍କ ଆଶ୍ରମରେ ବିଭିନ୍ନ ବୈଠକ, ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନରେ ଅନ୍ୟତମ ସଞ୍ଚାଳିକା ଭାବେ ବିଭିନ୍ନ କାର୍ଯ୍ୟକ୍ରମ, ଏମିତିକି ଓଡ଼ିଶାରେ ଗାନ୍ଧୀଜୀଙ୍କ ପଦଯାତ୍ରା, ଉତ୍କଳମଣି ଗୋପବନ୍ଧୁଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମ, ବଡ଼ବାପା ତଥା ଉତ୍କଳ ଗୌରବ ମଧୁସୂଦନଙ୍କ ସହ ତାଙ୍କର ଥିବା ବିଭିନ୍ନ ଫଟୋଚିତ୍ର, ମଦର ଟେରେସାଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଭେଟିବା ସମୟର ଦୃଶ୍ୟରେ କେବେ ହେଲେ ମା'ରମାଦେବୀ କୁଞ୍ଚ କରି ଶାଢ଼ୀ ପିନ୍ଧିଥିବା କେହି ଦେଖିନାହାନ୍ତି। ଏପରିସ୍ଥଳେ ବିଧାନସଭା ପରିସର ନିକଟରେ ମା'ରମାଦେବୀଙ୍କ ମୂର୍ତ୍ତିଟି କୁଞ୍ଚ କରା ଶାଢ଼ୀ ପିନ୍ଧିଲେ କିପରି ବୋଲି କେତେକ ସ୍ଥପତି ମଧ୍ୟ ପ୍ରଶ୍ନ କରୁଛନ୍ତି। ସେହିପରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ପୂର୍ବରୁ ଥିବା ତାଙ୍କ ଆବକ୍ଷ ପ୍ରତିମୂର୍ତ୍ତି ତାଙ୍କ ପରି ହୋଇଥିବା ବେଳେ ପରିବର୍ତ୍ତୀ ସମୟରେ ଏହି ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପନ କରାଯାଇଥିବା ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମଧ୍ୟ ସମ୍ଭ୍ରାନ୍ତ ଧନୀକ ପରିବାରର ମହିଳାଙ୍କ ଭଳି ଲମ୍ବା କୁଞ୍ଚ ଶାଢ଼ୀ ପିନ୍ଧାଇ ଦିଆଯାଇଛି। ଜମିଦାରୀର ବିଳାସ ବ୍ୟାସନ ଛାଡ଼ି ସେ ସ୍ୱେଚ୍ଛାକୃତ ଦାରିଦ୍ର୍ୟ ବରଣ କରିବା ସହ ସାଧାରଣ ମୂଲିଆଙ୍କ ଭଳି ବିଲରେ କାମ କରୁଥିଲେ। ତେବେ ତାଙ୍କୁ କୁଞ୍ଚକରା ଶାଢ଼ୀ ପିନ୍ଧାଇ ଯେଉଁ ପ୍ରତିମୂର୍ତ୍ତିମାନ ସ୍ଥାପନ କରାଯାଇଛି ତାହା ତାଙ୍କ ସ୍ମୃତି ପ୍ରତି ସମ୍ମାନ ପରିବର୍ତ୍ତେ ଅପମାନ ବୋଲି ଅଭିଯୋଗ ଆସୁଛି। ଏଠାରେ ଉଲ୍ଲେଖନୀୟ ଯେ ପୂର୍ବରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିସରରେ ଥିବା ଏକ ଗ୍ୟାଲେରୀରେ ମା'ରମାଦେବୀଙ୍କ ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏହା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ଏକ ବିଶେଷଜ୍ଞ କମିଟି ତାହାର ଯାଞ୍ଚ କରି ଯେଉଁ ସୁପାରିସ କଲେ ସେହି ଆଧାରରେ ମା'ରମାଦେବୀଙ୍କ ସହିତ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ହରେକୃଷ୍ଣ ମହତାବ ଆଦିଙ୍କ ମୂର୍ତ୍ତିର ପୁନଃ ନିର୍ମାଣ କରାଯାଇଥିଲା। ସେହିପରି ଅନୁଗୋଳରେ ନବକୃଷ୍ଣ ଚୌଧୁରୀଙ୍କ ସମେତ ୧୧ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ବିକୃତ ପ୍ରତିମୂର୍ତ୍ତି ଘେନି ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଏଗୁଡ଼ିକର ମଧ୍ୟ ପରିବର୍ତ୍ତନ କରାଯାଇଛି। ଏ ପରିପ୍ରେକ୍ଷୀରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ବିଧାନସଭା ହତା ନିକଟରେ ବସାଯାଇଥିବା ମା'ରମାଦେବୀଙ୍କ ପ୍ରତିମୂର୍ତ୍ତିକୁ ବଦଳାଇବା ପାଇଁ ଦାବି ଜୋର ଧରିଛି। ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ଥିବାରୁ ସେମାନେ ମା'ରମାଦେବୀଙ୍କ ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି ଅପସାରଣ କରି ନୂଆ ପ୍ରତିମୂର୍ତ୍ତି ସ୍ଥାପନ କରିବା ଏବଂ ତାଙ୍କର ୧୨୫ତମ ଜନ୍ମବାର୍ଷିକୀକୁ ନାରୀ ଜାଗରଣ ବର୍ଷ ଭାବେ ପାଳନ କରାଯିବା ଦିଗରେ ପଦକ୍ଷେପ ନେବାକୁ ରମାଦେବୀଙ୍କ ଜଣେ ସହକର୍ମୀ ତଥା ଗାନ୍ଧୀ ବିଚାର ଚିନ୍ତକ ପ୍ରହ୍ଲାଦ ସିଂହ ନିବେଦନ କରିଛନ୍ତି। (ତଥ୍ୟ)



## ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଡୋମିନିକାର ସର୍ବୋଚ୍ଚ ନାଗରିକ ସମ୍ମାନ

**ନୂଆଦିଲ୍ଲୀ, ୨୧।୧୧:** କୋଭିଡ୍ ମହାମାରୀ ସମୟରେ କାରାବିୟାନ୍ ଦେଶକୁ ସାହାଯ୍ୟ କରିଥିବାରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଡୋମିନିକାର ସର୍ବୋଚ୍ଚ ନାଗରିକ ସମ୍ମାନ ମିଳିଛି। ଭାରତ ଏବଂ ଡୋମିନିକା ମଧ୍ୟରେ ଦ୍ୱିପାକ୍ଷିକ ସହଭାଗୀତା ବୃଦ୍ଧିରେ ମଧ୍ୟ ଅବଦାନ ପାଇଁ ପିଏମ୍ ମୋଦିଙ୍କୁ ଏହି ସର୍ବୋଚ୍ଚ ପୁରସ୍କାରରେ ସମ୍ମାନିତ କରାଯାଇଛି। ଡୋମିନିକା ରାଷ୍ଟ୍ରପତି ସିଲଭାନି ବର୍ଟନ ଗୁୟାନାରେ ଭାରତ-କାରିକମ୍ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମ୍ମାନିତ କରିଛନ୍ତି। ମୋଦିଙ୍କୁ 'ଡୋମିନିକା ଆୱାର୍ଡ ଅଫ୍ ଅନର'ରେ ସମ୍ମାନିତ କରାଯାଇଛି। ସମ୍ମାନ ମିଳିବା ପରେ ପିଏମ୍ ନରେନ୍ଦ୍ର ମୋଦି 'ଏକ୍ସ'ରେ ଏକ ପୋଷ୍ଟରେ କହିଛନ୍ତି, 'ଡୋମିନିକା ଦ୍ୱାରା ସର୍ବୋଚ୍ଚ ଜାତୀୟ ପୁରସ୍କାରରେ ସମ୍ମାନିତ ହୋଇ ମୁଁ ଗର୍ବ ଅନୁଭବ କରୁଛି। ଏହାକୁ ଭାରତର ୧୪୦ କୋଟି ଲୋକଙ୍କୁ ମୁଁ ସମର୍ପଣ କରୁଛି'। ଅନ୍ୟ ଏକ ପୋଷ୍ଟରେ ମୋଦି କହିଛନ୍ତି, 'ଏହି ସମ୍ମାନ ଭାରତର ମୋର ଭଉଣୀ ଓ ଭାଇଙ୍କ ପାଇଁ ଉତ୍ସର୍ଗୀକୃତ। ଏହା ଆମ ଦେଶ ମଧ୍ୟରେ ଅତୁଟ ବନ୍ଧନର ମଧ୍ୟ ସଙ୍କେତ'। ଡୋମିନିକା ପ୍ରଧାନମନ୍ତ୍ରୀ ରୁଜଭେଲ୍ଟ ସ୍କେରିଟଙ୍କ ଏକ 'ଏକ୍ସ' ପୋଷ୍ଟର ଉତ୍ତରରେ ମୋଦି କହିଛନ୍ତି ଯେ 'ପ୍ରଧାନମନ୍ତ୍ରୀ ରୁଜଭେଲ୍ଟ ସ୍କେରିଟ, ଆପଣଙ୍କ ଦୟାଳୁ ଶବ୍ଦଗୁଡ଼ିକ ମୋତେ ପ୍ରଭାବିତ କରିଛି। ଗଭୀର ବିନମ୍ରତା ଏବଂ କୃତଜ୍ଞତା ସହିତ ମୁଁ 'ଡୋମିନିକା ଆୱାର୍ଡ ଅଫ୍ ଅନର' ଗ୍ରହଣ କରୁଛି। ପ୍ରଧାନମନ୍ତ୍ରୀଙ୍କୁ ଗୁୟାନା ଏବଂ ବାରବାଡୋସରୁ ମଧ୍ୟ ଟପ୍ ଆୱାର୍ଡ ମିଳିବ, ଯଦ୍ୱାରା ତାଙ୍କର ଅନ୍ତର୍ଜାତୀୟ ପୁରସ୍କାରଗୁଡ଼ିକର ମୋଟ ସଂଖ୍ୟା ୧୯ ହୋଇଯିବ। ଗୁୟାନା ପିଏମ୍ ମୋଦିଙ୍କୁ ସର୍ବୋଚ୍ଚ ଜାତୀୟ ପୁରସ୍କାର 'ଦ ଅର୍ଡର ଅଫ୍ ଏକ୍ସିଲେନ୍ସ'ରେ ସମ୍ମାନିତ କରିବ। ଏହିପରି ବାରବାଡୋସ୍ ମୋଦିଙ୍କୁ ପ୍ରତିଷ୍ଠିତ 'ଅନରେରୀ ଅର୍ଡର ଅଫ୍ ଫ୍ରିଡମ୍ ଅଫ୍ ବାରବାଡୋସ' ପ୍ରଦାନ କରିବ।

## ଟ୍ରକ୍ ସହ ପିଟି ହେଲା ଡବଲ୍ ଡେକର୍ ବସ୍, ୫ ମୃତ

**ଆଲିଗଡ଼, ୨୧।୧୧:** ଭୟଙ୍କର ଦୁର୍ଘଟଣା। ଟ୍ରକ୍ ଓ ଡବଲ୍ ଡେକର୍ ବସ୍ ମଧ୍ୟରେ ହେଲା ଧକ୍କା। ଚାଲିଗଲା ୫ ଜଣଙ୍କ ଜୀବନ। ଏଥିସହ ୧୫ରୁ ଅଧିକ ଆହତ ମଧ୍ୟ ହୋଇଛନ୍ତି। ଉତ୍ତରପ୍ରଦେଶର ଅଲିଗଡ଼ରେ ଯମୁନା ଏକ୍ସପ୍ରେସ୍‌ୱେରେ ଘଟିଛି ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣା। ଡବଲ ଡେକର୍ ଘରୋଇ ବସ୍‌ଟି ଯାତ୍ରୀଙ୍କୁ ନେଇ ଦିଲ୍ଲୀରୁ ଆଜମଗଡ଼ ଯାଉଥିଲା। ତେବେ ଏତିକି ବେଳେ ଯମୁନା ଏକ୍ସପ୍ରେସ୍‌ୱେ ୫୬ ନମ୍ବର ଜାତୀୟ ରାଜପଥରେ ନିୟନ୍ତ୍ରଣ ହରାଇ ଦ୍ରୁତ ଗତିରେ ଆସି ବସ୍‌ଟି ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଏହି ଧକ୍କା ଏତେ ଭୟଙ୍କର ଥିଲା ଯେ, ବସର ଆଗ ଭାଗ ପୂରାପୁରି ଭାଙ୍ଗି ଚୂରମାର ହୋଇଯାଇଛି। ଏହି ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ତିନି ଜଣ ପୁରୁଷ, ଜଣେ ମହିଳା ଓ ଏକ ୫ ମାସର ଶିଶୁ ମଧ୍ୟ ରହିଛି। ମୃତଦେହ ଗୁଡିକ ବସ୍ ଭିତରେ ଫଶି ରହିଥିବା ବେଳେ କଟର୍‌ରେ କାଟି ସେମାନଙ୍କୁ ବାହାର କରାଯାଇଛି। ସେହିପରି ଦୁର୍ଘଟଣାରେ ୧୫ରୁ ଅଧିକ ଜଣ ଆହତ ହୋଇଛନ୍ତି।

### ୟାସିନ ମଲ୍ଲିକର ଶୁଣାଣି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ

## ଅଜମଲ କସବର ମଧ୍ୟ ନିରପେକ୍ଷ ଶୁଣାଣି ହୋଇଥିଲା

**ନୂଆଦିଲ୍ଲୀ, ୨୧।୧୧:** ଆଇନ ସମସ୍ତଙ୍କ ପାଇଁ ସମାନ। ଭାରତୀୟ ସମ୍ବିଧାନ ସମସ୍ତଙ୍କୁ ନିଜ ସପକ୍ଷରେ ଯୁକ୍ତି ଉପସ୍ଥାପନ ଏବଂ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବାର ସୁଯୋଗ ଦେଇଛି। ଏପରିକି ପାକିସ୍ତାନୀ ଆତଙ୍କବାଦୀ ଅଜମଲ କସାବକୁ ମଧ୍ୟ ନିରପେକ୍ଷ ଶୁଣାଣୀର ସୁଯୋଗ ଦିଆଯାଇଥିଲା ବୋଲି କହିଛନ୍ତି ସୁପ୍ରିମକୋର୍ଟ। ତିହାର ଜେଲରେ ଥିବା ଜାମ୍ମୁ-କାଶ୍ମୀରର କୁଖ୍ୟାତ ବିଚ୍ଛିନ୍ନତାବାଦୀ ନେତା ୟାସିନ ମଲ୍ଲିକର ଶୁଣାଣୀ ପ୍ରସଙ୍ଗରେ ଜଷ୍ଟିସ ଏ ଏସ ଓକ୍କା ଏବଂ ଜଷ୍ଟିସ ଏ ଜି ମସିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଜଣେ ଅଭିଯୁକ୍ତକୁ ନିଜ ସପକ୍ଷରେ କହିବାର ପୂର୍ଣ୍ଣ ସୁଯୋଗ ଦିଆଯିବା ଉଚିତ। ୟାସିନ ମଲ୍ଲିକକୁ ଜାମ୍ମୁ-କାଶ୍ମୀରକୁ ନିଆଯାଇ ସ୍ଥାନୀୟ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର କରିବା ବିରୋଧରେ ସିବିଆଇ ସୁପ୍ରିମକୋର୍ଟରେ ଅପିଲ କରିଛି। ସିବିଆଇ କହିଛି ଯେ, ୟାସିନ ମଲ୍ଲିକ ଭଳି ଏକ କୁଖ୍ୟାତ ଆତଙ୍କବାଦୀକୁ ଦିଲ୍ଲୀ ବାହାରକୁ ନିଆଯିବା ବିପଜ୍ଜନକ ହୋଇପାରେ। ତା ବିରୋଧରେ ଯେଉଁମାନେ ସାକ୍ଷୀ ଦେବେ ସେମାନଙ୍କ ପ୍ରତି ମଧ୍ୟ ବିପଦ ଆଶଙ୍କା ରହିଛି। ୧୯୯୦ରେ ଶ୍ରୀନଗର ନିକଟରେ ଏୟାରଫୋର୍ସର ୪ଜଣ ଅଧିକାରୀଙ୍କ ହତ୍ୟା ଏବଂ ୧୯୮୯ରେ ତତ୍କାଳୀନ ଗୃହମନ୍ତ୍ରୀ ମୁଫ୍ତି ମହମ୍ମଦ ସୟେଦଙ୍କ ଝିଅ ରୁବେୟାଙ୍କୁ ଅପହରଣ ଏବଂ ମୁକ୍ତ ଜାମିନ ରଖାଯିବା ଘଟଣାରେ ୟାସିନ ମଲ୍ଲିକର ସମ୍ପୃକ୍ତ ଅଭିଯୋଗ ରହିଛି। ତାକୁ ବ୍ୟକ୍ତିଗତ ଭାବେ ହାଜର କରାଯିବା ବିଶୃଙ୍ଖଳା ସୃଷ୍ଟି କରିପାରେ ବୋଲି ସିବିଆଇ କହିଥିଲା। ସରକାରଙ୍କ ପକ୍ଷରୁ ସଲିସିଟର ଜେନରାଲ ତୁଷାର ମେହେଟ୍ଟା କହିଥିଲେ ଯେ, ୟାସିନ ମଲ୍ଲିକ ଭଳି ଜଣେ କୁଖ୍ୟାତ ଆତଙ୍କବାଦୀକୁ ଆମେ ତିହାର ଜେଲ ବାହାରକୁ ନେବାକୁ ଇଚ୍ଛା କରୁନୁ। ସୁପ୍ରିମକୋର୍ଟ ଏହା ଉପରେ ପ୍ରଶ୍ନ କରିଥିଲେ ଯେ, ଜେଲରେ ଥାଇ ୟାସିନଙ୍କୁ କିପରି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଜେରା କରାଯାଇପାରିବ? ଏହାର ଉତ୍ତରରେ ଶ୍ରୀ ମେହେଟ୍ଟା କହିଥିଲେ ଯେ, ୟାସିନର ଏହା ଏକ ଚାଲ ହୋଇପାରେ। ତେଣୁ ତାର ଟ୍ରାଏଲରେ ଦିଲ୍ଲୀରେ କରାଯାଇପାରେ। ଜଷ୍ଟିସ ଓକ୍କା କହିଥିଲେ ଯେ, କେତେଜଣ ସାକ୍ଷ୍ୟ ପ୍ରଦାନ କରିବେ ତାହାର ଏକ ତାଲିକା ଦେଖାଅ। ସଲିସିଟର ଜେନରାଲ ଶ୍ରୀ ମେହେଟ୍ଟା କହିଥିଲେ ଯେ, ୟାସିନ ମଲ୍ଲିକଜଣେ ସାଧାରଣ ଆତଙ୍କବାଦୀ ନୁହେଁ। ସେ ନିୟମିତ ପାକିସ୍ତାନ ଯାଉଥିଲା ଏବଂ ହାଫିଜ ସୟେଦ ସହ ଗୋଟିଏ ମଞ୍ଚରେ ବସୁଥିଲା। ସବୁ କଥା ବହିରେ ଲେଖାଯାଇଥିବା ନିୟମ ଅନୁଯାୟୀ ହୋଇପାରିବ ନାହିଁ। ଆମକୁ କିଛିଟା ବାସ୍ତବବାଦୀ ହେବାକୁ ପଡ଼ିବ ବୋଲି ଶ୍ରୀ ମେହେଟ୍ଟା କହିଥିଲେ। ଆଜି ପାଇଁ ଶୁଣାଣୀ ସ୍ଥଗିତ ରହିଛି। ଆସନ୍ତା ଗୁରୁବାର ପରବର୍ତ୍ତୀ ଶୁଣାଣୀ ହେବ।

## ବସ୍ ଓଲଟି ୭ ଯାତ୍ରୀ ମୃତ




**ହଜାରିବାଗ, ୨୧।୧୧:** ଓଲଟିଲା ଯାତ୍ରୀବାହୀ ବସ୍। ଚାଲିଗଲା ୭ ଜଣଙ୍କ ଜୀବନ। ସେହିପରି ୧୨ରୁ ଅଧିକ ଆହତ ହୋଇଛନ୍ତି। ଝାଡ଼ଖଣ୍ଡରେ ଘଟିଛି ଏଭଳି କିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଆଜି ଭୋର ୪ଟା ବେଳେ ଏହି ଦୁର୍ଘଟଣା ଘଟିଛି। ଝାଡ଼ଖଣ୍ଡର ହଜାରିବାଗର ବରକଟ୍ଟାର ଗୋରହର ପୁଲିସ ଷ୍ଟେସନ ଅଞ୍ଚଳରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡକୁ ଓଲଟି ପଡିଛି। ବସ୍‌ଟି କୋଲକାତାରୁ ପାଟନା ଯାଉଥିଲା। ଏଥିରେ ୭ଜଣଙ୍କର ମୃତ୍ୟୁ ଘଟିଛି। ଏଥିସହ ଏହି ଦୁର୍ଘଟଣାରେ ୧୨ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ କହିବା ମୁତାବକ, ରାସ୍ତାରେ ସିକ୍ସ ଲେନ୍ ନିର୍ମାଣ କାମ ଚାଲିଥିଲା। ଏହି କାରଣରୁ ରାସ୍ତାକୁ କଟାଯାଇ ଛାଡ଼ି ଦିଆଯାଇଥିଲା। ଏଭଳି ପରିସ୍ଥିତିରେ ବରକଟ୍ଟା ରୋଡରେ ବସ୍‌ଟି ନିୟନ୍ତ୍ରଣ ବାହାରକୁ ଯାଇ ଏକ ଖାଲରେ ଓଲଟି ପଡିଥିଲା। ପୁଲିସ ଷ୍ଟେସନଠାରୁ ମାତ୍ର ୨୦୦ ମିଟର ଦୂରରେ ଏହି ଦୁର୍ଘଟଣା ଘଟିଛି। ଯାତ୍ରୀଙ୍କ ଚିତ୍କାର ଶୁଣି ନିକଟସ୍ଥ ଗାଁର ଲୋକମାନେ ଏକାଠି ହୋଇ ପୁଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ପୂର୍ବତନ ବିଧାୟକ ଜାନକୀ ଯାଦବ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ବସ୍ ଭିତରୁ ବାହାର କରିବାରେ ସାହାଯ୍ୟ କରିଥିଲେ। ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଆମ୍ବୁଲାନ୍ସରେ ହଜାରିବାଗ ମେଡିକାଲ କଲେଜକୁ ପଠାଯାଇଛି। ପୁଲିସ ମାମଲାର ତଦନ୍ତ ଜାରି ରଖିଛି।

### ଆଦାନୀଙ୍କ ବିରୋଧରେ ଆମେରିକା କୋର୍ଟର ଅଭିଯୋଗ

# ସୋଲାର ଏନର୍ଜି କଣ୍ଟ୍ରାକ୍ଟ ପାଇଁ ଦେଇଥିଲେ ୨ହଜାର କୋଟି ଲାଞ୍ଚ

**ନୂଆଦିଲ୍ଲୀ, ୨୧।୧୧:** ନୂଆ ବିବାଦରେ ଫସିଲେ ବିଶିଷ୍ଟ ଉଦ୍ୟୋଗପତି ତଥା ଭାରତର ସବୁଠାରୁ ଧନୀ ଏବଂ ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀ। ବଢ଼ିଲା ତାଙ୍କ ଅଡୁଆ। ତାଙ୍କ ବିରୋଧରେ ଆମେରିକା ଆଣିଲା ଗୁରୁତର ଅଭିଯୋଗ। ଆମେରିକାରେ ସୋଲାର ଏନର୍ଜୀ କଣ୍ଟ୍ରାକ୍ଟ ପାଇବା ପାଇଁ ସେ କୁଆଡେ ଦେଇଥିଲେ ଲାଞ୍ଚ। ୨୬୫ ମିଲିୟନ ଡଲାର ତଥା ୨୨୩୬ କୋଟିରୁ ଅଧିକ ଟଙ୍କାର ଲାଞ୍ଚ ଦେଇଥିବା ଓ ଏହାକୁ ଲୁଚାଇ ଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ଉଠିଛି।

ନ୍ୟୁୟର୍କର ଫେଡେରାଲ କୋର୍ଟରେ ହୋଇଥିବା ଏକ ଶୁଣାଣିରେ ଗୌତମ ଆଦାନୀଙ୍କ ସମେତ ୮ ଜଣ ଲୋକ କୋଟି କୋଟି ଟଙ୍କାର ଠକେଇ କରିଥିବା ଏବଂ ଲାଞ୍ଚ ଦେଇଥିବା ଅଭିଯୋଗ ହୋଇଛି। ଏହି ସମଗ୍ର ବିଷୟ ଆଦାନୀ ଗ୍ରୁପ୍ କମ୍ପାନୀ ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡ୍ ଏବଂ ଅନ୍ୟ ଏକ ସଂସ୍ଥା ସହିତ ଜଡିତ।

ବୁଧବାର ଆମେରିକାର ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ କମିଶନ ଗୌତମ ଆଦାନୀଙ୍କ ପୁତୁରା ସାଗର ଆଦାନୀ, ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡର ଅଧିକାରୀ ତଥା ଅନ୍ୟ ଏକ ସଂସ୍ଥା ଆଜୁର୍ ପାୱାର୍ ଗ୍ଲୋବାଲ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ସିରିଲ୍ କାବାନ୍ସଙ୍କ ବିରୋଧରେ ମଧ୍ୟ ମାମଲା ଦାୟର କରିଛି। ରିପୋର୍ଟରେ କୁହାଯାଇଛି ଯେ ଗୌତମ ଆଦାନୀ ଏବଂ ତାଙ୍କ ପୁତୁରା ସାଗର ସମେତ ଅନ୍ୟ ୭ ଜଣ ସେମାନଙ୍କର ରିନ୍ୟୁଏବଲ ଏନର୍ଜୀ କମ୍ପାନୀ ପାଇଁ କଣ୍ଟ୍ରାକ୍ଟ ପାଇବା ଏବଂ ଭାରତର ସର୍ବ ବୃହତ ସୋଲାର ପ୍ୟାନେଲ ଉତ୍ପାଦନ ପ୍ରକଳ୍ପର ବିକାଶ ପାଇଁ ପ୍ରାୟ ୨୬୫ ନିୟୁତ ଡଲାର୍ର ଲାଞ୍ଚ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦାବି କରାଯାଉଛି ଯେ, ଏ ସମଗ୍ର ମାମଲା କୋଟି କୋଟି ଡଲାରର ଲାଭ ସହ ଜଡିତ। ରିପୋର୍ଟରେ କୁହାଯାଇଛି ଯେ, ଏହି ଚୁକ୍ତିନାମା ମାଧ୍ୟମରେ ଆଦାନୀ ଗ୍ରୁପ୍ ୨୦ ବର୍ଷ ମଧ୍ୟରେ ୨ ବିଲିୟନ ଡଲାରରୁ ଅଧିକ ଲାଭ ପାଇବ ବୋଲି ଆଶା କରିଥିଲା। ଅଭିଯୋଗ ହୋଇଛି ଯେ ୨୦୨୦ ରୁ ୨୦୨୪ ମଧ୍ୟରେ ଅଧିକାରୀମାନଙ୍କୁ ଏହି ଲାଞ୍ଚ ଦିଆଯାଇଥିଲା। ଏହା ସହିତ, ଏହା ମଧ୍ୟ ଅଭିଯୋଗ ହୋଇଛି ଯେ ଏହି ଲାଭ ପାଇଁ ଆମେରିକା ସମେତ ଅନ୍ୟ ଦେଶର ନିବେଶକ ଏବଂ ବ୍ୟାଙ୍କଗୁଡିକ ମିଛ କହି ଠକିଥିଲା ଆଦାନୀ ଗ୍ରୁପ।



ଆଦାନୀ ଗ୍ରୀନ ଏନର୍ଜିର ଅନ୍ୟ ଜଣେ କର୍ମଚାରୀ, ପୂର୍ବତନ ସିଇଓ ବିନିତ ଜୈନ ଋଣଦାତା ଓ ନିବେଶକଙ୍କଠାରୁ ନିଜ ଦୁର୍ନୀତିକୁ ଲୁଚାଇବା ପାଇଁ ୩ ବିଲିୟନ ଡଲାରରୁ ଅଧିକ ଋଣ ଏବଂ ବଣ୍ଡ ସଂଗ୍ରହ କରିଥିଲେ ବୋଲି ଦାବି ହୋଇଛି। କହିରଖୁ ଯେ, ବିନିତ ଜୈନ ୨୦୨୦ ରୁ ୨୦୨୩ ପର୍ଯ୍ୟନ୍ତ କମ୍ପାନୀର ସିଇଓ ଥିଲେ। ସାଗର ଆଦାନୀ ଓ ବିନିତ ଜୈନ୍ ଗ୍ରୀନ୍ ଏନର୍ଜୀ ଲିମିଟେଡ୍‌ର ଅଧିକାରୀ ଅଟନ୍ତି। ସାଗର ହେଉଛନ୍ତି ଗୌତମ ଆଦାନୀଙ୍କ ପୁତୁରା। ରୟଟର୍ସର ରିପୋର୍ଟ ମୁତାବକ, ଗୌତମ ଆଦାନୀ ଓ ସାଗରଙ୍କ ବିରୋଧରେ ଆମେରିକା କୋର୍ଟ ଗିରଫ ଓ୍ୱାରେଣ୍ଟ ଜାରି କରିଛି। ଆମେରିକୀୟ ନିବେଶକଙ୍କ ଟଙ୍କା ଏହି ପ୍ରକଳ୍ପରେ ଲାଗିଥିବାରୁ ସେଠାରେ ଏହି ମାମଲା ରୁଜୁ ହୋଇଛି।

## ଅଭିଯୋଗକୁ ଆଦାନୀଙ୍କ ଅସ୍ୱୀକାର

**ନୂଆଦିଲ୍ଲୀ, ୨୧।୧୧:** ଆମେରିକା କୋର୍ଟଙ୍କ ଅଭିଯୋଗକୁ ଖଣ୍ଡନ କରିଛି ଆଦାନୀ ଗ୍ରୁପ୍। ଆଦାନୀ ଗ୍ରୁପ୍ ଚେୟାରମ୍ୟାନ୍ ଗୌତମ ଆଦାନୀ, ତାଙ୍କ ପୁତୁରା ସାଗର ଆଦାନୀ ଏବଂ ବୋର୍ଡ ସଦସ୍ୟଙ୍କ ବିରୁଦ୍ଧରେ ଆମେରିକାର ଓକିଲମାନେ ଆଣିଥିବା ଲାଞ୍ଚ ଏବଂ ସୁରକ୍ଷା ଜାଲିଆତି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି ଆଦାନୀ ଗ୍ରୁପ୍। ଆଦାନୀ ଗ୍ରୁପ୍ ଏହି ଅଭିଯୋଗକୁ ଭିତ୍ତିହୀନ ଦର୍ଶାଇ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛି। ଏହାର ସମାଧାନ ପାଇଁ ସମସ୍ତ ସମ୍ଭାବ୍ୟ ଆଇନଗତ ପନ୍ଥା ଆପଣାଯିବ ବୋଲି ଆଦାନୀ ଗ୍ରୁପ୍ କହିଛି। ଗ୍ରୁପ୍ କହିଛି ଯେ, ଆମେରିକାର ନ୍ୟାୟ ବିଭାଗ (ଡିପାର୍ଟମେଣ୍ଟ ଅଫ୍ ଜଷ୍ଟିସ୍) ନିଜେ କହିଛି ଯେ, ଏହି ଅଭିଯୋଗରେ ଅଭିଯୁକ୍ତମାନେ ଦୋଷୀ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ନିର୍ଦ୍ଦୋଷ ରୂପେ ବିବେଚନା କରାଯାଏ।

ଆଦାନୀ ଗ୍ରୁପ୍ ସର୍ବଦା ଏହାର କାର୍ଯ୍ୟର ସମସ୍ତ ପ୍ରାଧିକରଣ ମଧ୍ୟରେ ସର୍ବୋଚ୍ଚ ଶାସନ, ସ୍ୱଚ୍ଛତା ଏବଂ ନିୟାମକ ମାନ୍ୟତା ବଜାୟ ରଖିବା ପାଇଁ ଦୃଢ ଭାବରେ ପ୍ରତିବଦ୍ଧ। ଆମେ ଆମର ଷ୍ଟକହୋଲ୍ଡର୍, ପାର୍ଟନର୍ ଏବଂ କର୍ମଚାରୀମାନଙ୍କୁ ନିଶ୍ଚିତ କରୁଛୁ ଯେ ଆମ ସଂସ୍ଥା ଆଇନର ଅନୁପାଳ କରେ ଏବଂ ଏହାକୁ ସମ୍ପୂର୍ଣ୍ଣ ରୂପେ ପାଳନ କରୁଛୁ। ତେଣୁ ଏସବୁ ଅଭିଯୋଗ ଭିତ୍ତିହୀନ ବୋଲି ଆଦାନୀ ଗ୍ରୁପ୍ କହିଛି। ଆମେରିକା କୋର୍ଟଙ୍କ ଓ୍ୱାରେଣ୍ଟ ଜାରି ପରେ ଆଦାନୀ ଏଣ୍ଟରପ୍ରାଇଜେସର ବ୍ୟବସାୟ ୨୩% ହ୍ରାସ ପାଇବା ସହ ଷ୍ଟକ୍ ମୂଲ୍ୟରେ ଅସ୍ଥିରତା ଦେଖାଦେଇଛି। ଏହାପରେ ଆଦାନୀ ଗ୍ରୁପ୍ ବିବୃତ୍ତି ଜାରି କରିଛି।

ରିପୋର୍ଟ ଅନୁସାରେ, ହିଣ୍ଡେନବର୍ଗ ରିପୋର୍ଟ ପରେ ଆଦାନୀ ଗ୍ରୁପର ଷ୍ଟକ୍ ମୂଲ୍ୟ ଯେତିକି ହ୍ରାସ ପାଇନଥିଲା ବର୍ତ୍ତମାନ କୋର୍ଟଙ୍କ ଗିରଫ ଓ୍ୱାରେଣ୍ଟ ପରେ ତା'ଠୁ ଅଧିକ ଖସି ଆସିଛି। ଆଦାନୀ ଗ୍ରୁପ୍ ପାଖାପାଖି ୨ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ହ୍ରାସ ପାଇଥିବା କୁହାଯାଉଛି। ପ୍ରକାଶ ଥାଉକି, ଆମେରିକାର ଏକ କୋର୍ଟ ଗୌତମ ଆଦାନୀ ଏବଂ ତାଙ୍କ ପୁତୁରାଙ୍କ ସମେତ ୭ ଜଣଙ୍କ ବିରୁଦ୍ଧରେ ଗିରଫ ଓ୍ୱାରେଣ୍ଟ ଜାରି କରିଛନ୍ତି। ଏମାନେ ନିଜ କଣ୍ଟ୍ରାକ୍ଟ ହାସଲ ପାଇଁ ଲାଞ୍ଚ ଦେଇଥିବା ଅଭିଯୋଗରେ ଏହି ଓ୍ୱାରେଣ୍ଟ ଜାରି କରାଯାଇଛି। ଆମେରିକାର ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ କମିଶନ ଏବଂ ଡିପାର୍ଟମେଣ୍ଟ ଅଫ୍ ଜଷ୍ଟିସ୍ ଅଭିଯୋଗ କରିଥିଲେ ଯେ, ଆମେରିକାରେ ଗୌତମ ଆଦାନୀ ଏବଂ ତାଙ୍କ ପୁତୁରା ସାଗର ଆଦାନୀ ନିଜ ରିନ୍ୟୁଏବଲ ଏନର୍ଜି କମ୍ପାନୀ ପାଇଁ କଣ୍ଟ୍ରାକ୍ଟ ପାଇବା ପାଇଁ ଭାରତର ସରକାରୀ ଅଧିକାରୀଙ୍କୁ ପାଖାପାଖି ୨୬୫ ନିୟୁତ ଡଲାର (୨,୨୩୬ କୋଟି ଟଙ୍କା) ଲାଞ୍ଚ ଦେଇଛନ୍ତି। ଏହି ଅଭିଯୋଗ କ୍ରମେ ଆମେରିକାର ଏକ କୋର୍ଟ ସେମାନଙ୍କ ବିରୁଦ୍ଧରେ ଗିରଫ ଓ୍ୱାରେଣ୍ଟ ଜାରି କରିଛନ୍ତି।

## ଗୌତମ ଆଦାନୀଙ୍କୁ ତୁରନ୍ତ ଗିରଫ କରାଯାଉ



**ନୂଆଦିଲ୍ଲୀ, ୨୧।୧୧:** ଭାରତର କୋଟିପତି ବ୍ୟବସାୟୀ ଗୌତମ ଆଦାନୀଙ୍କ ବିରୋଧରେ ଲାଞ୍ଚ ଓ ଠକେଇ ଅଭିଯୋଗ ଆଣିଛି ଆମେରିକା। ସେ କଣ୍ଟ୍ରାକ୍ଟ ହାସଲ ପାଇଁ ୨୬୫ ମିଲିଅନ୍ ଡଲାରର ଲାଞ୍ଚ ଦେଇଥିବା ଅଭିଯୋଗ ଉଠିଛି। ଏହି ଅଭିଯୋଗ ସାମ୍ନାକୁ ଆସିବା ପରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଆଦାନୀଙ୍କ ଉପରେ ବର୍ଷିଛନ୍ତି। ତୁରନ୍ତ ତାଙ୍କୁ ଗିରଫ କରାଯାଉ ବୋଲି ରାହୁଲ ଦାବି କରିଛନ୍ତି। ରାହୁଲ ଗାନ୍ଧି କହିଛନ୍ତି, 'ଆଶ୍ଚର୍ଯ୍ୟ ଲାଗୁଛି ଯେ ଆଦାନୀ କାହିଁକି ଜଣେ ମୁକ୍ତ ମଣିଷ ପରି ଏହି ଦେଶରେ ବୁଲୁଛନ୍ତି? ଏଠି ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯାଇଛି। ଆଦାନୀ ଜୀ ୨୦୦୦ କୋଟି ଟଙ୍କାର ଦୁର୍ନୀତି କରିଛନ୍ତି ଏବଂ ସମ୍ଭବତଃ ଅନ୍ୟାନ୍ୟ ଦୁର୍ନୀତି ମଧ୍ୟ ଜଡ଼ିତ। କିନ୍ତୁ ସେ ବିନା ଭୟରେ ବୁଲୁଛନ୍ତି। ଆମେ ଏହାକୁ ବାରମ୍ବାର ଦୋହରାଉଛୁ।'

## ଆଦାନୀଙ୍କୁ ନେଇ ବିଜେପି-କଂଗ୍ରେସ ମୁହାଁମୁହିଁ

**ନୂଆଦିଲ୍ଲୀ, ୨୧।୧୧:** ଭାରତର କୋଟିପତି ବ୍ୟବସାୟୀ ଗୌତମ ଆଦାନୀ ଏବଂ ତାଙ୍କ ଗ୍ରୁପର ଅନ୍ୟ ସଦସ୍ୟଙ୍କ ବିରୋଧରେ ଆମେରିକାର ଏକ କୋର୍ଟ ଓ୍ୱାରେଣ୍ଟ ଜାରି କରିବା ପରେ ଦେଶରେ ରାଜନୀତି ତେଜିଛି। ମୁହାଁମୁହିଁ ହୋଇଛନ୍ତି ବିଜେପି ଓ କଂଗ୍ରେସ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ମାମଲାରେ ଆଦାନୀ ଗିରଫ ହେବା ଉଚିତ ବୋଲି କହିବା ସହ ପ୍ରଧାନମନ୍ତ୍ରୀ ମୋଦି ଓ ବିଜେପି ତାଙ୍କୁ ବଞ୍ଚାଉଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ରାହୁଲଙ୍କୁ କଡ଼ା ଜବାବ ଦେଇଛନ୍ତି ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର। ଆମେରିକା କୋର୍ଟଙ୍କ ଅଭିଯୋଗରେ ଦର୍ଶାଯାଇଥିବା ୪ଟି ରାଜ୍ୟ ମଧ୍ୟରୁ କୌଣସି ଗୋଟିଏ ରାଜ୍ୟରେ ବି ବିଜେପି ସରକାର ନଥିଲା। ଯେଉଁ ରାଜ୍ୟରେ କଂଗ୍ରେସ ଓ ଏହାର ସହଯୋଗୀ ଦଳ ଶାସନରେ ଥିଲେ, ସେହି ରାଜ୍ୟରେ ଗୌତମ ଆଦାନୀ ନିବେଶ କରୁଥିଲେ। ଯଦି ଆଦାନୀ ଭ୍ରଷ୍ଟ ଥିଲେ, ତେବେ କ'ଣ ପାଇଁ କଂଗ୍ରେସ ଓ ଏହାର ସହଯୋଗୀ ଦଳର ସରକାର ଆଦାନୀଙ୍କ ସହଯୋଗ ନେଉଥିଲେ ବୋଲି ପ୍ରଶ୍ନ କରିଛନ୍ତି ସମ୍ବିତ ପାତ୍ର।

ଓଡ଼ିଶା ସମେତ ଭାରତର ଚାରିଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ଆମେରିକା କୋର୍ଟଙ୍କ ଅଭିଯୋଗ ତାଲିକାରେ ରହିଛି। ସେହି ସମୟରେ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାରର ଶାସନ ଚାଲିଥିଲା। ଆମେରିକାର ଅଭିଯୋଗରେ ନାମିତ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁରେ କଂଗ୍ରେସର ସହଯୋଗୀ ଡିଏମକେ ସରକାର, ଛତିଶଗଡ଼ରେ କଂଗ୍ରେସ ସରକାର, ଆନ୍ଧ୍ର ପ୍ରଦେଶରେ ଜଗନ ମୋହନ ରେଡ୍ଡୀଙ୍କ YSR କଂଗ୍ରେସ ପାର୍ଟି ଏବଂ ଜମ୍ମୁ-କଶ୍ମୀର କେନ୍ଦ୍ରୀୟ ଶାସନ ଅଧୀନରେ ଥିଲା। ସମ୍ବିତ ପାତ୍ର କହିଛନ୍ତି ଯେ, ରାହୁଲ ଗାନ୍ଧୀ କହୁଛନ୍ତି ଆଦାନୀଙ୍କ ପଛରେ ପ୍ରଧାନମନ୍ତ୍ରୀ ମୋଦି ରହିଛନ୍ତି। ତେବେ ଭୂପେଶ ବଘେଲ ସରକାର ସମୟରେ ଛତିଶଗଡ଼ରେ ଆଦାନୀ ଗ୍ରୁପ ୨୫ ହଜାର କୋଟି ଟଙ୍କା କାହିଁକି ନିବେଶ କରିଥିଲା? ରାଜସ୍ଥାନରେ ଅଶୋକ ଗେହଲୋଟଙ୍କ ସରକାର ସମୟରେ ଆଦାନୀ ଗ୍ରୁପ ୬୫ ହଜାର କୋଟି କାହିଁକି ନିବେଶ କରିଥିଲା? କର୍ଣ୍ଣାଟକରେ କଂଗ୍ରେସ ସରକାର ୧ ଲକ୍ଷ କୋଟି ନିବେଶର ପ୍ରତିଶ୍ରୁତି ଦେଇଥିଲା। ଆମେ ଆପଣଙ୍କୁ ଚ୍ୟାଲେଞ୍ଜ କରୁଛୁ, ଏହି ସବୁ ମାମଲା ନେଇ ଆପଣ କୋର୍ଟ ଯାଆନ୍ତୁ।

### ଆଦାନୀ ଲାଞ୍ଚ ମାମଲା

## ଅଭିଯୋଗ ତାଲିକାରେ ଅଛି ଓଡ଼ିଶା

**ନୂଆଦିଲ୍ଲୀ, ୨୧।୧୧:** ଗୌତମ ଆଦାନୀ ଏବଂ ତାଙ୍କ ବୋର୍ଡର ୭ ଜଣ ସଦସ୍ୟଙ୍କ ବିରୁଦ୍ଧରେ ଗିରଫ ଓ୍ୱାରେଣ୍ଟ ଜାରି କରିଛନ୍ତି ଆମେରିକାର ଏକ କୋର୍ଟ। ଏମାନେ ସୌର ଶକ୍ତି ଠିକା ପାଇଁ ଭାରତର ସରକାରୀ କାର୍ଯ୍ୟକର୍ତ୍ତାଙ୍କୁ ୨୬୫ ନିୟୁତ ଡଲାର ଲାଞ୍ଚ ଦେଇଥିବା ଅଭିଯୋଗରେ ଏହି ଓ୍ୱାରେଣ୍ଟ ଜାରି କରାଯାଇଛି। ତେବେ ଆମେରିକା କୋର୍ଟଙ୍କ ଏହି ଓ୍ୱାରେଣ୍ଟ ପରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଭାରତର ଚାରିଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ଆମେରିକା କୋର୍ଟଙ୍କ ଅଭିଯୋଗ ତାଲିକାରେ ରହିଛି, ଯେଉଁମାନଙ୍କ ମଧ୍ୟରେ ଓଡ଼ିଶା ଅଛି। ସେହି ସମୟରେ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାରର ଶାସନ ଚାଲିଥିଲା। ଅଭିଯୋଗ ଅନୁସାରେ, ୨୦୨୧-୨୩ ମଧ୍ୟରେ ରାଜ୍ୟ ବିଦ୍ୟୁତ ବିତରଣ କମ୍ପାନୀରୁ ଠିକା ପାଇବାକୁ ଆଦାନି ଗ୍ରୁପ୍ ଆନ୍ଧ୍ର ପ୍ରଦେଶର ଅଧିକାରୀମାନଙ୍କୁ ବିପୁଳ ପରିମାଣର ଲାଞ୍ଚ ଦେଇଥିଲେ। ଆମେରିକାର ଅଭିଯୋଗରେ ନାମିତ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁ (ଡିଏମକେ ଅଧୀନରେ), ଛତିଶଗଡ଼ (କଂଗ୍ରେସ ଅଧୀନରେ) ଏବଂ ଜମ୍ମୁ-କଶ୍ମୀର (କେନ୍ଦ୍ରୀୟ ଶାସନ ଅଧୀନରେ) ଥିବାବେଳେ ଆନ୍ଧ୍ର ପ୍ରଦେଶକୁ ଜଗନ ମୋହନ ରେଡ୍ଡୀଙ୍କ ୱାଇଏସ୍‌ଆର୍ କଂଗ୍ରେସ ଶାସନ କରୁଥିଲା। ସରକାରୀ ମାଲିକାନାରେ ଥିବା ସୌର ଶକ୍ତି ନିଗମ(ଏସ୍‌ଇସିଆଇ)କୁ ୧୨ ଗିଗାୱାଟ ସୌର ଶକ୍ତି ଯୋଗାଇବା ପାଇଁ ଆଦାନୀ ଗ୍ରୀନ୍ ଏନର୍ଜି ଏବଂ ଅନ୍ୟ ଏକ ଅକ୍ଷୟ ଶକ୍ତି କମ୍ପାନୀ ଆଜୁର୍ ପାୱାର ଦ୍ୱାରା ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। କିନ୍ତୁ ରାଜ୍ୟମାନଙ୍କ ପାଇଁ ବିଦ୍ୟୁତ କ୍ରୟ ମହଙ୍ଗା ହେବାରୁ ଏସ୍‌ଇସିଆଇ ଏହାକୁ ବିକ୍ରି କରିବା ପାଇଁ ସଙ୍ଘର୍ଷ କରିଥିଲା। ଏହା ପରେ ଆଦାନୀ ଗ୍ରୁପ୍ ଏବଂ ଏହାର ସହଯୋଗୀମାନେ ଲାଞ୍ଚ କାରବାର କରି ନିର୍ଦ୍ଦିଷ୍ଟ ରାଜ୍ୟମାନଙ୍କୁ ସେମାନଙ୍କ ସୌର ଶକ୍ତି ବ୍ୟବହାର କରିବାକୁ ପ୍ରବର୍ତ୍ତାଇବାରେ ସାହାଯ୍ୟ କରିଥିଲେ। ଏହି ତଥ୍ୟ ଆମେରିକାର ବ୍ୟାଙ୍କ ଏବଂ ନିବେଶକ ଜାଣିପାରି ନଥିଲେ, ଯାହା ଫଳରେ ଆଦାନୀ ଗ୍ରୁପ୍ ସୌର ଶକ୍ତି ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ସଂଗ୍ରହ କରିଥିଲା ବୋଲି ବର୍ତ୍ତମାନର ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଅଭିଯୋଗ ଅନୁଯାୟୀ, ଆଦାନୀ ଗ୍ରୁପ୍ ଭାରତୀୟ ଅଧିକାରୀମାନଙ୍କୁ ପ୍ରାୟ ୨୬୫ ନିୟୁତ ଡଲାର ଅର୍ଥାତ୍ ୨,୨୩୬ କୋଟି ଟଙ୍କା ଲାଞ୍ଚ ଦେଇଛି। ଏହି ଅଭିଯୋଗ କ୍ରମେ ଆମେରିକା କୋର୍ଟ ଗୌତମ ଆଦାନୀ, ତାଙ୍କ ପୁତୁରା ସାଗର ଆଦାନୀ ଏବଂ ବୋର୍ଡର ୭ ଜଣଙ୍କ ବିରୁଦ୍ଧରେ ଗିରଫ ଓ୍ୱାରେଣ୍ଟ ଜାରି କରିଛନ୍ତି। କିନ୍ତୁ ଆଦାନୀ ଗ୍ରୁପ୍ ଏସବୁ ଅଭିଯୋଗକୁ ଖଣ୍ଡନ କରିଛି। ଏସବୁ ଅଭିଯୋଗ ଭିତ୍ତିହୀନ, କମ୍ପାନୀ ସମସ୍ତ ନିୟମ ଅନୁପାଳ କରିଛି, ଦରକାର ପଡ଼ିଲେ ସମସ୍ତ ଆଇନଗତ ପନ୍ଥା ଆପଣାଯିବ ବୋଲି ଆଦାନୀ ଗ୍ରୁପ୍ କହିଛି।

## ଦିଲ୍ଲୀ ପାଇଁ ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ କଲା ଆପ୍

**ନୂଆଦିଲ୍ଲୀ, ୨୧।୧୧:** ଆସନ୍ତା ବର୍ଷ ଦିଲ୍ଲୀ ବିଧାନସଭା ନିର୍ବାଚନ। ଏଥିପାଇଁ ଏବେଠୁ ସବୁ ରାଜନୈତିକ ଦଳଗୁଡିକରେ ଆରମ୍ଭ ହୋଇଗଲାଣି କସରତ। କାହାକୁ ପ୍ରାର୍ଥୀ କରାଯିବ, କିଏ ପାଇବ ଟିକେଟ୍? ଏହାକୁ ନେଇ ଚାଲିଛି ଅଙ୍କକଷା। ଏହାରି ଭିତରେ ଆମ ଆଦ୍‌ମୀ ପାର୍ଟି ନିଜର ପ୍ରାର୍ଥୀ ତାଲିକା ଜାରି କରିଛି। ତେବେ ଆପ୍‌ର ଏହି ପ୍ରାର୍ଥୀ ତାଲିକାରେ ରହିଛି ୬ଟି ସରପ୍ରାଇଜ୍। ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଆମ୍ ଆଦମୀ ପାର୍ଟି ବିଧାନସଭା ନିର୍ବାଚନ ପାଇଁ ୧୧ଜଣ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ବଡ଼ କଥା ହେଉଛି ବିଜେପି ଏବଂ କଂଗ୍ରେସରୁ ଆପକୁ ଆସିଥିବା ୬ ଜଣଙ୍କୁ ଟିକେଟ ଦେଇ ସମସ୍ତଙ୍କୁ ସରପ୍ରାଇଜ କରିଛି ଦଳ। ବ୍ରହ୍ମ ସିଂହ ତନଓ୍ୱରଙ୍କୁ ଛତ୍ରପୁର, ଅନିଲ ଝାଙ୍କୁ କିରାଡି, ବିବି ତ୍ୟାଗୀଙ୍କୁ ଲକ୍ଷ୍ମୀ ନଗରରୁ ଦଳ ଟିକେଟ୍ ଦେଇଛି।



ଏମାନେ ବିଜେପି ଛାଡ଼ି ନିକଟରେ ଆମ୍ ଆଦମୀ ପାର୍ଟିରେ ଯୋଗ ଦେଇଥିଲେ। ଛତ୍ରପୁରରୁ ବର୍ତ୍ତମାନର ବିଧାୟକ କରତାର ସିଂହ ତନୱାର ବିଜେପିରେ ଯୋଗଦେବା ପରେ ବ୍ରହ୍ମ ସିଂହ ତନୱାରଙ୍କ ଉପରେ ବାଜି ଲଗାଇଛି ଆପ୍। ବ୍ରହ୍ମ ତନୱାର ମଧ୍ୟ ବିଜେପି ଛାଡି ଆପ୍‌ରେ ଯୋଗ ଦେଇଥିଲେ। ତାଙ୍କୁ ଦକ୍ଷିଣ ଦିଲ୍ଲୀର ଜଣେ ବଡ଼ ଗୁଜୁର ନେତା ବୋଲି ବିଶ୍ୱାସ କରାଯାଏ। ସେହିପରି ଜୁବୈର ଚୌଧୁରୀଙ୍କୁ ସିଲମପୁର, ବୀର ସିଂହ ଧିଙ୍ଗାନଙ୍କୁ ସୀମାପୁରି ଓ ସୁମେଶ ଶୌକିନଙ୍କୁ ମଟିୟାଲାରୁ ଆପ୍ ଆଦମୀ ପାର୍ଟି ଟିକେଟ୍ ଦେଇଛି। ଏହି ତିନି ଜଣ କଂଗ୍ରେସ୍ ଛାଡି ଆପ୍‌ରେ ସାମିଲ ହୋଇଥିଲେ।

## ଫଳାଫଳ ପୂର୍ବରୁ ଏମ୍‌ଭିଏରେ ଫାଟ



**ପୁଣେ, ୨୧।୧୧:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ୨୦୨୪ ପାଇଁ ମତଦାନ ବୁଧବାର ଶେଷ ହୋଇଛି। ଏହାର ଗୋଟିଏ ଦିନ ପରେ ରାଜ୍ୟ ମୁଖ୍ୟମନ୍ତ୍ରୀ ପଦ ପାଇଁ କଂଗ୍ରେସ ନେତା ନାନା ପାଟୋଲ ଏବଂ ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ଯଦିଓ ମହାବିକାଶ ଅଗାଡି (ଏମ୍‌ଭିଏ) ରାଜ୍ୟରେ ସରକାର ଗଠନ କରିବାକୁ ଦାବି କରୁଛି, କିନ୍ତୁ ଫଳାଫଳ ପୂର୍ବରୁ ମଧ୍ୟ ଏମଭିଏରେ ମତଭେଦ ଦେଖାଦେଇଛି। ଭୋଟ ଶେଷ ହେବା ପରେ, ଏକଜିଟ ପୋଲର ଫଳାଫଳ ଆସିଥିଲା, ଅଧିକାଂଶ ଏକଜିଟ ପୋଲରେ ଭାଜପା ନେତୃତ୍ୱାଧୀନ ମହାୟୁତି ସହଯୋଗୀ ଦଳ ସରକାର ଗଠନ କରିବେ ବୋଲି ପୂର୍ବାନୁମାନ କରାଯାଇଥିଲା। ଏକଜିଟ ପୋଲ ଫଳାଫଳ ପରେ ମହାରାଷ୍ଟ୍ର କଂଗ୍ରେସ ମୁଖ୍ୟ ନାନା ପାଟୋଲେ କହିଛନ୍ତି, କଂଗ୍ରେସ ନେତୃତ୍ୱରେ ମହାରାଷ୍ଟ୍ରରେ ମହା ବିକାଶ ଆଗଡି (ଏମଭିଏ) ସରକାର ଗଠନ ହେବ।

ସଞ୍ଜୟ ରାଉତ ତୁରନ୍ତ ଏହି ବିବୃତ୍ତିକୁ ଖାରଜ କରିଛନ୍ତି। ସେ କହିଛନ୍ତି, ମୁଁ ଏହାକୁ ଗ୍ରହଣ କରିବି ନାହିଁ ଏବଂ କେହି ଏହାକୁ ଗ୍ରହଣ କରିବେ ନାହିଁ। ନାନା ପାଟୋଲେଙ୍କ ନିକଟରେ କଂଗ୍ରେସ କମାଣ୍ଡ ଅଛି କି ନାହିଁ ସେ ପ୍ରଥମେ କୁହନ୍ତୁ। ସଞ୍ଜୟ ଆହୁରି ମଧ୍ୟ କହିଛନ୍ତି, କଂଗ୍ରେସର ବରିଷ୍ଠ ଅଧିକାରୀଙ୍କଠାରୁ ଏଭଳି ଘୋଷଣା ଆସିବା ଆବଶ୍ୟକ। କଂଗ୍ରେସ ହାଇକମାଣ୍ଡ କହିଛି ଯେ, ଯଦି ଆପଣ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି, ତେବେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ସୋନିଆ ଗାନ୍ଧୀ ଏହାକୁ ଘୋଷଣା କରିବା ଉଚିତ୍। ମହାରାଷ୍ଟ୍ର ନିର୍ବାଚନ ପୂର୍ବରୁ ଆସନ ବଣ୍ଟନ ନେଇ ଦୁଇ ଦଳ ମଧ୍ୟରେ ମତଭେଦ ରହିଥିଲା। ବ୍ୟାପକ ଆଲୋଚନା ପରେ ସହମତି ହାସଲ କରିବା ସତ୍ତ୍ୱେ, ଏମ୍‌ଭିଏ ସହଯୋଗୀମାନେ ନେତୃତ୍ୱ ପ୍ରଶ୍ନର ସମାଧାନ କରି ନ ଥିଲେ। ବୁଧବାର ଗୋଟିଏ ପର୍ଯ୍ୟାୟରେ ୨୮୮ଟି ଆସନରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

## ୟୁକ୍ରେନ ବିରୋଧରେ ରଷିଆର ଆଇସିବିଏମ୍ ବ୍ୟବହାର

**ମସ୍କୋ, ୨୧।୧୧:** ୟୁକ୍ରେନର ବାଲିଷ୍ଟିକ କ୍ଷେପଣାସ୍ତ୍ର ବ୍ୟବହାରର ଜବାବ ଦେବାକୁ ଯାଇ ରଷିଆ ଏହା ବିରୋଧରେ ଆଇସିବିଏମ ଆଟାକ କରିଛି। ୟୁକ୍ରେନ ଏବଂ ଏହାର ସହଯୋଗୀ ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ରଷିଆର ଏହା ଏକ ଚେତାବନୀ ବୋଲି କୁହାଯାଉଛି। ଯଦିଓ ଆଇସିବିଏମ ଏକ ପାରମ୍ପରିକ ଅଣପରମାଣୁ ଶକ୍ତି ସମ୍ପନ୍ନ ମିସାଇଲ କିନ୍ତୁ ଏହାର ପରମାଣୁ ଅସ୍ତ୍ର ପରିବହନ କ୍ଷମତା ରହିଛି। ଏହାକୁ ବ୍ୟବହାର କରି ରଷିଆ ଧ୍ୱଂସଲୀଳା କରିପାରିବ। ଉଲ୍ଲେଖ ଯୋଗ୍ୟ ଯେ, କିଛି ଦିନ ତଳେ ରଷିଆର ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ନିଜ ସେନାକୁ ପରମାଣୁ ଶକ୍ତି ସମ୍ପନ୍ନ ମିସାଇଲ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଆମେରିକା, ଇଟାଲୀ, ସ୍ପେନ ଏବଂ ଗ୍ରୀସ ଆଦି ଦେଶ ୟୁକ୍ରେନରେ ସେମାନଙ୍କ ଦୂତାବାସ ବନ୍ଦ କରି ଦେଇଛନ୍ତି। ଅନେକ ୟୁରୋପୀୟ ରାଷ୍ଟ୍ର ନିଜ ଦେଶର ନାଗରିକମାନଙ୍କୁ ସମ୍ଭାବ୍ୟ ତୃତୀୟ ବିଶ୍ୱଯୁଦ୍ଧର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଏପରିକି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ କିଣି ମହଜୁଦ ରଖିବା ନିମନ୍ତେ ମଧ୍ୟ ସ୍ୱିଡେନ ନିଜ ନାଗରିକମାନଙ୍କୁ ପରାମର୍ଶ ଦେଇଛି। ପୂର୍ବରୁ ଆମେରିକା ଓ ଇଂଲଣ୍ଡ ୟୁକ୍ରେନକୁ ସେମାନେ ପ୍ରଦାନ କରିଥିବା କ୍ରୁଜ ଏବଂ ବାଲିଷ୍ଟିକ ମିସାଇଲ ବ୍ୟବହାର କରିବାକୁ ଅନୁମତି ଦେଇଥିଲେ। ଏହା ଦ୍ୱାରା ୟୁକ୍ରେନ ରଷିଆର ଆଭ୍ୟନ୍ତରୀଣ ଅଞ୍ଚଳକୁ ଟାର୍ଗେଟ କରିପାରିବ ଏବଂ ବ୍ୟାପକ କ୍ଷତିସାଧନ କରିପାରିବ।



ପ୍ରକାଶ ଥାଉକି, ନିକଟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କହିଥିଲେ, ଆମେରିକା ଦେଇଥିବା ବଡ଼ବଡ଼ ମିସାଇଲକୁ ୟୁକ୍ରେନ ରୁଷ ବିରୋଧରେ ବ୍ୟବହାର କରିବ। ଏହାପରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆଣବିକ ନୀତିରେ ତୁରନ୍ତ ପରିବର୍ତ୍ତନ ଆଣି ଏକ ନୂଆ ନିର୍ଦ୍ଦେଶନାମା ଜାରି କରିଥିଲେ। ଯଦି ଗୋଟିଏ ଆଣବିକ ଯୁଦ୍ଧାସ୍ତ୍ର ରାଷ୍ଟ୍ର ଅଣଆଣବିକ ଯୁଦ୍ଧାସ୍ତ୍ର ରାଷ୍ଟ୍ରକୁ ସମର୍ଥନ କରିବ, ତେବେ ସ୍ଥିତି ଭୟଙ୍କର ହେବ ବୋଲି ଚେତାବନୀ ଦେଇଥିଲେ ପୁଟିନ। ଅଣଆଣବିକ କ୍ଷମତା ନଥିବା ରାଷ୍ଟ୍ର ଉପରେ ମଧ୍ୟ ରୁଷ ପରମାଣୁ ଯୁଦ୍ଧାସ୍ତ୍ର ଦ୍ୱାରା ଆକ୍ରମଣ କରିପାରିବ ବୋଲି ପୁଟିନ ସଂଶୋଧିତ ନିର୍ଦ୍ଦେଶନାମାରେ ଜାରି କରିଥିଲେ। ଏହାର ଦିନକ ପରେ ୟୁକ୍ରେନ ଉପରେ ଆଇସିବିଏମ ଆକ୍ରମଣ କରିଛି ରୁଷ, ମାତ୍ର ଏହା ପରମାଣୁ ଅସ୍ତ୍ରଶସ୍ତ୍ର କି ନୁହେଁ, ତାହା ସ୍ପଷ୍ଟ ହୋଇନାହିଁ।

### ଆଜି ପ୍ରଥମ ଟେଷ୍ଟ

# ନେତୃତ୍ୱ ସର୍ବଶ୍ରେଷ୍ଠ ପ୍ରଦର୍ଶନ ଆଣିବ: ବୁମ୍‌ରା

**ସିଡନୀ,୨୧।୧୧:** ଶୁକ୍ରବାର ଆରମ୍ଭ ହେବ ଭାରତ ଓ ଅଷ୍ଟ୍ରେଲିଆ ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟ। ପର୍ଥରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟରେ ଭାରତର ନିୟମିତ ଅଧିନାୟକ ରୋହିତ ଶର୍ମା ଖେଳିବେ ନାହିଁ। ତାଙ୍କ ବଦଳରେ ସ୍ପିଡଷ୍ଟର ଯଶପ୍ରୀତ ବୁମ୍‌ରା ପ୍ରଥମ ଟେଷ୍ଟରେ ଭାରତର କ୍ୟାପ୍ଟେନ୍ସି କରିବେ।

ଏଯାଏ ଭାରତକୁ ବୋଲିଂରେ ସଫଳତା ଦେଇ ଆସୁଥିବା ବୁମ୍‌ରା ନୂଆ ଦାୟିତ୍ୱ ପାଇଁ ବେଶ ଉତ୍ସାହିତ। ବୁମ୍‌ରା ଦ୍ୱିତୀୟ ଥର ପାଇଁ କୌଣସି ଟେଷ୍ଟ ମ୍ୟାଚ୍‌ରେ ଭାରତର ଅଧିନାୟକ ହେବାକୁ ଯାଉଛନ୍ତି। ସେ ୨୦୨୨ରେ ଇଂଲଣ୍ଡ ବିପକ୍ଷ ଏଜବାଷ୍ଟନ ଟେଷ୍ଟରେ ଭାରତର ନେତୃତ୍ୱ ନେଇଥିଲେ।



ଅଷ୍ଟ୍ରେଲିଆ ବିପକ୍ଷ ବହୁପ୍ରତିକ୍ଷୀତ ଟେଷ୍ଟରେ ବୁମ୍‌ରା କ୍ୟାପ୍ଟେନ ହେବାକୁ ଯାଉଥିବା ବେଳେ ଏହାକୁ ନେଇ ଦିନକ ପୂର୍ବରୁ ବଡ଼ ବୟାନ ଦେଇଛନ୍ତି। ସେ କ୍ୟାପ୍ଟେନ୍ସି ଦାୟିତ୍ୱକୁ ନିଜ ଢଙ୍ଗରେ ଚଳାଇବେ ବୋଲି କହିଛନ୍ତି। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବୁମ୍‌ରା କହିଛନ୍ତି, "ମୁଁ କ୍ୟାପ୍ଟେନ୍ସିକୁ ଗୋଟିଏ ପଦବୀ ଭାବେ ଦେଖୁନାହିଁ। କିନ୍ତୁ ମୁଁ ସବୁବେଳେ ଦାୟିତ୍ୱ ନେବାକୁ ଭଲ ପାଏ। ମୁଁ ପିଲାଟି ବେଳୁ ଚ୍ୟାଲେଞ୍ଜିଂ ଦାୟିତ୍ୱ ନେବାକୁ ସବୁବେଳେ ଚାହିଁ ଆସିଛି। ଆପଣ କିଛି କରିବାକୁ ଚାହୁଁଛନ୍ତି ଓ ଆପଣଙ୍କୁ ଏମିତି ଏକ ସ୍ଥିତିରେ ଛାଡ଼ି ଦିଆଯିବ। ଏହା ମୋ ପାଇଁ ଗୋଟିଏ ଚ୍ୟାଲେଞ୍ଜ।" ବୁମ୍‌ରା ଭଲ ଭାବେ ଜାଣିଛନ୍ତି ଯେ ସେ କେବଳ ଗୋଟିଏ ଟେଷ୍ଟରେ ହିଁ ଭାରତର ନେତୃତ୍ୱ ନେବେ। ତଥାପି ସେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟରେ ଏମିତି କିଛି କରିବାକୁ ଚାହୁଁଛନ୍ତି, ଯାହା ତାଙ୍କୁ ଭବିଷ୍ୟତରେ ସହାୟକ ହେବ। ଏ ସମ୍ପର୍କରେ ବୁମ୍‌ରା କହିଛନ୍ତି, "ନିଶ୍ଚିତ ଭାବେ ମୁଁ ରୋହିତଙ୍କୁ କହିପାରିବି ନାହିଁ ଯେ ମୁଁ କ୍ୟାପ୍ଟେନ୍ସି କରିଦେଉଛି।

ସେ ଆମର ଅଧିନାୟକ। ସେ ଭଲ କାମ କରୁଛନ୍ତି। ବର୍ତ୍ତମାନ ଆମେ କେବଳ ଗୋଟିଏ ମ୍ୟାଚ୍ କଥା ଚିନ୍ତା କରୁଛୁ ଓ ଆସନ୍ତାକାଲି କ'ଣ ହେବ, ସେକଥା କେହି ବି ଜାଣିନାହାନ୍ତି। ପରବର୍ତ୍ତୀ ମ୍ୟାଚରେ ସବୁ କିଛି ବଦଳିବ ଓ କ୍ରିକେଟ ଏଭଳି ଢଙ୍ଗରେ ହିଁ ଚାଲିଥାଏ। ଏବେ ମୁଁ ବର୍ତ୍ତମାନରେ ରହିଛି। ମୋତେ ଗୋଟିଏ ଦାୟିତ୍ୱ ଦିଆଯାଇଛି। ମୁଁ ପୂର୍ବରୁ ଥରେ ଦାୟିତ୍ୱ ନେଇ ସାରିଛି। ମୁଁ କେମିତି କ୍ୟାପ୍ଟେନ୍ସିରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିପାରିବି, ସେକଥା ଭାବୁଛି। ଭବିଷ୍ୟତ ମୋ ହାତରେ ନାହିଁ।" ବୁମ୍‌ରାଙ୍କ କହିବା କଥା ଯେ ସେ କ୍ୟାପ୍ଟେନ୍ସି ଶୈଳୀ କାହା ଠାରୁ ନକଲ କରିବେ ନାହିଁ। ସେ ନିଜ ଶୈଳୀରେ ସବୁ କିଛି କରିବେ ବୋଲି ସ୍ପଷ୍ଟ କରିଛନ୍ତି।

### ଭବିଷ୍ୟବାଣୀ କଲେ ରବି ଶାସ୍ତ୍ରୀ

# ବର୍ଡର-ଗାଭାସ୍କର ଟ୍ରଫିରେ ଅଷ୍ଟ୍ରେଲିଆର ନିଦ ହଜାଇବେ ଜୟସ୍ୱାଲ, ବୁମ୍‌ରା

**ନୂଆଦିଲ୍ଲୀ,୨୧।୧୧:** ବର୍ଡର -ଗାଭାସ୍କର ଟ୍ରଫି ୨୦୨୪-୨୫ ନଭେମ୍ବର ୨୨ରୁ ଆରମ୍ଭ ହେବ। ଯେଉଁଥିରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚଟି ଟେଷ୍ଟ ମ୍ୟାଚ ଖେଳାଯିବ। ଏହି ସିରିଜର ପ୍ରଥମ ଟେଷ୍ଟ ପର୍ଥରେ ଖେଳାଯିବ। ଭାରତ ଏହାର ଟାଇଟଲ ରକ୍ଷା କରିବାକୁ ଏବଂ ବିଶ୍ୱ ଟେଷ୍ଟ ଚାମ୍ପିୟନସିପର ଶ୍ରେଷ୍ଠ ୨ରେ ସ୍ଥାନ ବଜାୟ ରଖିବାକୁ ମଇଦାନକୁ ଓହ୍ଲାଇବ। ଏହି ସିରିଜ ପୂର୍ବରୁ ଭାରତୀୟ ଦଳର ପୂର୍ବତନ ପ୍ରଶିକ୍ଷକ ରବି ଶାସ୍ତ୍ରୀ ଏହି ଖେଳାଳିଙ୍କ ନାମ କହିଛନ୍ତି, ଯେଉଁମାନେ ଏହି ସିରିଜରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରନ୍ତି। ରବି ଶାସ୍ତ୍ରୀଙ୍କ ଦୁଇ ଗୁରୁତ୍ୱପୂର୍ଣ୍ଣ ଭାରତୀୟ ଖେଳାଳିଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବ୍ୟାଟ୍ସମ୍ୟାନ ଯଶସ୍ୱୀ ଜୟସ୍ୱାଲ। ସେ କହିଛନ୍ତି, ଯଶସ୍ୱୀଙ୍କର ବଡ ଇନିଂସ ଖେଳିବାର କ୍ଷମତା ଅଛି। ସେ ଜଣେ ଖେଳାଳି ଯିଏ ବଞ୍ଚି ରହିଲେ ବିରୋଧୀ ବୋଲିଂକୁ ନଷ୍ଟ କରିପାରିବେ। ତାଙ୍କର କୌଶଳ ଦୃଢ଼ . ଏବଂ ସେ ପ୍ରତ୍ୟେକ ଫର୍ମାଟରେ ଆରାମରେ ଖେଳନ୍ତି।



ଚଳିତ ବର୍ଷ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଚମତ୍କାର ପ୍ରଦର୍ଶନ କରି ଯଶସ୍ୱୀ ଜୟସ୍ୱାଲ ତାଙ୍କ ସ୍ଥାନ ନିଶ୍ଚିତ କରିଛନ୍ତି। ସେ ସିରିଜରେ ଲଗାତାର ଦୁଇଥର ଶତକ ହାସଲ କରି ଲାଇମଲାଇଟରେ ଆସିଥିଲେ । ରବି ଶାସ୍ତ୍ରୀ ଜସପ୍ରୀତ ବୁମରାଙ୍କ ନାମ ଦ୍ୱିତୀୟରେ ନେଇଛନ୍ତି। ଅଷ୍ଟ୍ରେଲିଆ ମାଟିରେ ବୁମରା ସର୍ବଦା ସଫଳ ରହିଆସିଛନ୍ତି। ଶାସ୍ତ୍ରୀ ତାଙ୍କୁ ପ୍ରଶଂସା କରି କହିଛନ୍ତି, ବୁମ୍‌ରା ଦୁନିଆର ସର୍ବୋତ୍ତମ ଦ୍ରୁତ ବୋଲରମାନଙ୍କ ମଧ୍ୟରୁ ଜଣେ। ତାଙ୍କ ପାଖେ ଏମିତି ଗୁଣ ଅଛି ଯାହା ସହିତ ସେ ମ୍ୟାଚର ଗତି ବଦଳାଇ ପାରିବେ।

# ଅଷ୍ଟ୍ରେଲିଆ ବଜାରରେ ବଢୁଛି 'କୋହଲିଙ୍କ ବ୍ୟାଟ୍' କ୍ରେଜ୍

**ସିଡନୀ,୨୧।୧୧:** ବର୍ଡର-ଗାଭାସ୍କର ଟ୍ରଫି ୨୦୨୪କୁ ନେଇ ଭାରତୀୟ ଏବଂ ଅଷ୍ଟ୍ରେଲିୟ ପ୍ରଶଂସକଙ୍କ ମଧ୍ୟରେ କ୍ରେଜ୍ ରହିଛି। କଙ୍ଗାରୁ ଦଳ ବିପକ୍ଷରେ ବିରାଟ କୋହଲିଙ୍କ ଭଲ ରେକର୍ଡ ଥିବାରୁ ଅଷ୍ଟ୍ରେଲିଆ ପ୍ରଶଂସକମାନେ ତାଙ୍କୁ ଖେଳିବାକୁ ଉତ୍ସାହିତ ଅଛନ୍ତି। ନିକଟରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡିଛି ଯେ, ଭାରତ ବନାମ ଅଷ୍ଟ୍ରେଲିଆ ପର୍ଥ ଟେଷ୍ଟକୁ ଲାଇଭ ଦେଖିବା ପାଇଁ ମୋଟ ଏକ ଲକ୍ଷରୁ ଅଧିକ ଲୋକ ଆସିବେ।



ସୋସିଆଲ ମିଡିଆରେ ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ପୋଡକାଷ୍ଟର ଅଷ୍ଟ୍ରେଲିଆର ଏକ କ୍ରୀଡା ଦୋକାନରେ ପହଞ୍ଚିଛନ୍ତି, ଯାହା ଗ୍ରେଗ ଚାପେଲ କ୍ରୀଡା କେନ୍ଦ୍ର ଅଟେ। ପୂର୍ବତନ ଭାରତୀୟ ଅଧିନାୟକ କୋହଲି ଭାରତୀୟ ଟାୟାର କମ୍ପାନୀ 'ଏମଆରଏଫ' ଦ୍ୱାରା ପ୍ରାୟୋଜିତ। ତେଣୁ 'ଏମଆରଏଫ' ତାଙ୍କ ବ୍ୟାଟରେ ଇଂରାଜୀ ଅକ୍ଷରରେ ଲେଖାଯାଇଛି। ଏହି ଭାଇରାଲ ଭିଡିଓରେ ପ୍ରଶଂସକ କହିଛନ୍ତି ଯେ, କୋହଲିଙ୍କ ବ୍ୟାଟ ଅଷ୍ଟ୍ରେଲିଆରେ ୨,୯୮୫ ଡଲାରରେ ବିକ୍ରି ହେଉଛି, ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ଏକ ଲକ୍ଷ ୬୫ ହଜାର ଟଙ୍କା ସହିତ ସମାନ। ଲକ୍ଷ ଲକ୍ଷ ମୂଲ୍ୟରେ ଏହାର ମୂଲ୍ୟର ଗୋଟିଏ ରହସ୍ୟ ହେଉଛି ଏଥିରେ ବିରାଟ କୋହଲିଙ୍କ ଅଟୋଗ୍ରାଫ ମଧ୍ୟ ରହିଛି।

ବର୍ଡର-ଗାଭାସ୍କର ଟ୍ରଫି କଥା ଆସିଲେ, ବିରାଟ କୋହଲି ଭାରତ ପାଇଁ ଚମତ୍କାର ବ୍ୟାଟିଂ କରୁଛନ୍ତି। କୋହଲି ବର୍ତ୍ତମାନ ପର୍ଯ୍ୟନ୍ତ ବର୍ଡର-ଗାଭାସ୍କର ଟ୍ରଫି ଇତିହାସରେ ୨୪ଟି ମ୍ୟାଚ ଖେଳିଛନ୍ତି, ୪୨ ଇନିଂସରେ କୋହଲି ଏପର୍ଯ୍ୟନ୍ତ ୧,୯୭୯ ରନ ସଂଗ୍ରହ କରିଛନ୍ତି। ତାଙ୍କର ରେକର୍ଡ ମଧ୍ୟ ଆଶ୍ଚର୍ଯ୍ୟଜନକ। କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସେ ୮ ଶତକଏବଂ ପାଞ୍ଚ ଅର୍ଦ୍ଧଶତକ ହାସଲ କରିଛନ୍ତି।

ବିରାଟ କୋହଲି ବ୍ୟବହାର କରିଥିବା ବ୍ୟାଟ ମୂଲ୍ୟ ୫୫ ହଜାର ଟଙ୍କା, କିନ୍ତୁ ଅଷ୍ଟ୍ରେଲିଆ ବଜାରରେ ଏହାର ମୂଲ୍ୟ ପ୍ରାୟ ତିନି ଗୁଣ ଅଟେ। ଏବେ ସମସ୍ତଙ୍କ ନଜର ଭାରତ ବନାମ ଅଷ୍ଟ୍ରେଲିଆ ବର୍ଡର-ଗାଭାସ୍କର ଟ୍ରଫି ଉପରେ ଅଛି। ଏହି ସିଜରିଜ୍ ନଭେମ୍ବର ୨୨ରୁ ଆରମ୍ଭ ହେବାକୁ ଯାଉଛି।

# ମୁମ୍ବାଇର ପ୍ରଥମ ମୁକାବିଲା ଖେଳିବେ ନାହିଁ ହାର୍ଦ୍ଦିକ

**ନୂଆଦିଲ୍ଲୀ,୨୧।୧୧:** ଆଇପିଏଲ୍ ୨୦୨୫ ଲାଗି ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ରିଟେନ୍ କରିଛି ମୁମ୍ବାଇ ଇଣ୍ଡିଆନ୍ସ। ହେଲେ ସେ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଖେଳିବେ ନାହିଁ। ଆପଣ ଭାବୁଥିବେ କାହିଁକି। ସ୍ଲୋ ଓଭର୍ ରେଟ୍‌କୁ ନେଇ ହାର୍ଦ୍ଦିକଙ୍କ ଉପରେ ପ୍ରତିବନ୍ଧକ(ବ୍ୟାନ୍) ଲଗାଯାଇଛି। ଆଇପିଏଲ୍ ୨୦୨୪ରେ ମୁମ୍ବାଇର ଅନ୍ତିମ ମୁକାବିଲା ଲକ୍ଷ୍ନୌ ସୁପର ଜାଏଣ୍ଟସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ହାର୍ଦ୍ଦିକ ସ୍ଲୋ ଓଭର ରେଟ୍‌ର ଶିକାର ହୋଇଥିଲେ। ଏହା ଉକ୍ତ ସିଜନରେ ତାଙ୍କ ଉପରେ ଲାଗିଥିବା ତୃତୀୟ ସ୍ଲୋ ଓଭର ରେଟ୍ ଥିଲା। ଏଥିଲାଗି ତାଙ୍କ ଉପରେ ୩୦ ଲକ୍ଷ ଟଙ୍କାର ଜରିମାନା ସହ ଗୋଟିଏ ମ୍ୟାଚ୍‌ର ବ୍ୟାନ୍ ଲାଗିଛି। ଆଇପିଏଲ୍ ନିୟମ ମୁତାବକ, ଯଦି ଟିମ୍ ସ୍ଲୋ ଓଭର ରେଟ୍‌ର ଶିକାର ହୁଏ ତେବେ ଅଧିନାୟକଙ୍କ ଉପରେ ପ୍ରଥମ ଥର ପାଇଁ ୧୨ ଲକ୍ଷ ଟଙ୍କାର ଜରିମାନା ଦେବାକୁ ହୋଇଥାଏ। ଦ୍ୱିତୀୟ ଥର ପାଇଁ ୨୪ ଲକ୍ଷ ଏବଂ ତୃତୀୟ ଥର ପାଇଁ ୩୦ ଲକ୍ଷ ସହ ଗୋଟିଏ ମ୍ୟାଚ୍‌ରୁ ବ୍ୟାନ୍ ଲଗାଯାଇଥାଏ।



ତେବେ ଯଦି ହାର୍ଦ୍ଦିକ ଅଧିନାୟକତ୍ୱ କରିବେ ନାହିଁ ତେବେ ମୁମ୍ବାଇ କାହା ନେତୃତ୍ୱରେ ମଇଦାନକୁ ଓହ୍ଲାଇବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରୋହିତ ଶର୍ମା, ଜସପ୍ରିତ ବୁମ୍‌ରା, ସୂର୍ଯ୍ୟକୁମାର ଯାଦବ ପ୍ରମୁଖ ରେସ୍‌ରେ ଆଗରେ ଥିଲେ ହେଁ ସୂର୍ଯ୍ୟକୁମାର ଦଳ ମ୍ୟାନେଜମେଣ୍ଟ ଦୃଷ୍ଟିରେ ଆଗରେ ରହିବେ।

### କୋହଲିଙ୍କ ପୋଷ୍ଟକୁ ନେଇ ହଇଚଇ

# ଅନୁଷ୍କାଙ୍କ ସହ ଛାଡ଼ପତ୍ର ନେଇ ଚର୍ଚ୍ଚା !

**ନୂଆଦିଲ୍ଲୀ,୨୧।୧୧:** ଭାରତୀୟ କ୍ରିକେଟ ପ୍ରଶଂସକମାନେ ଉତ୍ସାହର ସହିତ ବର୍ଡର-ଗାଭାସ୍କର ଟ୍ରଫିକୁ ଅପେକ୍ଷା କରିଛନ୍ତି, ଯେଉଁଥିରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯିବ। ଏହି ସିରିଜର ପ୍ରଥମ ଟେଷ୍ଟ ମ୍ୟାଚ ପର୍ଥରେ ୨୨ରୁ ୨୬ନଭେମ୍ବର ମଧ୍ୟରେ ଖେଳାଯିବ । ପର୍ଥ ଟେଷ୍ଟ ପୂର୍ବରୁ ବିରାଟ କୋହଲି ତାଙ୍କ ଏକ୍ସ ଏବଂ ଇନଷ୍ଟାଗ୍ରାମ ପୋଷ୍ଟ ସହିତ ପ୍ରଶଂସକଙ୍କ ମଧ୍ୟରେ ଚିନ୍ତା ବଢ଼ାଇ ଦେଇଛନ୍ତି। ଏହି ପୋଷ୍ଟରୁ ପ୍ରଶଂସକମାନେ ଅନୁଭବ କରୁଛନ୍ତି ଯେ ଆର୍ ରେହମାନ ଏବଂ ସାଇରା ବାନୁଙ୍କ ଛାଡପତ୍ର ପରେ ବର୍ତ୍ତମାନ ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ଏହି ନିଷ୍ପତ୍ତି ନେବାକୁ ଯାଉଛନ୍ତି। ବିରାଟ କୋହଲି ଏକ୍ସ ଏବଂ ଇନଷ୍ଟାଗ୍ରାମରେ ତାଙ୍କର ଗୋଟିଏ ପୋଷ୍ଟ ଶେୟାର କରିଛନ୍ତି, ଯେଉଁଥିରେ ହ୍ୱାଇଟ୍ ବ୍ୟାକ୍‌ଗ୍ରାଉଣ୍ଡ ଟେମ୍ପଲେଟରେ ବ୍ଲାକ୍ ଟେଷ୍ଟ ଥିଲା। ବିରାଟ ପୋଷ୍ଟରେ ଲେଖିଛନ୍ତି, ପଛକୁ ଚାହିଁ ଯଦି ଦେଖିବା ତେବେ ଆମେ ସବୁବେଳେ ଟିକିଏ ଅଲଗା ରହିଛୁ। ଆମେ ସବୁବେଳେ ସେହି ବାକ୍ସରେ ରହିବାକୁ ଫିଟ୍ ହୋଇନଥାଉ, ଯେଉଁ ବାକ୍ସରେ ଲୋକମାନେ ରଖିବାକୁ ଚେଷ୍ଟା କରିଥାନ୍ତି। ଏହି ପୋଷ୍ଟ ଶେୟାର ହେବା ମାତ୍ରେ ପ୍ରଶଂସକଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। କିଛି ପ୍ରଶଂସକ ଅନୁଭବ କରିବାକୁ ଲାଗିଛନ୍ତି ଯେ ବିରାଟ କୋହଲି ବର୍ତ୍ତମାନ ଅବସର ଘୋଷଣା କରିବେ। କିଛି ପ୍ରଶଂସକ କହିବା ଆରମ୍ଭ କଲେ ଯେ ବର୍ତ୍ତମାନ ବିରାଟ ଏବଂ ଅନୁଷ୍କାଙ୍କ ମଧ୍ୟରେ ଛାଡପତ୍ର ହେବାର ସମୟ ଆସିଛି। ଅନ୍ୟ ଜଣେ ଉପଭୋକ୍ତା ଲେଖିଛନ୍ତି , ମୁଁ ଭାବିଲି ବିରାଟ ଏବଂ ଅନୁଷ୍କାଙ୍କର ମଧ୍ୟ ଛାଡପତ୍ର ହେଇଗଲା। ବାସ୍ତବରେ, ଏହି ପୋଷ୍ଟଟି ବିରାଟ କୋହଲିଙ୍କ ଅବସର କିମ୍ବା ବିରାଟ ଏବଂ ଅନୁଷ୍କା ଶର୍ମାଙ୍କ ଛାଡପତ୍ର ସହିତ ଜଡିତ ନୁହେଁ। ବିରାଟଙ୍କ ଏହି ପୋଷ୍ଟ ଏକ ପ୍ରମୋସନାଲ ପୋଷ୍ଟ ଥିଲା। ବିରାଟ କୋହଲିଙ୍କ ଏହି ପୋଷ୍ଟରେ ଦର୍ଶାଯାଇଛି ଯେ ତାଙ୍କର ଲୋକପ୍ରିୟତା କେତେ ବ୍ୟାପକ ଏବଂ ପ୍ରଶଂସକମାନେ ତାଙ୍କର ପ୍ରତ୍ୟେକ ଶବ୍ଦ ପ୍ରତି କେତେ ଧ୍ୟାନ ଦିଅନ୍ତି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହତାବଙ୍କ...

ମହତାବ ଏଭଳି କିଛି କାମ କରିଛନ୍ତି ଯାହାଙ୍କ ନାମରେ ଇତିହାସ ଲେଖାଯାଇଛି। ମହତାବ ଏପରି କିଛି ଲେଖିଛନ୍ତି, ଯାହା ଆମେ ଇତିହାସ ନାମରେ ଆମେ ପଢୁଛୁ, ଯେଉଁ ଇତିହାସ ଭବିଷ୍ୟତର ଆଇନା ଭାବେ କାମ କରୁଛି। ୧୯୩୬ ଏପ୍ରିଲ ପହିଲାରେ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ମାନ୍ୟତା ପାଇଥିଲା। ଏ ଦିଗରେ ଡଃ ମହତାବଙ୍କ ବଡ ଭୂମିକା ଥିଲା। ଦେଶ, ଜାତି, ଭାଷା, ସଂସ୍କୃତି ପାଇଁ ଇଂରେଜ ଶାସନ ବିରୋଧରେ ସଂଘର୍ଷ ଜାରି ରଖିଥିଲେ। ଏଥିପାଇଁ ଆମେ ତାଙ୍କୁ ଶ୍ରଦ୍ଧାରେ ଉତ୍କଳ କେଶରୀ ବୋଲି ସମ୍ବୋଧନ କରୁଅଛେ ।

ଶ୍ରୀ ପ୍ରଧାନ କହିଛନ୍ତି, ଡ. ମହତାବ ଅନ୍ତିମ ସମୟରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଯାଇ ଲୋକକଳାକୁ ଉଜାଗର କରିଥିଲେ। ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଥିବା ସମୟରେ ତାଙ୍କର ନିର୍ଣ୍ଣୟ କ୍ରମେ ମନ୍ଦିରମାଳିନୀ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ହୋଇଥିଲା। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ମହତାବ ଛୋଟ ରାଜ୍ୟ ଓ ଗଡଜାତକୁ ଭାରତର ଅଖଣ୍ଡତା ସହ ଯୋଡିଥିଲେ। ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଥିବା ସମୟରେ ହୀରାକୁଦ ଡ୍ୟାମ ନିର୍ମାଣ ହୋଇଥିଲା। ମହତାବଙ୍କ ବିଚାରର ଅନୁଯାୟୀ ଭାବେ ମୁଁ ସୌଭାଗ୍ୟଶାଳୀ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ତାଙ୍କ ଲିଖିତ 'ଗାଁ ମଜଲିସ'ରେ ସମାଜର ସ୍ଥିତି ସୁଧାର, ସମାଜ ନିର୍ମାଣର ନିଚ୍ଛକ ଚିତ୍ର ଥିଲା। ଦିଲ୍ଲୀରେ ଡ. ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ଉପଲକ୍ଷେ ବର୍ଣ୍ଣାଢ୍ୟ ସମାରୋହର ଆୟୋଜନ କରି ଜାତୀୟ ସ୍ତରରେ ଓଡ଼ିଶାର ମର୍ଯ୍ୟାଦା ବଢାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଓଡ଼ିଶାରେ ଏକବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଯୋଜନା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହତାବଙ୍କ ଉପରେ ଏକ ସ୍ମାରକୀ ଡାକଟିକଟ ଓ ମୁଦ୍ରା ଉନ୍ମୋଚନ କରିଥିଲେ। ଓଡ଼ିଆରେ ମୋନୋଗ୍ରାଫ୍, 'ଗାଁ ମଜଲିସ'ର ଇଂରାଜୀ ଓ ହିନ୍ଦୀ ଅନୁବାଦ ମଧ୍ୟ ଉନ୍ମୋଚନ କରାଯାଇଥିଲା। କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ଶେଖାୱତ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ସମାରୋହରେ ଉପସ୍ଥିତ ଥିଲେ।

### ଶକ୍ତିଶାଳୀ...

ବିରୋଧ କରି ସଭା ଛାଡି ପଳାଇଥିଲେ। ରାଜ୍ୟ ସରକାର ଡକ୍ଟର ହରେକୃଷ୍ଣ ମହାତାବଙ୍କ ୧୨୫ତମ ଜନ୍ମବାର୍ଷିକୀକୁ ବର୍ଷେବ୍ୟାପି ପାଳନ ଲାଗି ପ୍ରସ୍ତୁତ ଚଳାଇଥିବାବେଳେ ଏଥିପାଇଁ ଗଠିତ ଉଚ୍ଚସ୍ତରୀୟ କମିଟିରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅଧ୍ୟକ୍ଷ ରହିଛନ୍ତି। ତେବେ ଉତ୍ସବର ଶ୍ରୀଗଣେଶ ମହତାବଙ୍କ କର୍ମକ୍ଷେତ୍ର କଟକରୁ ଆରମ୍ଭ ହୋଇଥିବା ସଭାରେ ଯେଭଳି ଜିଲ୍ଲାପାଳଙ୍କୁ ନେଇ ଅସନ୍ତୋଷ ପରିଲକ୍ଷିତ ହୋଇଛି ତାହା ବର୍ଷେବ୍ୟାପି ଉତ୍ସବ ପାଳନକୁ ନେଇ କଟକିଆ ନେତାଙ୍କ ମନରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସିନ୍ଧେଙ୍କର ଏଭଳି ଆଚରଣ ଜାରି ରହିଲେ ଆଗାମୀ ସଭାରେ କଟକିଆ ନେତାଙ୍କୁ ଆଉ ଦେଖିବାକୁ ମିଳିବ ନାହିଁ ବୋଲି ଆଲୋଚନା ଜୋର ଧରିଛି।

### ଉତ୍କର୍ଷ ଓଡିଶା...

ମାଝୀଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀଙ୍କ ସମେତ ଏକ ପ୍ରତିନିଧୀ ଦଳ ସିଙ୍ଗାପୁର ଯାଇଥିଲେ ଏବଂ ଏହି ଗସ୍ତ ଅତ୍ୟନ୍ତ ଫଳପ୍ରଦ କୁହାଯାଉଛି। ଏହି ଗସ୍ତରେ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ସରକାର, ଅଗ୍ରଣୀ ଶିଳ୍ପପତି, ଶିଳ୍ପ ମୁଖ୍ୟ ଏବଂ କମ୍ପାନୀଗୁଡିକ ସହିତ ଆମର ଫଳପ୍ରଦ ଆଲୋଚନା ହୋଇଥିଲା। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୫ ଲକ୍ଷ କୋଟି ଟଙ୍କା ବିନିଯୋଗ କରିବାକୁ ଆମ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଶିଳ୍ପ ମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିସହିତ ଆସନ୍ତା ଜାନୁଆରୀରେ ହେବାକୁ ଥିବା ଉତ୍କର୍ଷ ଓଡିଶା କନକ୍ଲେଭରେ ସିଙ୍ଗାପୁର ରାଷ୍ଟ୍ରପତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, "ଆମେ ଅନେକ ସ୍ଥାନ ପରିଦର୍ଶନ କରିଛୁ ଏବଂ ସିଙ୍ଗାପୁରରେ ମଧ୍ୟ ଆଧୁନିକ ପ୍ରଯୁକ୍ତିବିଦ୍ୟା ତଥା ସୁବିଧା ପ୍ରୟୋଗ କରିବାକୁ ମୁଖ୍ୟମନ୍ତ୍ରୀ ଆମକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଆମୋନିୟା, ନବୀକରଣ ଯୋଗ୍ୟ ଶକ୍ତି, ଟେକ୍ସଟାଇଲ୍, ଜାହାଜ ନିର୍ମାଣ କିମ୍ବା କଣ୍ଟେନର ଉତ୍ପାଦନ ହେଉ, ସମସ୍ତ ଶିଳ୍ପ ମୁଖ୍ୟଙ୍କ ସହ ଆମର ଗୋଟିଏ ପରେ ଗୋଟିଏ ଆଲୋଚନା ହୋଇଥିଲା ଏବଂ ସେମାନେ ଆମକୁ ଓଡିଶାରେ ବିନିଯୋଗ କରିବାକୁ ନିଶ୍ଚିତ କରିଛନ୍ତି।" ସିଙ୍ଗପୁରରେ ହୋଇଥିବା ରୋଡ ଶୋରେ ବିଭିନ୍ନ କ୍ଷେତ୍ରର ୪୦୦ରୁ ଅଧିକ ଶିଳ୍ପ ସଂସ୍ଥା ସହ ଆଲୋଚନା ହୋଇଛି।

"ନିବେଶକମାନେ ଓଡ଼ିଶାରେ ଗ୍ୟାସ କାରଖାନା ସ୍ଥାପନ ଏବଂ ଗ୍ୟାସ ପାଇପଲାଇନ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆମର ଲକ୍ଷ୍ୟ ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡିଶା ୨୦୨୫ ହେଉଛି ରାଜ୍ୟକୁ ଯଥାସମ୍ଭବ ନିବେଶକଙ୍କୁ ଆକର୍ଷିତ କରିବା। ମୁଖ୍ୟମନ୍ତ୍ରୀଙ୍କ ଭିଜନ ହେଉଛି କମ୍ପାନୀଗୁଡିକୁ ବୃଦ୍ଧି କରିବା ଯାହା ରାଜ୍ୟରେ ଯୁବକମାନଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ମନ୍ତ୍ରୀ କହିଛନ୍ତି।

ଓଡିଶାର ଆକର୍ଷଣୀୟ ପୁଞ୍ଜି ବିନିଯୋଗ ପରିବେଶକୁ ଆହୁରି ପ୍ରଦର୍ଶନ କରିବାକୁ ଏକ ପ୍ରୟାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୬ ଦିନିଆ ସିଙ୍ଗାପୁର ଗସ୍ତରେ ଏକ ଉଚ୍ଚ ସ୍ତରୀୟ ପ୍ରତିନିଧୀଙ୍କ ନେତୃତ୍ୱ ନେଇଥିଲେ। ସମ୍ଭାବ୍ୟ ନିବେଶକ ଏବଂ ଶିଳ୍ପପତିଙ୍କ ସହ ସିଧାସଳଖ ଜଡିତ ହେବା ପାଇଁ ଏହି ପଦକ୍ଷେପ ରାଜ୍ୟର ସକ୍ରିୟ ରଣନୀତିର ଏକ ଅଂଶ।

### ଅତନୁ, ଋଷି ...

ସରକାରକୁ ଫେରିବାକୁ କଂଗ୍ରେସ ସହ ରାଜନୈତିକ ସାଲିସ କରୁନାହିଁ। ଯେଉଁ ତିନି ନେତା ଏଭଳି ପ୍ରଚାର କରୁଛନ୍ତି ସେମାନେ କେବଳ ନିଜର ରାଜନୈତିକ ସୁରକ୍ଷା ପାଇଁ ଏଭଳି ବୟାନବାଜୀ କରୁଛନ୍ତି। ଅତନୁ ଓ ଋଷି ସାମନ୍ତରାୟ ଏଥର ନିର୍ବାଚନ ହାରିଯାଇଛନ୍ତି। ସେମାନେ ପୁଣି ନବାଗତଙ୍କ ଠାରୁ ବଡ ବ୍ୟବଧାନରେ ହାରିଛନ୍ତି। ଏହା ସଙ୍କେତ ଦେଉଛି ଯେ, ସେମାନଙ୍କ ଜୁମଲାକୁ ଆଉ ଭୋଟର ଗ୍ରହଣ କରିବା ସ୍ଥିତିରେ ନାହାଁନ୍ତି। ମୁନ୍ନା ଖାଁ ମଧ୍ୟ ପ୍ରତ୍ୟକ୍ଷ ରାଜନୀତି ସହ ନାହାଁନ୍ତି। ତେଣୁ ଭୋଟରଙ୍କୁ ଅନିଶ୍ଚିତତାର ଜାଲରେ ଛନ୍ଦିବାକୁ ସତ୍ୟକୁ ନବୁଝି ଶସ୍ତା ପ୍ରଚାର କରୁଛନ୍ତି ଏହି ତିନି ନେତା।

### ସଚିବାଳୟରେ...

କେହି ଜାଣିପାରୁ ନାହାନ୍ତି। ଏବେ ଚର୍ଚ୍ଚା ହେଉଛି ଯେ ସଚିବାଳୟରେ ସନ୍ୟାସୀଙ୍କ ସେଲ୍ ସକ୍ରିୟ ଥିବାବେଳେ ତଦନ୍ତ ବାଏଁ ବାଏଁ ଉଡିଗଲା। ରଙ୍ଗଶାଳାର ସତ ଲୁଚିଗଲା। ସନ୍ୟାସୀଙ୍କ ଖାସ୍ ଲୋକଙ୍କ ହାତ ମାରି ବିପଦକୁ ଡାକିବାକୁ ବାବୁମାନେ ଚାହିଁଲେନି। ନୂଆ ସରକାର ବି ସନ୍ୟାସୀଙ୍କ ସେଲ୍ ଦ୍ୱାରା ପ୍ରଭାବିତ ହୋଇଗଲେ।

### ୨୪ରେ...

ଫେବୃୟାରୀ ମାସରେ ଯେଉଁମାନେ ଆବେଦନ କରିବେ ସେମାନେ ମାର୍ଚ୍ଚ ୮ ତାରିଖରେ ଏକସଙ୍ଗେ ଦୁଇଟି କିସ୍ତି ପାଇବେ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ।

ଶ୍ରୀମତୀ ପରିଡ଼ା କହିଛନ୍ତି, ଏକାଧିକ ଆକାଉଣ୍ଟ ଯୋଗୁ ସୁଭଦ୍ରା ପାଇବାରୁ ବଞ୍ଚିତ ହୋଇଥିବା ୫ ଲକ୍ଷ ଆବେଦନକାରୀଙ୍କୁ ସିଙ୍ଗଲ ଆକାଉଣ୍ଟ ଦେବାକୁ ଅପିଲ କରାଯାଇଛି। ଗୋଟିଏ ମୋବାଇଲ ନମ୍ବର ସହ ଏକାଧିକ ଆକାଉଣ୍ଟ ଲିଙ୍କ ରହୁଛି। ଫଳରେ ଟଙ୍କା ପହଞ୍ଚିବାରେ ଅସୁବିଧା ହେଉଛି। ଏଥର ଯାହାର ମୋବାଇଲ ନମ୍ବର ସହ ବ୍ୟାଙ୍କ ଆକାଉଣ୍ଟ ଓ ଆଧାର କାର୍ଡ ସହ ଲିଙ୍କ ଥିବ ସେମାନେ ନିହାତି ଭାବେ ଏଥର ସୁଭଦ୍ରା ଟଙ୍କା ପାଇବେ। ଜଣେ ବି ଯୋଗ୍ୟ ହିତାଧିକାରୀ ଏହି ଯୋଜାନରୁ ବଞ୍ଚିତ ହେବେନି। ସମସ୍ତ ହକଦାରଙ୍କୁ ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା।

ସେପ୍ଟେମ୍ବର ୧୭ ତାରିଖରେ ଓ ଅକ୍ଟୋବର ୯ ତାରିଖରେ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୬୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯାଇ ସାରିଛି। ଏହି ଯୋଜନାରେ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରିବାକୁ ଟାର୍ଗେଟ ରଖିଛନ୍ତି ରାଜ୍ୟ ସରକାର।

### ପିକକ୍ ଶିଶୁମେଳା ଉଦ୍‌ଯାପିତ

# ପ୍ରତିଭାବାନ ଶିଶୁ ସମ୍ମାନିତ




**ଭୁବନେଶ୍ୱର,୨୧।୧୧(ସଂଚାର ବ୍ୟୁରୋ):** ପିଲାମାନେ ଭଲହେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ।ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ସହିତ ସେମାନଙ୍କୁ ସୁନାଗରିକ ରୂପେ ଗଢ଼ି ତୋଳିବାପାଇଁ ସବୁ ସ୍ତରରେ ପ୍ରୟାସ ଜାରୀ ରହିବା ଉଚିତ୍। ଏହା ସହିତ ଏକ ଅନୁକୂଳ ପରିବେଶ ସୃଷ୍ଟି ହେବା ଉଚିତ ବୋଲି ପିକକ୍ ଶିଶୁମେଳା ର ଉଦଯାପନୀ ସମାରୋହରେ ଯୋଗଦେଇ ବିଶିଷ୍ଟ ବକ୍ତାମାନେ ମତଦେଇଛନ୍ତି। ଏକାମ୍ର ହାଟରେ ସାତଦିନ ଧରି ଚାଲିଥିବା ୩୫ତମ ପିକକ୍ ଶିଶୁମେଳା ଆଜି ଏକ ବର୍ଣ୍ଣାଢ୍ୟ ପରିବେଶରେ ଉଦଯାପିତ ହୋଇଥିଲା। ଶିଶୁ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ପିକକ୍ ଶିଶୁମେଳା ର ଖୋଲାମଞ୍ଚ ଏକ ଉତ୍ତମ ମାଧ୍ୟମ ରୂପେ କାର୍ଯ୍ୟ କରିଥିଲା। ସାତଦିନ ବ୍ୟାପୀ ଚାଲିଥିବା ଏହି ମେଳାରେ ବହୁ ପ୍ରତିଭାବାନ ପିଲାମାନେ ନିଜର ପ୍ରତିଭାର ପରିଚୟ ଦେଇଥିଲେ। ଆଜି ପିକକ୍ ଶିଶୁମେଳା ଉଦଯାପନୀ ଦିବସରେ ଅତିଥି ରୂପେ ଯୋଗଦେଇ ବିଶିଷ୍ଟ କଳାକାର ପଦ୍ମବିଭୂଷଣ ସୁଦର୍ଶନ ସାହୁ ଶିଶୁ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ତଥା ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ। ସମ୍ବାଦ, କନକ ଟିଭି ଓ ରେଡିଓ ଚକୋଲେଟ ର ପ୍ରତିଷ୍ଠାତା ତଥା ଇଷ୍ଟର୍ନ ମିଡିଆ ପ୍ରାଇଭେଟ ଲିମିଟେଡର ଅଧକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ ପିଲାମାନଙ୍କୁ ନିଜର ପିତାମାତାଙ୍କ ପ୍ରତି କୃତଜ୍ଞ ରହିବା ସହିତ ମାତୃଭୂମି ଓ ମାତୃଭାଷା କୁ ସମ୍ମାନ ଦେବାପାଇଁ ପରାମର୍ଶ ଦେଇଥିଲେଓ ତତ୍ ସହିତ ମୋବାଇଲ ଓ ନିଶା ମୁକ୍ତ ଓଡିଶା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବରିଷ୍ଟ ପ୍ରଶାସକ ସହଦେବ ସାହୁ ପିଲାମାନଙ୍କୁ ଉତ୍ସାହିତ କରି ନିଜ ଜୀବନକୁ ସତ ମାର୍ଗ ରେ ପରିଚାଳିତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏକଲବ୍ୟ ସ୍କୁଲର ପୂର୍ବତନ ଅଧକ୍ଷା ତଥା ଶିକ୍ଷାବିତ୍ ଚିତ୍ରଲେଖା ମହାନ୍ତି ମଧ୍ୟ ନିଜର ବକ୍ତବ୍ୟ ରଖିଥିଲେ। ପିକକ ଶିଶୁମେଳା କମିଟିର ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବ ରେ ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପିକକ୍ ଅଧକ୍ଷା ଡଃ ମୀନାକ୍ଷୀ ପଣ୍ଡା, ପିକକ ର ଯୁଗ୍ମ ସମ୍ପାଦକ ବନ୍ଦିତା ଦାସ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ ଓ କାର୍ଯ୍ୟକାରୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ବହୁ ପ୍ରତିଭାବାନ ଶିଶୁଙ୍କୁ ସମ୍ମାନିତ କରଯାଇଥିଲା। ରାଜଲକ୍ଷ୍ମୀ ପ୍ରଧାନସାହସିକତା ପାଇଁ "ବାଜିରାଉତ ସ୍ମାରକୀ ସମ୍ମାନ ୨୦୨୪", ଚନ୍ଦନ ପଶ୍ଚିମକବାଟସମାଜ ସେବା ପାଇଁ ପ୍ରାଣନାଥ ପଟ୍ଟନାୟକ ସ୍ମାରକୀ ସମ୍ମାନ ୨୦୨୪, ସାଦ୍ୟାନ୍ତ ଶତପଥୀ "ପ୍ରଫୁଲ୍ଲ ଚନ୍ଦ୍ର ଦାସ ଶିଶୁ ପ୍ରତିଭା ସମ୍ମାନ ୨୦୨୪", ସୁହାନା କର"ଡାଃ ଶରତ ପୂଜାରୀ ସ୍ମାରକୀ ସମ୍ମାନ ୨୦୨୪", ସାଇ ଐଶ୍ୱର୍ଯ୍ୟ। ମହାନ୍ତିଙ୍କୁ "ଆଦରମଣୀ ବରାଳ ସ୍ମାରକୀ ସମ୍ମାନ ୨୦୨୪", ଗୀତାଶ୍ରୀ ଦେଙ୍କୁ"ସୁଷମା ମହାପାତ୍ର ସ୍ମାରକୀ ସମ୍ମାନ ୨୦୨୪", ପ୍ରିୟାଂଶୁ ପ୍ରଥମେଶ ପଣ୍ଡାଙ୍କୁ"ବେବି ଅଫ ଦି ଇୟର ୨୦୨୪" ରେ ସମ୍ମାନିତ କରଯାଇଥିଲା। ସେହିପରି ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଏହି ଅବସରରେ ସମ୍ମାନିତ କରଯାଇଥିଲା। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ "ଅବନୀ ବରାଳ ସ୍ମାରକୀ ସମ୍ମାନ ୨୦୨୪", ସମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ଲାଲା ସୁନୀଲ କୁମାର ରଥଙ୍କୁ"ସ୍ୱରୂପ ଜେନା ସ୍ମାରକୀ ସମ୍ମାନ ୨୦୨୪", ଡଃ ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ"ଶିଶୁସାଥି ସମ୍ମାନ ୨୦୨୪", ଶ୍ରୀ ଘାସିରାମ ପଣ୍ଡାଙ୍କୁସମାଜସେବା ପାଇଁ "ଡାଃ ପ୍ରଫୁଲ୍ଲଚନ୍ଦ୍ର ଦାସ ଶିଶୁ ଅଧିକାର ସୁରକ୍ଷା ସମ୍ମାନ ୨୦୨୪" ତଥା ମହିଳା ପ୍ରତିନିଧିଶ୍ରୀମତୀ ରଶ୍ମିତା ଭୋଇଙ୍କୁ"ଆରାଧନା ନନ୍ଦ ସ୍ମାରକୀ ସମ୍ମାନ ୨୦୨୪"ରେ ସମ୍ମାନିତ କରଯାଇଥିଲା।

# ଶ୍ରୀ ରାମଲାଲ ମେମୋରିଆଲ ହସ୍ପିଟାଲ ଉଦ୍‌ଘାଟିତ




**ବାଲିଅନ୍ତା, ୨୧।୧୧ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଜିତିକାରସୁଆଁଲୋ ଠାରେ ଆଜି ରାମଲାଲ ମେମୋରିଆଲ ହସ୍ପିଟାଲ ଉଦ୍‌ଘାଟିତ ହୋଇଯାଇଛି। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ରାଜ୍ୟ ବିଜେପି ସାଧାରଣ ସଂପାଦକ ସାରଦା ପ୍ରସନ୍ନ ଶତପଥୀ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖିଟୁଆ, ପୂର୍ବତନ ବିଧାୟକ ଡ. ଅରବିନ୍ଦ ଢାଲି , ସ୍ଥାନୀୟ ସରପଞ୍ଚ ହୃଷିକେଶ ବେହେରା, ବାଲିଅନ୍ତା ବ୍ଲକ ବିଜେଡ଼ି ସଭାପତି ପ୍ରଦୀପ୍ତ କୁମାର ଜେନାମଣି , ସମିତି ସଭ୍ୟ ଗଗନ ବିହାରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ ଶ୍ରୀ ରାମଲାଲ ମେମୋରିଆଲ ହସ୍ପିଟାଲ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି କହିବା ସହ ସାଂପ୍ରତିକ ପରିସ୍ଥିତିରେ ସ୍ୱାସ୍ଥ୍ୟ ସେବାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ଦେଇଥିଲେ। ଶ୍ରୀ ଅଗ୍ରୱାଲଙ୍କ ସୂଚନା ଅନୁସାରେ ରାମଲାଲ ହସ୍ପିଟାଲରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ମିଳିପାରିବ। ଜରୁରୀକାଳୀନ ରୋଗୀଙ୍କ ଚିକିତ୍ସା ଲାଗି ୧୦ଟି ବେଡ଼, ମହିଳା ଓ ପ୍ରସୂତି ବିଭାଗ, ଶିଶୁ ରୋଗ, ଦନ୍ତ, ମେଡ଼ିସିନ ଆଦି ବିଭିନ୍ନ ବିଭାଗରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ହସ୍ପିଟାଲରେ ଅସ୍ତ୍ରୋପଚାର ନେଇ ଓଟି , ରୋଗ ପରୀକ୍ଷାନିରୀକ୍ଷା ନେଇ ଅଲଟ୍ରାସାଉଣ୍ଡ,ଏକ୍ସରେ ମେସିନ ଏବଂ ଲାବ ଆଦି ସମସ୍ତ ପ୍ରକାର ଆଧୁନିକ ଚିକିତ୍ସା ବ୍ୟବସ୍ଥା ରହିଛି । ହସ୍ପିଟାଲର ପ୍ରତିଷ୍ଠାତା ଶ୍ରୀ ରାଜ କୁମାର ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳିତ

**କଟକ, ୨୧।୧୧ (ସଂଚାର ବ୍ୟୁରୋ) :** କଟକ ଜିଲ୍ଲାସ୍ତରୀୟ ୧୨୫ତମ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବ ଜୟନ୍ତୀ ଆଜି ପ୍ରେସଛକ ସ୍ଥିତ ମହତାବଙ୍କ ପ୍ରତିମୂର୍ତ୍ତି ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି ଅବସରରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସମେତ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

ମାନ୍ୟବର ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜି କେବଳ ଓଡ଼ିଶାରେ ନୁହେଁ ସମଗ୍ର ଦେଶରେ ଜଣେ ଓଡ଼ିଆ ନେତାଙ୍କର ଜୟନ୍ତୀ ଉତ୍ସବ ପାଳନ ହେବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି କହିଥିଲେ । ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଅସ୍ମିତାକୁ ବଂଚେଇ ରଖିବା ପାଇଁ ଏଭଳି କାର୍ଯ୍ୟକ୍ରମ ପାଳନ ମାଧ୍ୟମରେ ଉତ୍ତର ପିଢୀକୁ ପୂର୍ବପୁରୁଷଙ୍କ ବିଷୟରେ ଅବଗତ କରାଇପାରିଲେ ଏହି ଦିବସ ପାଳନ ସାର୍ଥକ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଥିଲେ ।

ଡଃ. ମହତାବଙ୍କ କଥା ଓ କାର୍ଯ୍ୟ ମଧ୍ୟରେ ସାମଞ୍ଜସ୍ୟ ପରିଲକ୍ଷିତ ହେଉଥିଲା । ଜନଗଣଙ୍କ ଇଚ୍ଛାକୁ




ବାସ୍ତବରେ ପରିଣତ କରିବା ପାଇଁ ସେ ସଦାସର୍ବଦା ପ୍ରଚେଷ୍ଟା କରୁଥିଲେ। ସେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନସେବାକୁ ପ୍ରାଧାନ୍ୟ ଦେବା ସହ ଓଡିଶାର ବିକାଶକୁ ଗୁରୁତ୍ୱ ଦେଉଥିଲେ ବୋଲି ମାନ୍ୟବର ପୂର୍ବତନ ବିଧାୟକ ଓ ଡଃ. ହରେକୃଷ୍ଣ ମହତାବ ଜୟନ୍ତୀ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଭାତ କୁମାର ତ୍ରିପାଠୀ କହିଥିଲେ ।

କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ କହିଲେ ଯେ, ନୂତନ ଓଡିଶା ନିର୍ମାଣରେ ଡଃ.ମହତାବଙ୍କ ଅବଦାନ ଅତୁଳନୀୟ। ତାଙ୍କର ବିଚକ୍ଷଣ ବୁଦ୍ଧି ଓ ଧୀଶକ୍ତି ଯୋଗୁ ସେ କର୍ଣ୍ଣଧାର ଭାବରେ ପ୍ରତିଷ୍ଠା ଅର୍ଜନ କରିପାରିଥିଲେ ।

ସାବରମତୀର ଗାନ୍ଧୀଙ୍କ ଭଳି ବିହାରୀବାଗର ମହତାବ ହେଉଛନ୍ତି ଏକ କାଳଜୟୀ ଉଚ୍ଚାରଣ। ଡକ୍ଟର ମହତାବଙ୍କ ଆବିର୍ଭାବ ଓଡ଼ିଶା ଜାତୀୟ ଜୀବନରେ ଏକ ନୂତନ ଜାଗରଣ ସୃଷ୍ଟି କରିଥିଲା ବୋଲି ମାନ୍ୟବର ବିଧାୟକ ଚୌଦ୍ୱାର-କଟକ ସୌଭିକ ବିଶ୍ୱାଳ ମତବ୍ୟକ୍ତ କରିଥିଲେ। ଜଣେ ପ୍ରବୀଣ ସାମ୍ବାଦିକ ଭାବରେ ସେ ସମାଜକୁ ପରିପୁଷ୍ଟ କରିବା ସହ ତାଙ୍କ ଲେଖନୀ ମୁନରେ "ଗାଁ ମଜଲିସ" ଶିରୋନାମାରେ ପ୍ରକାଶିତ ସଚେତନତା ଧର୍ମୀ ଆଲେଖ୍ୟ ଆମ ସମସ୍ତଙ୍କୁ ଆନ୍ଦୋଳିତ କରୁଥିଲା। ସ୍ୱାଧୀନତା ପାଇଁ ସେ ନିଜ କଲେଜ ପଢ଼ା ଛାଡି ଗାନ୍ଧୀଜୀଙ୍କ ଡାକରାରେ ଉଦ୍‌ବୁଦ୍ଧ ହୋଇଥିଲେ ବୋଲି ବାରବାଟୀ କଟକ ବିଧାୟିକ ଇଂ ସୋଫିଆ ଫିର୍ଦୋଶ ମତବ୍ୟକ୍ତ କରିଥିଲେ। ସେହିପରି କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ମହତାବଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ପରିବର୍ତ୍ତନ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କଟକ ମହାନଗର ନିଗମର ୫୦ ନମ୍ବର ୱାର୍ଡର କର୍ପୋରେଟର ସନ୍ତୋଷ କୁମାର ଭୋଳ, ବିଶେଷ ଅତିଥି ଶ୍ରୀ ନୟନ କିଶୋର ମହାନ୍ତି ପ୍ରମୁଖ ମହତାବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ମହାନଗର ନିଗମ ମେୟର ଅନାମ ଚରଣ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସଭା ପରିଚାଳନା କରିଥିଲେ । ଶେଷରେ ଡଃ.ମହତାବ ଜୟନ୍ତୀ କମିଟିର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ସଭ୍ୟଙ୍କୁ ଭତ୍ତା ପ୍ରଦାନ ପାଇଁ ଦାବି

**ନାଉଗାଁ, ୨୧।୧୧ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକର ସମସ୍ତ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଜିଲ୍ଲାପରିଷଦ ସଭ୍ୟ,ମାନଙ୍କର କାର୍ଯ୍ୟକାଳ ସମାପ୍ତ ପରେ ସେମାନେ କୌଣସି ପଦ ପଦବୀ ନଥିଲେ ମଧ୍ୟ ସାମାଜିକ ସ୍ତରରେ ଲୋକ ମାନଙ୍କ ସୁଖ ଦୁଃଖରେ ରହି ବିଭିନ୍ନ ସାମାଜିକ କାର୍ଯ୍ୟରେ ବ୍ୟସ୍ତ ରୁହନ୍ତି । ତେଣୁ ସମସ୍ତ ନାଉଗାଁ ବ୍ଲକର ପୂର୍ବତନ ଲୋକ ପ୍ରତିନିଧି ମାନେ ନାଉଗାଁ ବଜାର ସ୍ଥିତ ହନୁମାନ ମନ୍ଦିର ପରିସରରେ ଏକତ୍ରିତ ହୋଇ ଏକ ବୈଠକର ଆୟୋଜନ କରିଥିଲେ ।

ଏହି ବୈଠକରେ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ସଭ୍ୟ ସେବା ନିବୃତ୍ତ ପରେ ନାନାଦିପ୍ରକାର ଆର୍ଥିକ ଅନାଟନରେ ଓ ସ୍ୱାସ୍ଥ୍ୟ ସେବା, ରୋଗ ବ୍ୟାଧିରେ ପଡ଼ିଥାନ୍ତି। ସେମାନଙ୍କ ପାଇଁ



ସ୍ୱାସ୍ଥ୍ୟବୀମା କରାଯିବ ସହିତ ଅବସର କାଳୀନ ୧୦ ହଜାର ଟଙ୍କା ଭତ୍ତା ପ୍ରଦାନ ସହିତ ଭୁବନେଶ୍ୱରରେ ଓଡିଶା ପଞ୍ଚାୟତ ଭବନ ଆଶ୍ରୟସ୍ଥଳୀ ବ୍ୟବସ୍ଥା କରିବା ପାଇଁ ଏକ ତିନି ଦଫା ଦାବି ସମ୍ବଳିତ ପତ୍ର ଜଗତସିଂହପୁର ବିଧାୟକଙ୍କୁ ପ୍ରଦାନ କରିବା ପାଇଁ ସ୍ଥିର କରିଥିଲେ ।

ଏହି ବୈଠକରେ ପୂର୍ବତନ ନାଉଗାଁ ପଞ୍ଚାୟତ ସମିତି ଅଧକ୍ଷ ଜଗନ୍ନାଥ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିରଞ୍ଜନ ବେହୁରା, ଦୁଃଷାଶନ ନାୟକ, ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟ ଅସଚ୍ଚିଦାନନ୍ଦ ପରିଡ଼ା, ଧନେଶ୍ୱର ନାୟକ, ନବକିଶୋର ମହାନ୍ତି, ଝୁମୁରି ମଲ୍ଲିକ, ଅଲିଭା ସ୍ୱାଇଁ, ଆରତ୍ରାଣ ଦାସଙ୍କ ସମେତ ଏକାଧିକ ପଞ୍ଚାୟତ ସ୍ତରୀୟ ଲୋକ ପ୍ରତିନିଧିମାନେ ମିଳିତ ଭାବରେ ଏକ ବୈଠକ କରି ବିଧାୟକଙ୍କ ନିକଟକୁ ପଠାଇ ଦାବିପତ୍ର ମାଧ୍ୟମରେ ସେମାନଙ୍କ ସମସ୍ୟା ବିଧାନସଭାରେ ଓ ରାଜ୍ୟସରକାରଙ୍କ ନିକଟରେ ଉପସ୍ଥାପନ କରିବାପାଇଁ ଦାବି କରିଥିଲେ ।

# ମଧ୍ୟାହ୍ନଭୋଜନ ତରକାରିରେ ପୋକ ସାଲୁବାଲୁ

## ଉପାସରେ ଘରକୁ ଫେରିଲେ ଛାତ୍ରଛାତ୍ରୀ



**କଣାସ, ୨୧।୧୧ (ସଂଚାର ବ୍ୟୁରୋ):** କଣାସ ବ୍ଲକର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଦିନହେଲା ପୁରୀର ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ପକ୍ଷରୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଆସୁଥିଛି। ଆଜି ଭାତ, ଡାଲି, ବୁଟ ତରକାରୀ ବିଦ୍ୟାଳୟମାନଙ୍କୁ ମଧ୍ୟାହ୍ନ ଭୋଜନ ଖାଦ୍ୟରୂପେ ଦିଆଯାଇଥିଲା। ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ଥାଳିରେ ନଇ ଖାଇବାକୁ ବସିବା ସମୟରେ ଦେଖିଲେ ବୁଟ ତରକାରୀରେ ପ୍ରଚୁର ପରିମାଣର କଳାକଳା ପୋକ ଭାସୁଛନ୍ତି। ଛାତ୍ରଛାତ୍ରୀମାନେ ସେହି ଖାଦ୍ୟକୁ ନ ଖାଇବା ପାଇଁ ଶିକ୍ଷକ ମାନେ ମନା କରିବା ସହିତ ନିଜ ପକେଟ୍‌ରୁ ପଇସା ଖର୍ଚ୍ଚକରି ଛାତ୍ରଛାତ୍ରୀମାନଙ୍କୁ ବିସ୍କେଟ୍ ଖାଇବା ପାଇଁ ଦେଇଥିଲେ। କଳାପଦର ପ୍ରାଥମିକ ବିଦ୍ୟାଳୟ, ଓହ୍ଲାଣ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ, ଉତ୍ତର ଚିଲିକା ପ୍ରାଥମିକ ବିଦ୍ୟାଳୟ, ବିରିତୋଇ ପ୍ରାଥମିକ ବିଦ୍ୟାଳୟ, ତେଲେଙ୍ଗାପଡ଼ା ପ୍ରାଥମିକ ବିଦ୍ୟାଳୟ, ସାହାସପୁର ପ୍ରାଥମିକ ବିଦ୍ୟାଳୟ ଓ ଅନେକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପୋକ ଯୋଗୁଁ ମଧ୍ୟାହ୍ନ ଭୋଜନ ଖାଇନଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଶିକ୍ଷକମାନେ ବ୍ଲକ ଶିକ୍ଷାଧିକାରୀ ଓ ଅତିରିକ୍ତ ଶିକ୍ଷାଧିକାରୀଙ୍କୁ ଜଣାଇଛନ୍ତି। ବ୍ଲକ ଶିକ୍ଷାଧିକାରୀ ଭବମ୍ ପ୍ରଧାନ ଏବଂ ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନଙ୍କୁ ଟେଲିଫୋନ୍ ଯୋଗେ ଖାଦ୍ୟ ସମ୍ପର୍କରେ ଜାଣିବା ପାଇଁ ଚାହିଁଥିଲେ ମଧ୍ୟ ସେମାନେ ଫୋନ୍ ସୁଇଚ୍ଅଫ୍ କରିଦେଇଥିଲେ।

# ରାଜ୍ୟସ୍ତରୀୟ ୭୧ତମ ଭାରତ ସମବାୟ ସପ୍ତାହରେ ବୋରିଗୁମ୍ମା ଲ୍ୟାମ୍ପ ପୁରସ୍କୃତ

**ବୋରିଗୁମ୍ମା, ୨୧।୧୧ (ସଂଚାର ବ୍ୟୁରୋ) :** ରାଜ୍ୟ ସମବାୟ ସମିତି ତରଫରୁ ୭୧ତମ ନିଖିଳ ଭାରତୀୟ ସମବାୟ ସପ୍ତାହ ପାଳନ ସମାରୋହ ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମରୋହରେ କୋରାପୁଟ ଜିଲ୍ଲା ପାଇଁ ଗୌରବ ଆଣିଛି ବୋରିଗୁମ୍ମା ଲ୍ୟାମ୍ପ । ସଠିକ କାର୍ଯ୍ୟ ଧାରା ପାଇଁ ରାଜ୍ୟରେ ଦ୍ୱିତୀୟ ଶ୍ରେଷ୍ଠ ଲ୍ୟାମ୍ପ ଭାବେ ପୁରସ୍କୃତ ହୋଇଥିବା ବେଳେ ଅଭିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଏବଂ ଓଡିଶା ରାଜ୍ୟ ସମବାୟ ସମିତି ସଭାପତି ପ୍ରଭାସିନୀ ଷଡ଼ଙ୍ଗୀ, ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଦ୍ୱାରା ବୋରିଗୁମ୍ମା ଲ୍ୟାମ୍ପକୁ ରାଜ୍ୟରେ ଦ୍ୱିତୀୟ ଶ୍ରେଷ୍ଠ ଲ୍ୟାମ୍ପ ଭାବେ ସମ୍ମାନୀତ ହୋଇଥିଲା।



ବୋରିଗୁମ୍ମା ଲ୍ୟାମ୍ପ ସରକାରଙ୍କ ବିଭିନ୍ନ ଯୋଜନା ସଠିକ ଭାବରେ କାର୍ଯ୍ୟ ତୁଲାଇବା ଓ ଚାଷୀଙ୍କୁ ଋଣ ଦେବା ହେଉ ଏବଂ ଋଣ ଟଙ୍କା ସଠିକ ସମୟରେ ଆଦାୟ କରିବା, ଚାଷୀଙ୍କ ପାଇଁ ଆସୁଥିବା ସାର ସଠିକ ବଣ୍ଟନ ସହ କାର୍ଯ୍ୟାଳୟର ଉତ୍ତମ କାର୍ଯ୍ୟଦକ୍ଷତା ସୁଚାରୁ ରୂପେ ତୁଲାଇ ଆସୁଥିବାରୁ ଏହି ସମ୍ମାନଜନକ ପୁରସ୍କାର ମିଳିଥିବା ନେଇ ବୋରିଗୁମ୍ମା ବାସୀ, ସମିତି କର୍ମକର୍ତ୍ତା ଓ ଅଞ୍ଚଳର ଚାଷୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି । ସେହିପରି ଜୟପୁର ଠାରେ କେସିସି ବ୍ୟାଙ୍କ ପ୍ରଶାସନିକ ଭବନ ଠାରେ ଆୟୋଜିତ ୭୧ତମ ଜିଲା ସ୍ତରୀୟ ନିଖିଳ ଭାରତୀୟ ସମବାୟ ସପ୍ତାହ ସମାରୋହ ରେ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧକ୍ଷତାରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଭିଭକ୍ତ କୋରାପୁଟ ଜିଲ୍ଲାରେ ବୋରିଗୁମ୍ମା ଲ୍ୟାମ୍ପ ଓ କେସିସୀ ବ୍ୟାଙ୍କକୁ ପ୍ରଥମ ସ୍ଥାନରେ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ସମବାୟବିତ ଭାବେ ବୋରିଗୁମ୍ମା ଲ୍ୟାମ୍ପ ସଭାପତି ଲାଲୁମଣୀ ସିଂ ଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏହି ସମ୍ମାନ ପାଇଁ ଆଗକୁ ସମସ୍ତ କର୍ମଚାରୀ ଉତ୍ସାହିତ ହୋଇ କାର୍ଯ୍ୟ କରିବେ ବୋଲି ଲ୍ୟାମ୍ପ ଶାଖା ପରିଚାଳକ ପ୍ରସନ୍ନ କୁମାର ମିଶ୍ର ସୂଚନା ଦେଇଛନ୍ତି ।

# ଅନ୍ତର୍ଜାତୀୟ ଶିଶୁ ଅଧିକାର ଦିବସ

**ଟାଙ୍ଗୀ-ଚୌଦ୍ୱାର, ୨୧।୧୧ (ସଂଚାର ବ୍ୟୁରୋ):** ଚୌଦ୍ୱାରସ୍ଥିତ ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ପରିବର୍ତ୍ତନରେ ଆନ୍ତର୍ଜାତୀୟ ଶିଶୁ ଅଧିକାର ଦିବସ ପାଳିତ ହୋଇ ଯାଇଛି। ସମାଜସେବୀ ଲୋପାମିତ୍ରା ରଥ, ଆର୍ଯ୍ୟା ପ୍ରଦୀପ ଦାସ, ଅନୁଭା ଦାସ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ଶିଶୁ ସମସ୍ୟା, ଶିଶୁ ଅଧିକାର ଓ ଅଧିକାର ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ।

# ବିଏମ୍‌ସିରେ ଅନିୟମିତତା ଓ ଦୁର୍ନୀତି ବାରିହେଉଛି : ଫରୱାର୍ଡ ବ୍ଲକ୍

**ଭୁବନେଶ୍ୱର, ୨୧।୧୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱରକୁ ସବୁଜ ସୁନ୍ଦର ରଖିବା ପାଇଁ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟ କରିବା କଥା। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବି.ଏମ.ସି ଅଧିକାରୀମାନଙ୍କର ମେରୀରାୟ ନୀତି ଓ ବିଭିନ୍ନ କମ୍ପାନୀ ମାନଙ୍କ ସହିତ ମଧୁଚନ୍ଦ୍ରିକା କାରଣରୁ ବି.ଏମ. ସି ଦିନକୁ ଦିନ ଅନିୟମିତତା ଓ ଦୁର୍ନୀତିର ଅଳିଆ ଗଦା ମଧ୍ୟକୁ ଟାଣି ହୋଇଯାଉଛି। ଏ ସଂକ୍ରାନ୍ତୀୟ ହସ୍ତଗତ ହୋଇଥିବା କିଛି ତଥ୍ୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ଗଠିତ ରାଜନୈତିକ ଦଳ 'ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ୍' ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ଉପସ୍ଥାପନା କରାଯାଇଛି।




ଦୀର୍ଘବର୍ଷ ଧରି ବିଏମ୍‌ସିକୁ ସ୍ୱଚ୍ଛ ରଖିବା ପାଇଁ କାର୍ଯ୍ୟରତ ସଫେଇ କର୍ମଚାରୀ, ସଫେଇ ମିତ୍ର ଓ ସ୍ୱଚ୍ଛ ସାଥି ଓ ଅନ୍ୟାନ୍ୟ ଅସ୍ଥାୟୀ କର୍ମଚାରୀମାଙ୍କୁ ବିଏମ୍‌ସି ପକ୍ଷରୁ ସର୍ବନିମ୍ନ ମଜୁରୀ ପ୍ରଦାନ ସମେତ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାରେ ବିଫଳ ହୋଇଛନ୍ତି। ଏଭଳି ସ୍ଥଳେ ଅତ୍ୟନ୍ତ ତରବରିଆ ଭାବରେ ଗତ ଜୁଲାଇ ଶେଷ ସପ୍ତାହରେ ବିଏମ୍‌ସି କର୍ତ୍ତୃପକ୍ଷ ଏକ ଟେଣ୍ଡର ଡାକି ସେରାବାଲି ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ କମ୍ପାନୀ ସହ ଗତ ୨୭ ସେପ୍ଟେମ୍ବର ୨୦ ୨୪ ରିଖରେ ସଫେଇ କାର୍ଯ୍ୟରେ ଗାଡ଼ି ଓ ମାନବ ସମ୍ବଳ ଯୋଗାଇବା ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରିଛି। ରାଜ୍ୟ ସରକାରଙ୍କ ସର୍ବନିମ୍ନ ମଜୁରୀ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମାକୁ ଉଲଙ୍ଘନ କରାଯାଇ ଏଭଳି ଚୁକ୍ତିନାମା ବି.ଏମ.ସି ଅଧିକାରୀମାନେ ସ୍ୱାକ୍ଷର କରିଥିବା ଅନୁସନ୍ଧାନରୁ ଜାଣିବାକୁ ପାଇଛୁ । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଅଣକୁଶଳୀ ଶ୍ରମିକମାନଙ୍କୁ ଦୈନିକ ସର୍ବନିମ୍ନ ୪୫୦ ଟଙ୍କା ମଜୁରି ପ୍ରଦାନ ପାଇଁ ସ୍ଥିର କରାଯାଇଥିଲା ବେଳେ ଏହି କମ୍ପାନୀକୁ ଅଣକୁଶଳୀ ଶ୍ରମିକମାନଙ୍କ ଦୈନିକ ମଜୁରି ବାବଦରେ ୫୫୦ ଟଙ୍କା ଲେଖାଏଁ ପ୍ରଦାନ ପାଇଁ ବି.ଏମ. ସି ଅଧିକାରୀମାନେ ଚୁକ୍ତିନାମାରେ ଦସ୍ତଖତ କରିଛନ୍ତି । ଅନୁରୂପ ଭାବରେ ଅର୍ଦ୍ଧକୁଶଳୀମାନଙ୍କ ପାଇଁ ୫୫୦ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଏହି ଚୁକ୍ତିନାମାରେ ଦୈନିକ ୬୫୦ ଟଙ୍କା ଲେଖାଏଁ ଉକ୍ତ କମ୍ପାନୀକୁ ପ୍ରଦାନ କରାଯିବା ପାଇଁ ବି.ଏମ.ସି ପକ୍ଷରୁ ଦର୍ଶାଯାଇଛି । ଯାହା ସରକାରୀ ଧାର୍ଯ୍ୟ ସର୍ବନିମ୍ନ ଦୈନିକ ମଜୁରି ଠାରୁ ପ୍ରାୟ ୧୦୦ ଟଙ୍କା ଲେଖାଏଁ ଅଧିକ । ଏହା ନଜରକୁ ଆସିବା ପରେ ବି.ଏମ. ସି କର୍ତ୍ତୃପକ୍ଷଙ୍କ ଦ୍ୱାରା ହୋଇଥିବା ଚୁକ୍ତିନାମା ପଛରେ ଉକ୍ତ କମ୍ପାନୀ କର୍ତ୍ତୃପକ୍ଷ ଏବଂ ବି.ଏମ.ସି ଅଧିକାରୀମାନଙ୍କ ମଧୁଚନ୍ଦ୍ରିକା ସ୍ପଷ୍ଟ ଅନୁମେୟ । ବି.ଏମ.ସି କର୍ତ୍ତୃପକ୍ଷ ଏଭଳି ପାତର ଅନ୍ତର ଚୁକ୍ତିନାମାରୁ ଓହରିଯାଇ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ସମାନ କାମକୁ ସମାନ ଦରମା ପ୍ରଦାନ ପାଇଁ ଆମ୍ଭେ ଏହି ସାମ୍ବାଦିକ ସମ୍ମିଳନୀରେ ଦାବି କରୁଛୁ ।

ସେହିଭଳି ସଫେଇ କାର୍ଯ୍ୟରେ ନିୟୋଜିତ ଗାଡ଼ିଭଡ଼ା ବାବଦକୁ ବର୍ତ୍ତମାନ ପ୍ରଦାନ କରାଯାଉଥିବା ଦୈନିକ ପାରଣା ଠାରୁ ପ୍ରାୟ ତିନି ଗୁଣା ଅଧିକ ହାରରେ ଭଡ଼ା ପ୍ରଦାନ ପାଇଁ ଚୁକ୍ତିନାମା କାରାଯାଇଛି । ଯାହା ବର୍ତ୍ତମାନ ପ୍ରଦାନ କରାଯାଉଥିବା ଗାଡ଼ିଭଡ଼ା ଠାରୁ ଢେର ଅଧିକ ହୋଇଥିବାରୁ ଏଥିରେ ମଧ୍ୟ ଦୁର୍ନୀତିର ଗନ୍ଧ ବାରି ହେଉଛି। ଗତ କିଛିଦିନ ଧରି ମହାନଗର ନିଗମ ପରିଷଦ ବୈଠକରେ ଆଲୋଚନା ନ ହୋଇ କୋଟି କୋଟି ଟଙ୍କାର କମ୍ପ୍ୟୁଟର ଓ ଅନ୍ୟାନ୍ୟ ଆସବାବ ପତ୍ର କିଣାରେ ବାଟମାରଣା ଠାରୁ ଆରମ୍ଭ କରି ବିନା ୱାର୍କଅର୍ଡ଼ରରେ ସଫେଇ କାମ କରିବାକୁ ବିଭିନ୍ନ ସଂସ୍ଥାମାନଙ୍କୁ ନିୟୋଜିତ କରାଯିବା ଫଳରେ ବି.ଏମ.ସି ଅଧିନସ୍ଥ ଟି.ଟି.ଏସ୍.ରେ ମଧ୍ୟ ସଠିକ ଭାବରେ କାର୍ଯ୍ୟ ସମ୍ପାଦନ ହୋଇପାରୁନାହିଁ। ଫଳରେ ଆଖପାଖ ଅଞ୍ଚଳ ଦୁର୍ଗନ୍ଧମୟ ହେବା ସହ ପରିବେଶ ପ୍ରଦୂଷିତ ହେଉଥିବା ଅନୁସନ୍ଧାନରୁ ଜଣାପଡ଼ିଛି।

ଦୀର୍ଘବର୍ଷ ଧରି ସଫେଇ କାର୍ଯ୍ୟରେ ନିୟୋଜିତ ଗାଡ଼ି ଗୁଡ଼ିକୁ ବାଦ୍ ଦେଇ ବିଭିନ୍ନ କମ୍ପାନୀମାନଙ୍କୁ ଅହେତୁକ ଅନୁକମ୍ପା ପ୍ରଦାନ ପୂର୍ବକ ସେମାନଙ୍କ ଜରିଆରେ ଚଢ଼ା ଦରରେ ଗାଡ଼ି ଓ ଅନ୍ୟାନ୍ୟ ମେସିନ ଭଡ଼ାରେ ନେବାକୁ ବି.ଏମ.ସି କର୍ତ୍ତୃପକ୍ଷ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି। ଯାହା କାର୍ଯ୍ୟକାରୀ ହେଲେ ଏହି କାର୍ଯ୍ୟରେ ନିୟୋଜିତ ବହୁ ଯୁବକଯୁବତୀମାନେ ରୋଜଗାର ହରାଇ ବେସାହାର ହୋଇପଡ଼ିବେ । ତାହାକୁ ଦୃଷ୍ଟିରେ ରଖି ବିଏମ୍‌ସି କର୍ତ୍ତୃପକ୍ଷ ନିଜର ଏଭଳି ଝିଙ୍କିକା ମାରି ବଣି ପୋଷିବା ନୀତିରୁ ନିବୃତ୍ତ ରହିବାକୁ ଏହି ସମ୍ବାଦିକ ସମ୍ମିଳନୀରେ ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍‌ର ରାଜ୍ୟ ସଭାପତି ପୂର୍ବଚନ୍ଦ୍ର ପାଢ଼ୀ, ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଭୁବନେଶ୍ୱର ଜିଲ୍ଲା କମିଟିର ସମ୍ପାଦିକା ଲକ୍ଷ୍ମୀ ଦୋରା ପ୍ରମୁଖ ଦାବି କରିଛନ୍ତି।

# ଚୋରା ଚାଲାଣ ବେଳେ ଗାଡ଼ି ସହ କାଠ ଜବତ

**କାକଟପୁର/ଅସ୍ତରଙ୍ଗ, ୨୧।୧୧ (ସଂଚାର ବ୍ୟୁରୋ) :** ପୁଣି ସକ୍ରିୟ ଚୋରା କାଠ ବେପାରୀ। ବେଆଇନ କାଠ ଚୋରା ଚାଲାଣ ବେଳେ ଏକ ଆଇଚର ଗାଡି ସହିତ କାଠ ଜବତ ହୋଇଥିବା ଜଣାପଡିଛି।ଏପରି ଘଟଣା ସାମ୍ନାକୁ ଆସିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବନାଞ୍ଚଳ ଅଧିନ ଅସ୍ତରଙ୍ଗ ରୁ ଚାରିଛକ ମୁଖ୍ୟରାସ୍ତା ତୁଳସୀପୁର ନିକଟରେ ଆଇଚର ଗାଡି (ଓଡି ୦୨ଏଭି ୬୩୬୫)ଜବତ କରିବା ସହ ଚାଲାଣ ହେଉଥିବା କୁରୁମ ଓ ହଳଦୁ ମୂଲ୍ୟବାନ କାଠ ଜବତ କରିଛି ଅସ୍ତରଙ୍ଗ ବନବିଭାଗ।



ସୂଚନା ଅନୁଯାୟୀ ଅସ୍ତରଙ୍ଗ ପଟୁ ଏକ ଆଇଚର ଗାଡ଼ିରେ ଚୌକାଠ ଚୋରା ଚାଲାଣ ହେଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇଁ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର ଓ ବନପାଳ ବବୁଲ ମଲ୍ଲିକ ଙ୍କ ସହ ବନକର୍ମଚାରୀ ଗାଡିକୁ ତୁଳସୀପୁର ନିକଟରେ ଧରିଥିଲେ। ଉକ୍ତ ଜବତ ଗାଡିଟି ବନବିଭାଗ କାର୍ଯ୍ୟାଳୟରେ ରହିଛି ବୋଲି ସୂଚନା ମିଳିଛି।

# ଅସ୍ତିତ୍ୱ ହରାଉଛି ସୋରଡ଼ା ଜଳଭଣ୍ଡାର: ଚିନ୍ତାରେ ମତ୍ସ୍ୟଜୀବୀ

**ବ୍ରହ୍ମପୁର, ୨୧।୧୧ (ସଂଚାର ବ୍ୟୁରୋ) :** ଗଂଜାମ ଜିଲ୍ଲାରେ ମାଛ ଉତ୍ପାଦନର ଏକ ପ୍ରମୁଖ କେନ୍ଦ୍ର ଭାବେ ଖୁବ୍ ପରିଚିତ ସୋରଡା ଜଳଭଣ୍ଡାର। ଯାହା ଏବେ ଦିନକୁ ଦିନ ସତ୍ତା ହରାଇବାରେ ଲାଗିଛି। ସୋରଡାର ଏହି ଜଳଭଣ୍ଡାର ଉପରେ ସ୍ଥାନୀୟ ଅଞ୍ଚଳର ୩୦୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ନିଜ ପେଟ ପାଟଣା ପାଇଁ ନିର୍ଭର କରିଥାନ୍ତି । କାର୍ତ୍ତିକ ମାସ ପରେ ଜଳ ଭଣ୍ଡାରରୁ ମାଛଧରି ଅଧିକ ବିକ୍ରି କରି ଭଲ ରୋଜଗାରର ଆଶା ରଖିଥିଲେ ମତ୍ସ୍ୟଜୀବୀ। ଆଉ ଏହି ଆଶା ଏବେ ସମ୍ପୂର୍ଣ୍ଣ ମଉଳି ଯାଇଛି। ଗତ ବର୍ଷ ଛାଡଖାଇ ଦୁଇ ଦିନରେ ୫୦୦୦ କିଲୋଗ୍ରାମ ମାଛ ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ମାତ୍ର ୧୫୦ରୁ ୨୦୦ କିଲୋଗ୍ରାମ ମଧ୍ୟରେ ମାଛ ଆଦାୟ ହୋଇଛି। ସୋରଡା ଜଳଭଣ୍ଡାର ମାଛର ସ୍ୱତନ୍ତ୍ର ଚାହିଦା ଥିବା ବେଳେ ସକାଳୁ ସକାଳୁ ବହୁ ଲୋକ ସଜ ମାଛ କିଣିବା ପାଇଁ ଅପେକ୍ଷାରେ ଥାନ୍ତି। କିନ୍ତୁ ସବୁ ମତ୍ସଜୀବି ଖାଲି ଡଙ୍ଗା ଧରି ଫେରିଥିବା ଜଣାପଡିଛି। ଲୋକେ ମଧ୍ୟ ନିରାଶ ହୋଇଛନ୍ତି । ଚଳିତ ବର୍ଷ ଏହି ଜଳଭଣ୍ଡାରରେ ପାଣିର ଅଭାବ ଓ ଯାଆଁଳା ଛାଡିବା କ୍ଷେତ୍ରରେ ଜିଲ୍ଲା ମତ୍ସଜୀବୀ ଅଧିକାରୀ ଓ ସୋରଡା ବ୍ଲକ ମତ୍ସଜୀବି ଅଧୀକାରୀଙ୍କ ବ୍ୟାପକ ଅବହେଳା ଯୋଗୁଁ ସୋରଡା ଜଳଭାଣ୍ଡର ଦିନକୁ ଦିନ ସତ୍ତା ହରାଇବାକୁ ବସିଲାଣି।



## ଯାଆଁଳା ଉତ୍ପାଦନ କେନ୍ଦ୍ର ଖୋଲିବାକୁ ଦାବି

ଏପଟେ ମତ୍ସ୍ୟଜୀବୀମାନେ ରୋଜଗାରକୁ ନେଇ ବି ଚିନ୍ତାରେ ଅଛନ୍ତି। ସୋରଡା ଜଳସେଚନ ବିଭାଗ ଓ ଜିଲ୍ଲା ମତ୍ସ୍ୟଜୀବି ଅଧିକାରୀଙ୍କ ସମୟ ଅଭାବ ଯୋଗୁଁ ସୋରଡା ଜଳଭଣ୍ଡାର ଅନିଶ୍ଚିତତା ଭିତରେ ଗତି କରୁଛି। ଯେଉଁ ଦିନ ଯାଆଁଳା ଛଡ଼ାଯାଉଛି ସେହି ଦିନ ଜଳସେଚନ ବିଭାଗ କେନାଲରେ ପାଣି ଛାଡିବା ପାଇଁ ଗେଟ ଖୋଲୁଛି। ସୋରଡା ମତ୍ସ୍ୟଜୀବୀ ସୋସାଇଟି ତରଫରୁ ୪୦୦ ହେକ୍ଟର ପାଇଁ ୧ ଲକ୍ଷ ୩୬ ହଜାର ବାନ୍ଧିଲା ପରେ ୯୬ ହଜାର ଟଙ୍କାର ଯାଆଁଳା ବଣ୍ଟା ଯାଉଛି। ଏପରି ସ୍ଥିତିରେ କିଏ କାହାକୁ ଦୋଷ ଦେବ ତାହା ଭାବିବା କଷ୍ଟ । ଏମିତି ଦୟନିୟ ସ୍ଥିତି ମାତ୍ର ଗୋଟିଏ ବର୍ଷ ଭିତରେ ହେଇଥିବା ବେଳେ ସୋରଡା ମତ୍ସ୍ୟଜୀବୀ ଅଧିକାରୀ କିନ୍ତୁ ସପ୍ତାହ ରେ ଗୋଟିଏ ଥର ସୋରଡା ବୁଲିବାକୁ ଆସୁଥିବା ଜଣାପଡିଛି। ଏପରି ସ୍ଥିତିରେ ମତ୍ସ୍ୟଜୀବି ମାନେ କିପରି ବଞ୍ଚିବେ ତାହା ଚିନ୍ତାର କାରଣ ପାଲଟିଛି।

୮୦୦ ହେକ୍ଟର ଜମିରେ ଥିବା ଓଡିଶାର ସର୍ବପୁରାତନ ଜଳଭଣ୍ଡାର ପ୍ରତିବର୍ଷ ଛାଡଖାଇ ଓ ପଣା ସଙ୍କ୍ରାନ୍ତି ପରେ ୭ରୁ ୮ ହଜାର କେଜି ମାଛ ଆଦାୟ କରିଥାଏ। ଚଳିତ ବର୍ଷ ମାତ୍ର ୧୫୦ ରୁ ୨୦୦ କେଜି ଭିତରେ ସିମିତି ଆଦାୟ ହୋଇଥିବା ସୂଚନା ମିଳିଛି। ଏକ ରିପୋର୍ଟରୁ ଜଣାପଡିଛି ଯେ ଗଞ୍ଜାମ ଜିଲ୍ଲାରେ ଦୈନନ୍ଦିନ ୭୦ ଟନ୍ ମାଛର ଆବଶ୍ୟକତା ରହୁଥିବା ବେଳେ ଆଦାୟ ମାତ୍ର ୩୦ ଟନ ହେଉଛି। ଏପରି ସ୍ଥିତିରେ ଜିଲ୍ଲାର ପ୍ରମୁଖ ଜଳଭଣ୍ଡାର ମାନଙ୍କ ରକ୍ଷଣା ବେକ୍ଷଣ ଅଭାବ ଓ ପୁନଃଉଦ୍ଧାର ଯୋଜନାର ବିଫଳତା ଯୋଗୁଁ ଏହି ଜଳଭଣ୍ଡାର ନିଜର ଅସ୍ତିତ୍ୱ ହରାଇବାରେ ଲାଗିଛି ।

ଏ ନେଇ ସୋରଡା ବିଧାୟକ ଗତ ବିଧାନସଭାରେ ସୋରଡା ଜଳଭଣ୍ଡାରରେ ମାଛ ଯାଆଁଳା ଉତ୍ପାଦନ କେନ୍ଦ୍ର ଖୋଲିବା ସହ ମତ୍ସ୍ୟଜୀବିଙ୍କ ପେଟ ପାଟଣା ପାଇଁ ଦାବି କରିଥିଲେ। ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇନାହିଁ। ସୋରଡା ମତ୍ସ୍ୟଜୀବିଙ୍କ କହିବା କଥା, ସରକାର ଯଥା ଶୀଘ୍ର ଏଠାରେ ଯାଆଁଳା ଉତ୍ପାଦନ କେନ୍ଦ୍ର ଖୋଲିବା ସହ ଜଳଭଣ୍ଡାରରେ ପାଣି ଗଚ୍ଛିତ କରି ନ ରଖିଲେ ସୋରଡା ଜଳଭଣ୍ଡାର ଦିନ କୁ ଦିନ ନିଜ ଅସ୍ତିତ୍ୱ ହରାଇବା ସହ ଅନେକ ମତ୍ସ୍ୟଜୀବି ପରିବାର ମଧ୍ୟ ଭୋକ ଉପାସରେ ରହି ନାନା ସମସ୍ୟାର ସମ୍ମୁଖୀନ ହେବେ।

# ଦୁଇ ଅପହରଣକାରୀଙ୍କୁ ଜାମିନ୍

**ବ୍ରହ୍ମପୁର, ୨୧।୧୧ (ସଂଚାର ବ୍ୟୁରୋ):** ଅପହରଣ କରି ଟଙ୍କା ଦାବି କରୁଥିବା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ଜେଲ୍‌ରେ ଥିବା ଦୁଇ ଅଭିଯୁକ୍ତଙ୍କୁ ସର୍ତ୍ତ ମୂଳକ ଜାମିନ୍ ମିଳିଛି। ଗୁରୁବାର ଅପହରଣକାରୀଙ୍କ ଜାମିନ ଶୁଣାଣି କରି ମାନ୍ୟବର ସ୍ୱତନ୍ତ୍ର ନ୍ୟାୟାଧିଶ ଶ୍ରୀମତୀ ସଙ୍ଗୀତା ପାଣି ଏହି ଜାମିନ୍ ମଞ୍ଜୁର କରିଛନ୍ତି। ଗାଙ୍ଗପୁର ଥାନା ବେଣାପେଟା ଗ୍ରାମର ଅଭିଯୁକ୍ତ ନିରଞ୍ଜନ ପଢିଆରି ଏବଂ ଆସିକା ଥାନା ନଳବଣ୍ଟା ଗ୍ରାମର ଅଭିଯୁକ୍ତ ସନ୍ୟାସି କରଣଙ୍କୁ କୋଡିଏ ହଜାର ଟଙ୍କାର ଦୁଇଜଣ ଜାମିନୀଦାର ଏବଂ ଉଭୟେ ୩ ହଜାର ଟଙ୍କା ଅଦାଲତରେ ପଇଠ ସହିତ ଏହି ସର୍ତ୍ତ ମୂଳକ ଜାମିନ ମିଳିଛି। ସୂଚନାଯୋଗ୍ୟ ଗତ ଅଗଷ୍ଟ ୧୪ ତାରିଖରେ ବ୍ରହ୍ମପୁର ଗାନ୍ଧିନଗର ଅଂଚଳର ଶ୍ରୀମତୀ ଅନିମା ବିଶ୍ୱାଳ ସ୍ଥାନୀୟ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ତାଙ୍କ ସ୍ୱାମୀ ବିଶ୍ୱନାଥ ବିଶ୍ୱାଳଙ୍କୁ ଗାନ୍ଧୀ ନଗର ୨ୟ ଲେନ୍‌ରୁ ଅପହରଣ କରି ନୟାଗଡ ଅଂଚଳକୁ ନେଇଯାଇ ୩୬ ଲକ୍ଷ ଟଙ୍କା ଦାବୀ କରିଛନ୍ତି । ଦାବୀ ମୁତାବକ ଟଙ୍କା ନ ଦେଲେ ପରିବାର ଲୋକଙ୍କୁ ଜୀବନରେ ମାରିଦେବୁ ବୋଲି ଧମକ ଦେଇଥିଲେ । ଏହି ଘଟଣାରେ ଟାଉନ ଥାନା ପୁଲିସ ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ନୟାଗଡ଼ରୁ ଗିରଫ କରି ଅଦାଲତକୁ ବିଚାରଣା ପାଇଁ ପଠାଇଥିଲା। ଅଭିଯୁକ୍ତମାନେ ଗତ ଅଗଷ୍ଟ ୧୮ ତାରିଖରୁ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି ।

# ଦୁର୍ଘଟଣାରେ ପତ୍ନୀ ମୃତ, ସ୍ୱାମୀ ଆହତ

**କଣାସ, ୨୧।୧୧ (ସଂଚାର ବ୍ୟୁରୋ):** ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ଚନ୍ଦପଡ଼ା ଗ୍ରାମର ଶିକ୍ଷକ ପ୍ରଭାକର ଜେନା ନିଜର ପତ୍ନୀ ସୁକାନ୍ତୀ କୁମାରୀ ଜେନା ୪୬ବର୍ଷଙ୍କୁ ନିଜ ମଟରସାଇକେଲ୍‌ରେ ବସାଇ ଗ୍ରାମରୁ କଣାସ ବଜାରକୁ ଯାଉଥିବା ସମୟରେ ନୂଆପଡ଼ା ଗ୍ରାମ ନିକଟରେ ଏକ ବାଛୁରି ଆସି ଧକ୍କା ହେବାରୁ ସ୍ୱାମୀ ସ୍ତ୍ରୀ ଛିଟିକି ଯାଇ ତଳେ ପଡ଼ିଥିଲେ। ଦୁହେଁ ଗୁରୁତ୍ୱ ଆହାତ ହୋଇଥିବା ସଂଗେ ସଂଗେ ଚିକିତ୍ସା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସୁକାନ୍ତିଙ୍କ ଅବସ୍ଥା ସଂଙ୍କଟାପନ୍ନ ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ସୁକାନ୍ତୀଙ୍କ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲା।

ସଂଚାର THE SANCHAR

ହାଟକୁ ନେଇ | ନାଟ

# ଅହଙ୍କାର ଲଢ଼େଇରେ ଯାଜପୁର ଅଶାନ୍ତ

## ଚୁଲିକୁ ଗଲାଣି ଚାଷୀଙ୍କ ସ୍ୱାର୍ଥ

**ଯାଜପୁର, ୨୧।୧୧ (ସଂଚାର ବ୍ୟୁରୋ):** ରାଜନୀତିର ଅହଙ୍କାର ଲଢ଼େଇରେ ଜଳୁଛି ଯାଜପୁର। ଦିନକୁ ଦିନ ଜିଲ୍ଲାରେ ରାଜନୈତିକ ହିଂସା ଉଗ୍ରରୂପ ଧାରଣ କରୁଛି। ଏହାର ମୂଳ ମଞ୍ଜି ସାଜିଛି ଯାଜପୁର ବିରଜା ଅଗ୍ନେଶ୍ୱର ହାଟ। ଏହି ସ୍ଥାନରୁ ଆରମ୍ଭ ହୋଇଥିଲା ବିବାଦ। ଯାହା ଗତ ନିର୍ବାଚନରେ ଯାଜପୁର ରାଜନୀତି ପଟ୍ଟପରିବର୍ତ୍ତନ କରିବାର ମୁଖ୍ୟ କାରଣ ସାଜିଥିଲା।

ଘଟଣା କ୍ରମରେ ବିଜେଡ଼ି ସରକାର ସମୟରେ ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକଶ ଦାସଙ୍କ ଉଦ୍ୟମରେ ବିରଜା ମନ୍ଦିର ସୋନ୍ଦର୍ଯ୍ୟକରଣ ଓ ପରିକ୍ରମା ପ୍ରକଳ୍ପ ପାଇଁ ନିଷ୍ପତ୍ତି ନିଆଯାଇଥିଲା ଏବଂ ଏଥିପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ସହ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ପରିକ୍ରମା ପ୍ରକଳ୍ପ ର ଅଂଶବିଶେଷ ଥିଲା ଯାଜପୁର ଠାରେ ଦୀର୍ଘ ୨୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଆସୁଥିବା ବିରଜା ହାଟ। ଯାହାକି କେବଳ ବ୍ୟବସାୟୀକ ଦୃଷ୍ଟିକୋଣରୁ ନୁହେଁ ବରଂ ଯାଜପୁର ବାସୀଙ୍କ ଭାବାବେଗ ସହ ଜଡ଼ିତ ଥିଲା। ସେ ସମୟରେ ଯେତେବେଳେ ହାଟକୁ ଅନ୍ୟତ୍ର ସ୍ଥାନାନ୍ତରଣ କରାଯିବା ନିଷ୍ପତ୍ତି ହୋଇଥିଲା ହାଟର ବ୍ୟବସାୟୀ ଓ ଚାଷୀମାନେ ପ୍ରବଳ ବିରୋଧ କରିବା ସହିତ ସହରବାସୀ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେ ସମୟରେ ବିରଜା ପ୍ରକଳ୍ପ ସ୍ୱାର୍ଥରେ ଚାଷୀ ଓ ବ୍ୟବସାୟୀ ସ୍ଥାନ ଛାଡ଼ିବାକୁ ରାଜି ହୋଇଥିଲେ। ହେଲେ କିଛି ଅସନ୍ତୁଷ୍ଟ ବ୍ୟବସାୟୀଙ୍କ ଦ୍ୱାରା ଏହା ଭିତରେ ପ୍ରବେଶ କରିଥିଲା ଅଦୃଶ୍ୟ ରାଜନୀତି। ରାଜନୀତିର ନିଆଁ ଧିରେ ଧିରେ କୁହୁଳିଲା।



ହାଟ ସ୍ଥାନାନ୍ତରଣ ସେ ସମୟରେ ବିରୋଧୀ ଦଳର ନିର୍ବାଚନୀ ପ୍ରସଙ୍ଗ ପାଲଟିଲା। ଏହାକୁ ନେଇ ବହୁବାର ବିବାଦ ମଧ୍ୟ ମୁଣ୍ଡ ଟେକିଲା, ସପକ୍ଷବାଦୀ ଓ ବିପକ୍ଷବାଦୀ ସୃଷ୍ଟି କରାଗଲା। ରାଜନୈତିକ ଦଳ ଅହଙ୍କାରରେ ବୁଡ଼ି ଚାଷୀଙ୍କ ସ୍ୱାର୍ଥ ଭୁଲିଗଲେ। ସରକାର ପରିବର୍ତ୍ତନ ପରେ ଥମି ଯାଇଥିବା ବିବାଦ ପୁଣି ମୁଣ୍ଡ ଟେକିଲା। ନୂତନ ହାଟରେ ବ୍ୟବସାୟୀମାନେ ନିଜ ବ୍ୟବସାୟ ସୁରୁଖୁରୁରେ ସ୍ଥାପନ କରିବା ପୂର୍ବରୁ ଅହଙ୍କାର ସାଧନ ପାଇଁ ବ୍ୟବସାୟୀମାନଙ୍କୁ ବିବାଦକୁ ଟଣାଗଲା। ପୁଣି ଆରମ୍ଭ ହେଲା ଅହଙ୍କାର ଲଢ଼େଇ। ହେଲେ ବିବାଦ ଏବେ ତୀବ୍ର ରୂପ ଧାରଣ କରିସାରିଥିଲା। ଗୋଟେ ପଟେ ମା ବିରଜାଙ୍କ ମନ୍ଦିର ବିକାଶ କଥା କୁହାଯିବା ବେଳେ ଅନ୍ୟପଟେ ବିରଜା ହାଟ ନାମକୁ ଇତିହାସରୁ ହଟାଯାଉଛି ବୋଲି କୁହାଯାଉଥିଲା। ଲଢ଼େଇ ପ୍ରଶାସନ ଓ ବ୍ୟବସାୟୀଙ୍କ ଠାରୁ ହଟି ରାଜନୈତିକ ଦଳ ମଧ୍ୟରେ ଚାଲୁଥିଲା। ଯେଉଁଥିପାଇଁ ବିଗତ ଦିନରେ ଜିଲ୍ଲାରେ ବହୁ ଅପ୍ରୀତିକର ସମସ୍ୟା ମଧ୍ୟ ସୃଷ୍ଟି ହୋଇଛି।

କିନ୍ତୁ କୌଣସି ଦଳ ଏଯାଏଁ ମାଆ ବିରଜାଙ୍କ ମନ୍ଦିର ପରିକ୍ରମା ବିକାଶ, ଚାଷୀ ଓ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ଆପୋଷ ସମାଧାନ କରି ନ ଥିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତକାଲି ସାରା ଜିଲ୍ଲାକୁ ଅଶାନ୍ତ କରିଥିବା ଘଟଣାର ମୂଳ କେନ୍ଦ୍ର ବିରଜା ଅଗ୍ନେଶ୍ୱର ହାଟ ବୋଲି କୁହାଯାଉଛି। କାରଣ ହେଉଛି, ବୁଧବାର ସନ୍ଧ୍ୟାରେ ବିରଜା ହାଟ ପୁନର୍ବାର ବିରଜା ମନ୍ଦିର ନିକଟକୁ ଫେରିବା ଖବର ପ୍ରଚାରିତ ହେବା ପରେ ହାଟର ଅନତି ଦୂର ବୁଢ଼ା ଘାଟ ନିକଟରେ ବିଜୁ ଜନତା ଦଳର କିଛି କର୍ମୀ ରାସ୍ତା ରୋକ କରିଥିଲେ। ସେହି ବାଟଦେଇ ଆସୁଥିବା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉପରେ ମରଣାତ୍ମକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଯାହା ସହରକୁ ଅଶାନ୍ତ କରିବା ସହିତ ହେବା ସହ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ତଥାପି ପୂର୍ବ ପ୍ରଚାର ସତ୍ତ୍ୱେ ବ୍ୟବସାୟୀମାନେ ନୂତନ ହାଟରେ ବ୍ୟବସାୟ କରିଛନ୍ତି। ଅଳ୍ପ କିଛି ବ୍ୟବସାୟୀ ବିରଜା ମନ୍ଦିର ନିକଟର ପୂର୍ବ ସ୍ଥାନରେ ଆସି ବ୍ୟବସାୟ କରୁଥିବା ଦେଖାଦେଇଥିଲା। ଯାହାକୁ ନେଇ ଦୁଇ ଦଳ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା, ହାଟ ସ୍ଥାନାନ୍ତରଣ ସ୍ଥଗିତ ରଖାଯାଇଛି। ଅନ୍ୟପକ୍ଷରେ ବାରମ୍ବାର ହାଟକୁ ନେଇ ବିଜେଡି ଓ ବିଜେପି ମଧ୍ୟରେ ଚାଲିଥିବା ଅହଙ୍କାର ଲଢ଼େଇରେ ନିରୀହ ଚାଷୀ ହତାସ ହେଉଛନ୍ତି। ବ୍ୟବସାୟୀ ମାନେ ମଧ୍ୟ ଆଶଙ୍କା ପ୍ରକାଶ କରୁଛନ୍ତି।

ଡେଣ୍ଟାଲ ସର୍ଜନ ନିଯୁକ୍ତି ମାମଲା

## ସଂଶୋଧିତ ମେଧା ତାଲିକା ଦାଖଲ ନିର୍ଦ୍ଦେଶ



**କଟକ,୨୧।୧୧ (ସଂଚାର ବ୍ୟୁରୋ):** ଡେଣ୍ଟାଲ ସର୍ଜନ ନିଯୁକ୍ତି ମାମଲାରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଉପରେ ହାଇକୋର୍ଟ ବର୍ଷିଛନ୍ତି। ବାରମ୍ବାର ନିର୍ଦ୍ଦେଶ ପରେ ମଧ୍ୟ ସଂଶୋଧିତ ମେଧା ତାଲିକା ଓପିଏସସି ଦାଖଲ କରୁ ନ ଥିବାରୁ ହାଇକୋର୍ଟ କ୍ଷୋଭ ପ୍ରକାଶ କରି କହିଛନ୍ତି, ଯେଉଁଭଳି ଢଙ୍ଗରେ ଓପିଏସସି ତରଫରୁ ଏହି ମାମଲା ପରିଚାଳନା କରାଯାଉଛି ତାହା ସନ୍ତୋଷଜନକ ନୁହେଁ। ବାରମ୍ବାର ନିର୍ଦ୍ଦେଶ ପରେ ମଧ୍ୟ ସଂଶୋଧିତ ମେଧା ତାଲିକା ନେଇ ହାଇକୋର୍ଟଙ୍କୁ ଅବଗତ କରାଯାଇ ନାହିଁ। ଫଳରେ ନଭେମ୍ବର ୨୫ରେ ଓପିଏସ୍‌ସି ସଚିବଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ କହିଛନ୍ତି। ସମଗ୍ର ସଂଶୋଧିତ ମେଧା ତାଲକା ସହିତ ସଚିବ ହାଜର ହେବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ନ୍ୟାୟପୀଠ ଓପିଏସସି ତରଫରୁ ଦାୟର ରିଟ୍ ଅପିଲର ଶୁଣାଣି କରି ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୨୦୧୭-୧୮ରେ ଓପିଏସ୍‌ସି ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଓଡ଼ିଶା ମେଡିକାଲ୍ ସର୍ଭିସେସ୍ (ଡେଣ୍ଟାଲ୍) କ୍ୟାଡର୍ ଗ୍ରୁପ-କ(ଜୁନିୟର୍) ୧୯୮ ଡେଣ୍ଟାଲ୍ ସର୍ଜନ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଫଳ ପ୍ରକାଶ ପରେ ୧୭୧ଜଣ ପ୍ରାର୍ଥୀଙ୍କ ନାଁ ଓପିଏସ୍‌ସି ୨୦୧୮, ଅଗଷ୍ଟ ୯ରେ ସୁପାରିସ କରିଥିଲା। ଓପିଏସ୍‌ସି ଅନୁମୋଦନକ୍ରମେ ରାଜ୍ୟ ସରକାରଙ୍କ ତରଫରୁ ଡେଣ୍ଟାଲ୍ ସର୍ଜନ୍ ପଦରେ ନିଯୁକ୍ତି ପ୍ରଦାନ କରାଯାଇଥିଲା। କିନ୍ତୁ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନର ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର (କି ଆନସାର୍) ଭୁଲ୍ ଥିବା ଅଭିଯୋଗ ହୋଇଥିଲା। କେତେକ ଆଶାୟୀ ପ୍ରାର୍ଥୀ ଏ ନେଇ ଓପିଏସ୍‌ସି ନିକଟରେ ଲଖିତ ଅଭିଯୋଗ କରିଥିଲେ। ଅଦାଲତରେ ମାମଲା ରୁଜୁ ହୋଇଥିଲା।

## ପୂର୍ବତନ ସରପଞ୍ଚ ହତ୍ୟା ଘଟଣାରେ ୪ ଗିରଫ

**ଭଦ୍ରକ,୨୧।୧୧ (ସଂଚାର ବ୍ୟୁରୋ):** ଜିଲ୍ଲା ବନ୍ଧଗାଁ ପଞ୍ଚାୟତର ବହୁ ଚର୍ଚ୍ଚିତ ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ରାଉତଙ୍କ ହତ୍ୟା ଘଟଣାର ୯ ଦିନ ପରେ ଆଜି ପର୍ଦ୍ଦାଫାସ୍ କରିଛି ପୋଲିସ । ବ୍ୟବସାୟିକ ଶତ୍ରୁତାକୁ ନେଇ ଚିତ୍ତରଞ୍ଜନଙ୍କୁ ହତ୍ୟା କରାଯାଇଥିବା ସୂଚନା ଦେଇଛି ପୋଲିସ। ଏହି ଘଟଣାରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସୁପାରି ଦେଇଥିବା ମୁଖ୍ୟ ଅଭିଯୁକ୍ତ ବିଦ୍ୟୁତ ସାହୁ, ସହଯୋଗୀ ସରୋଜ କୁମାର ସାହୁ, ପ୍ରଶାନ୍ତ ରାଉତ ଓ ବାଦଲ ସାମଲ । ୩ ଜଣ ସୁପାରି କିଲରଙ୍କ ଦ୍ୱାରା ଏହି ହତ୍ୟାକାଣ୍ଡ ହୋଇଥିବା ଜଣାପଡ଼ିଛି । ଚିତ୍ତରଞ୍ଜନଙ୍କ ଯୋଗୁ ବିଦ୍ୟୁତ ସାହୁଙ୍କର ଧାନ, ରଡ଼ ଓ ସିମେଣ୍ଟ ବ୍ୟବସାୟରେ ଲଗାତାର ଭାବେ କ୍ଷତି ହେଉଥିଲା । ଏହି କାରଣରୁ ଅଭିଯୁକ୍ତ ବିଦ୍ୟୁତ ସାହୁ ଚିତ୍ତରଞ୍ଜନଙ୍କୁ ଜୀବନରୁ ମାରି ଦେବାକୁ ୨ ଲକ୍ଷ ୫୦ ହଜାର ଟଙ୍କାର ସୁପାରି ଦେଇଥିଲେ । ଗତ ୧୨ ତାରିଖ ରାତିରେ ଚିତ୍ତରଞ୍ଜନ ଚରମ୍ପାରୁ ନିଶାସକ୍ତ ଅବସ୍ଥାରେ ମୋଟରସାଇକେଲରେ ଘରକୁ ଫେରୁଥିବାବେଳେ, ଅଭିଯୁକ୍ତ ସରୋଜ, ପ୍ରଶାନ୍ତ ଓ ବାଦଲ ତାଙ୍କୁ ରାସ୍ତାରେ ଅଟକାଇଥିଲେ। ପରେ ତାଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ତାଙ୍କ ପଛ ପଟକୁ ଆଘାତ ଦେବାରୁ ତଳେ ପଡ଼ିଯିବାରୁ ତାଙ୍କ ଶରୀରକୁ ଛୁରୀରେ ଆଘାତ କରିଥିଲେ । ଘଟଣାସ୍ଥଳରେ ଚିତ୍ତରଞ୍ଜନଙ୍କର ମୃତ୍ୟୁ ହୋଇଯିବାରୁ ମୃତଦେହକୁ ନେଇ ବିଲରେ ଫିଙ୍ଗି ଦେବାପରେ ଚିତ୍ତରଞ୍ଜନଙ୍କ ମୋଟରସାଇକେଲ ଗାଁ ନିକଟରେ ଥିବା ପୋଖରୀକୁ ଠେଲି ଦେଇଥିଲେ ।

## ଏନ୍‌କାଉଣ୍ଟରରେ ନକ୍ସଲ ନିହତ, ଯବାନ ଆହତ

**ମାଲକାନଗିରି,୨୧।୧୧ (ସଂଚାର ବ୍ୟୁରୋ):** ଛତିଶଗଡ଼ ସୀମା ଏମ୍ ଭି-୭୯ ଜିନ୍ଦଲଗୁଡ଼ା ନିକଟରେ ସୁରକ୍ଷାକର୍ମୀ ଓ ନକ୍ସଲ ମୁହାଁମୁହିଁ ହୋଇଛନ୍ତି। ଗୁଳି ବିନିମୟରେ ଜଣେ ଡିଭିଏଫ୍ ଯବାନ ଆହତ ହୋଇଥିବ ବେଳେ ଜଣେ ନକ୍ସଲ ମଧ୍ୟ ନିହତ ହୋଇଛି। ଆହତ ଯବାନ ହେଲେ ଡମ୍ବୁର ବଡ଼ନାୟକ। ତାଙ୍କ ଗୋଡ଼ରେ ୨ଟି ଗୁଳି ବାଜିଛି ଓ ତାଙ୍କୁ ହେଲିକେପ୍ଟରର ଯୋଗେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଛତିଶଗଡ଼ରୁ କିଛି ନକ୍ସଲ ନଦୀ ପାର ହୋଇ ମାଲକାନଗିରି ଅଭିମୁଖେ ଆସୁଥିବା ସୁରକ୍ଷାକର୍ମୀମାନେ ଗୋଇନ୍ଦା ସୂତ୍ରରୁ ଖବର ପାଇ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଜଙ୍ଗଲ ନିକଟରେ ସୁରକ୍ଷାକର୍ମୀ ଓ ନକ୍ସଲ ମୁହାଁ ମୁହିଁ ହୋଇଥିଲେ। ନକ୍ସଲମାନେ ସୁରକ୍ଷାକର୍ମୀଙ୍କ ଉପରେ ଗୁଳି ଚାଳନା କରିବାରୁ ସୁରକ୍ଷା କର୍ମୀମାନେ ପାଲଟାଗୁଳି ଚାଳନା କରିଥିଲେ। ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ଚାଲିଥିବା ବେଳେ ଅନ୍ଧାରର ସୁଯୋଗ ନେଇ ନକ୍ସମାନେ ଖସିଯାଇଥିଲେ। ବିଏସଏଫ୍ ଯବାନମାନେ ସର୍ଚ୍ଚ ଅପରେସନକୁ ଜୋରଦାର କରିଛନ୍ତି। ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ନକ୍ସଲ ଜଙ୍ଗଲରେ ଲୁଚି ରହିଥିବା ପୁଲିସ ଜାଣିବାକୁ ପାଇଛି। ଜଂଗଲରେ ସଂଦିଗ୍ଧ ବ୍ୟକ୍ତିଙ୍କୁ ଧରି ପଚରାଉଚରା କରୁଛି। ମୃତ ନକ୍ସଲଙ୍କୁ ଚିହ୍ନଟ କରାଯାଇ ନ ଥିବା ବେଳେ ଜଂଗଲରୁ ମାଓବାଦୀ ସାମଗ୍ରୀ, ୩ ବନ୍ଧୁକ ସହ ବିସ୍ଫୋରକ ଜବତ କରାଯାଇଛି।

## ମୃତ୍ୟୁଯନ୍ତା ପଳାଶୁଣି

**ଭୁବନେଶ୍ୱର,୨୧।୧୧ (ସଂଚାର ବ୍ୟୁରୋ):** ରାଜଧାନୀରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପଳାଶୁଣି ଛକରେ ଜରେ ମହିଳା ରାସ୍ତା ଅତିକ୍ରମ କରିବା ବେଳେ ତାଙ୍କ ଉପରେ ଏକ ଟ୍ରକ୍ ମାଡ଼ିଯାଇଛି। ମୃତ ମହିଳାଙ୍କ ପରିଚୟ ମିଳିନାହିଁ।ଗୁରୁବାର ଦିନ ପ୍ରାୟ ୧୦. ୩୦ ରେ ମହିଳା ଜଣଙ୍କ ପଳାଶୁଣି ଛକରେ ରାସ୍ତା ପାର ହେଉଥିବା ବେଳେ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ତାଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ମହିଳାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଗାଡ଼ି ନେଇ ଫେରାର ହୋଇଯାଇଛି। ମଞ୍ଚେଶ୍ୱର ଥାନା ପୁଲିସ ମହିଳାଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି।

## ୨୭ରୁ ବେଳାଭୂମିରେ ଲାଗିବ କଟକଣା

**ପୁରୀ,୨୧।୧୧ (ସଂଚାର ବ୍ୟୁରୋ):** ବ୍ଲୁ-ଫ୍ଲାଗ୍ ବେଳାଭୂମିରେ ପ୍ରଥମ ଥର ପାଇଁ କୌଶଳ ଦେଖାଇବ ନୌସେନା। ଡିସେମ୍ବର ୪ ତାରିଖରେ ନୌସେନା ଦିବସ ପୁରୀ ମହୋଦଧିରେ ପାଳନ ହେବାକୁ ଥିବା ବେଳେ ଏହି ଅବସରରେ ସାମୁଦ୍ରିକ ବେଳାଭୂମିରେ ଭାରତୀୟ ନୌସେନା ଏହାର ଶକ୍ତି ପ୍ରଦର୍ଶନ କରିବ। ପୁରୀ ରାଜଭବନ ନିକଟ ବ୍ଲୁ ଫ୍ଲାଗ ବିଚ୍‌ରେ ବିବିଧ କାର୍ଯ୍ୟକ୍ରମ ପ୍ରଦର୍ଶନ ସହ ଚିତ୍ତାକର୍ଷକ ଏୟାର ସୋ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଜାହାଜ ମାଧ୍ୟମରେ ଓ ଆକାଶ ମାର୍ଗରେ ଦୁଃସାହସିକ କୌଶଳ ପ୍ରଦର୍ଶନ କରାଯିବ। ଏୟାର ସୋ ସମୟରେ ସଂପୃକ୍ତ



ଅଂଚଳରେ ପକ୍ଷୀମାନେ ଉଡିବା ଦ୍ୱାରା ବିମାନ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଥାଏ। ଏ କ୍ଷେତ୍ରରେ ସାଧାରଣ ବ୍ୟକ୍ତି, ବ୍ୟବସାୟ ପ୍ରତିଷ୍ଠାନମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ତେଣୁ ପ୍ରଶାସନ ପକ୍ଷରୁ ସମସ୍ତ ଜନସାଧାରଣ, ବ୍ୟବସାୟୀଙ୍କୁ ଅନୁରୋଧ କରାଯାଉଛି ଯେପରି ସେମାନେ କୌଣସି ଖାଦ୍ୟ ପଦାର୍ଥ କିମ୍ବା ବର୍ଜ୍ୟବସ୍ତୁ ଛାତ ଉପରେ କିମ୍ବା ଗଳିକନ୍ଦିରେ ପକାଇବେ ନାହିଁ । ଏଥିପାଇଁ ନଭେମ୍ବର ୨୮ ତାରିଖ ଠାରୁ ଏୟାର ସୋ' ଶେଷ ହେବା ପର୍ଯ୍ୟନ୍ତ ଜନସାଧାରଣଙ୍କୁ ଲାଗି କଟକଣା ଜାରି କରାଯାଇଛି। ସେହିପରି ପ୍ରଶାସନ ପକ୍ଷରୁ ନଭେମ୍ବର ୨୮ ତାରିଖ ଠାରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଡ୍ରୋନ ଉଡାଇବା ଉପରେ କଟକଣା ଲାଗୁ କରାଯାଇଛି । ଏଥିସହିତ ଏହି ଚିତ୍ତାକର୍ଷକ କାର୍ଯ୍ୟକ୍ରମକୁ ପେଣ୍ଠକଟା ସମୁଦ୍ର କୂଳ ଠାରୁ ଷ୍ଟର୍ଲିଂ ପର୍ଯ୍ୟନ୍ତ ସମୁଦ୍ର କୂଳରେ ଉପସ୍ଥିତ ରହି ଉପଭୋଗ କରିବାକୁ ପ୍ରଶାସନ ପକ୍ଷରୁ ଅପିଲ୍ କରାଯାଇଛି। ଏଥିସହିତ ଭୁବନେଶ୍ୱରରୁ ପୁରୀ ଏବଂ ପୁରୀ ସହର ମଧ୍ୟରେ ଟ୍ରାଫିକ୍ ନିୟନ୍ତ୍ରଣ, ଯାନବାହନ ପାର୍କିଂ, ଜନଗହଳି ସ୍ଥାନର ପରିଚାଳନା, ନୌସେନା ଅତିଥିମାନଙ୍କ ପାଇଁ ପାର୍କିଂ, ଭୁବନେଶ୍ୱର-ପୁରୀ ମୁଖ୍ୟ ରାସ୍ତା ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଗ୍ନିଶମ ଏବଂ ପୁଲିସ ବିଭାଗ ତରଫରୁ କର୍ମଚାରୀ ଓ ଅଧିକାରୀ ମୁତୟନ ରହିବେ । ନୌସେନାର କୌଶଳ ପ୍ରଦର୍ଶନ କାର୍ଯ୍ୟକ୍ରମ ଥିବାରୁ ନଭେମ୍ବର ୨୭ରୁ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ପୁରୀ ସମୁଦ୍ରରେ ନୋ ଫିସିଂ ଜୋନ୍ ଘୋଷଣା କରାଯିବ।

## ମହାନଦୀ ପଠାରେ ବର୍ଷତମାମ ମିନି ବାଲିଯାତ୍ରା

**କଟକ, ୨୧।୧୧(ସଂଚାର ବ୍ୟୁରୋ):** ଏଣିକି ମହାନଦୀ ପଠାରେ ବର୍ଷ ତମାମ ଚାଲିବ ମିନି ବାଲିଯାତ୍ରା। ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ବାଲିଯାତ୍ରା ବୁଲିବା ଅବସରରେ ଗଣମାଧ୍ୟମକୁ ମନ୍ତ୍ରୀ କହିଛନ୍ତି, ଐତିହାସିକ କଟକ ବାଲିଯାତ୍ରା ପ୍ରତି ରହିଛି ରାଜ୍ୟବାସୀଙ୍କର ଅହେତୁକ ଆକର୍ଷଣ। ବର୍ଷକରେ ଥରେ ପଡୁଥିବା ଏହି ବାଲିଯାତ୍ରା ବୁଲିବାକୁ ଦୂରଦୂରାନ୍ତରୁ ଲୋକେ ଏଠାକୁ ଆସିଥାନ୍ତି। ମାତ୍ର ଏବେ ଆଉ ବର୍ଷଯାକ ଅପେକ୍ଷା କରିବାକୁ ପଡ଼ିବନି। ବର୍ଷସାରା ମହାନଦୀ ପଠାରେ ହେବ ମିନି ବାଲି ଯାତ୍ରା। ଆଉ ବର୍ଷକରେ ଥରେ ହେବ ପୂର୍ଣ୍ଣ ବାଲି ଯାତ୍ରା। ସେ କହିଛନ୍ତି, ଖୁବଶୀଘ୍ର ଆରମ୍ଭ ହେବ ମହାନଦୀ ରିଭର ଭିୟୁ ଫ୍ରଣ୍ଟ କାମ। ଚିତ୍ତବିନୋଦନ ପାଇଁ ହେବ ସ୍ଥାୟୀ ପ୍ରକଳ୍ପ । ଆମ୍ୟୁଜମେଣ୍ଟ ପାର୍କ, ବ୍ୟାପକ ଗଛ ଲଗାଯିବ । ଏଥିସହ ଫୁଟପାଥ, ଛୋଟପିଲାଙ୍କ ମନୋରଞ୍ଜନ ପାଇଁ ବ୍ୟବସ୍ଥା ରହିବ। ସେହିପରି ସାବରମତିରେ ଯେପରି ରିଭର ଫ୍ରଣ୍ଟ ହୋଇଛି ସେପରି ମହାନଦୀରେ ବି ହେବ। ବର୍ଷ ସାରା ଏଠାରେ ମିନି ବାଲିଯାତ୍ରା ହେବ। ବର୍ଷକରେ ଥରେ ପୂର୍ଣ୍ଣ ବାଲିଯାତ୍ରା ହେବ । ଏଥିନିମନ୍ତେ ଯୋଜନା ପ୍ରସ୍ତୁତ ହେଉଛି। ଫଳରେ ଲୋକେ ବର୍ଷ ସାରା ବାଲି ଯାତ୍ରାର ଆନନ୍ଦ ଉଠାଇ ପାରିବେ।





ମହିଳା କୋର୍ଟ ପାଇଁ ପ୍ରକ୍ରିୟା ଆରମ୍ଭ

## ଜଜ୍ ଓ କର୍ମଚାରୀ ସମସ୍ତେ ମହିଳା



**କଟକ, ୨୧।୧୧ (ସଂଚାର ବ୍ୟୁରୋ):** ରାଜ୍ୟରେ ମହିଳା କୋର୍ଟ ପ୍ରତିଷ୍ଠା କରିବେ ସରକାର। ଏନେଇ ବଡ଼ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ରାଜ୍ୟରେ ଦିନକୁ ଦିନ ବଳାତ୍କାର ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ନାବାଳିକାମାନଙ୍କ ଉପରେ ଅଧିକ ଯୌନ ନିର୍ଯାତନା କରାଯାଉଥିବା ନଜରକୁ ଆସୁଛି। ଯାହାକୁ ଦୃଷ୍ଟିରେ ରଖି ସରକାର ରାଜ୍ୟରେ ମହିଳା କୋର୍ଟ ପ୍ରତିଷ୍ଠା କରିବେ। ମହିଳାଙ୍କ ଉପରେ ହେଉଥିବା ସମସ୍ତ ନିର୍ଯାତନା ସମ୍ପର୍କିତ ମାମଲା ଏହି କୋର୍ଟରେ ବିଚାର କରାଯିବ। ଗୁରୁତ୍ୱପୂର୍ଣ୍ଣ, ସ୍ୱତନ୍ତ୍ର ମହିଳା କୋର୍ଟରେ ଜଜ୍‌ଙ୍କ ସମେତ ସରକାରୀ ଓକିଲ ଓ କର୍ମଚାରୀମାନେ ବି ମହିଳା ରହିବେ। ଫାଷ୍ଟ୍ ଟ୍ରାକ୍ କୋର୍ଟ ଭଳି ଏହି କୋର୍ଟରେ ଅଧିକ ଏବଂ ଶୀଘ୍ର ମୋକଦ୍ଦମା ସାରିବା ସହ ଦୋଷୀଙ୍କୁ ତୁରନ୍ତ ଦଣ୍ଡ ଦିଆଯିବ। କୋର୍ଟ ସ୍ଥାପନ ପାଇଁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହେବା ସହ ହାଇକୋର୍ଟଙ୍କ ସହ ଆଲୋଚନା ମଧ୍ୟ ଆରମ୍ଭ କରାଯାଇଛି ବୋଲି ଆଇନମନ୍ତ୍ରୀ ସୂଚନା ଦେଇଛନ୍ତି।

ବେଦାନ୍ତ 'ସ୍ୱର୍ଣ୍ଣ ପ୍ରାସନ୍ନ' ଅଭିଯାନ ସମ୍ପ୍ରସାରିତ

## ୬୪୦୦ ଛାତ୍ରଛାତ୍ରୀଙ୍କ ଜୀବନରେ ଆଣିଛି ଉନ୍ନତି





**ଭୁବନେଶ୍ୱର,୨୧।୧୧ (ସଂଚାର ବ୍ୟୁରୋ):** ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଆୟୁଷ ମନ୍ତ୍ରଣାଳୟ ସହଯୋଗରେ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ୧୫ଟି ସରକାରୀ ବିଦ୍ୟାଳୟର ୬୪୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚାଇବା ପାଇଁ 'ସ୍ୱର୍ଣ୍ଣ ପ୍ରାସନ୍ନ' ଅଭିଯାନକୁ ବିସ୍ତାର କରିଛି। ରାୟଗଡ଼ା ଜିସିଡି ଜିଲ୍ଲା ଉଚ୍ଚ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ମୁଖ୍ୟ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ଅତିରିକ୍ତ ଡିଇଓ ଭଜନ ଲାଲ ମାଝୀ, ବ୍ଲକ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସ, ଆୟୁର୍ବେଦିକ ଡାକ୍ତର ଭିଜେପି ରାଓ, ଅଟଳ ବିହାରୀ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ସରକାର ଏବଂ ଆୟୁଷ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ବର୍ତ୍ତମାନ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାରେ ଚାଲିଛି ଏବଂ ଏହା କୋରାପୁଟ ଜିଲ୍ଲାରେ ବିସ୍ତାରିତ ହେବାର ଯୋଜନା ରହିଛି। ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ, ଅନୁନ୍ନତ ଅଞ୍ଚଳର ପିଲାମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛୁ। ବେଦାନ୍ତ ଆଲୁମିନିୟମର ବକ୍ସାଇଟ୍ ମାଇନ୍ସର ସିଇଓ ନୀତିନ କୁମାର ତିୱାରୀ କହିଛନ୍ତି, ସ୍ୱର୍ଣ୍ଣ ପ୍ରାସନ୍ନ ଦ୍ୱାରା ୨୫ଟି ସରକାରୀ ବିଦ୍ୟାଳୟ ଉପକୃତ ହୋଇଛନ୍ତି। ଡିଇଓ ବସନ୍ତ ନାୟକ କହିଲେ, ସ୍ୱର୍ଣ୍ଣ ପ୍ରାସନ୍ନ ଏକ ସମୟାନୁକ୍ରମିକ ଆୟୁର୍ବେଦିକ ଅଭ୍ୟାସ ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଏବଂ ଜ୍ଞାନ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ।

## ୩ କୁଳପତିଙ୍କ କାର୍ଯ୍ୟକାଳ ବୃଦ୍ଧି

**ଭୁବନେଶ୍ୱର,୨୧।୧୧ (ସଂଚାର ବ୍ୟୁରୋ):** ନଭେମ୍ବରରେ ଶେଷ ହେଉଥିବା ୩ ପ୍ରମୁଖ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳକୁ ରାଜ୍ୟପାଳ ଆଉ ୬ମାସ ବୃଦ୍ଧି କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ନୂଆ କୁଳପତି ନିଯୁକ୍ତିରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ବିଳମ୍ବ କରୁଥିବାକୁ ନେଇ ରାଜଭବନ ଗତ ସପ୍ତାହରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନୂଆ କୁଳପତି ଚୟନ ନିମନ୍ତେ ଏପର୍ଯ୍ୟନ୍ତ ଉଚ୍ଚଶିକ୍ଷା ବିଭାଗ ବିଜ୍ଞାପନ ଜାରି କରିନଥିବାରୁ ରାଜ୍ୟପାଳ ଗୁରୁବାର କୁଳପତିମାନଙ୍କ କାର୍ଯ୍ୟକାଳ ଆଉ ୬ମାସ ବୃଦ୍ଧି କରିଛନ୍ତି। କୁଳପତିମାନଙ୍କ କାର୍ଯ୍ୟକାଳ ସରିବା ଦିନଠୁ ୬ମାସ ପର୍ଯ୍ୟନ୍ତ ଅବା ନୂଆ କୁଳପତି ଯୋଗଦେବା ପର୍ଯ୍ୟନ୍ତ(ଯାହା ପ୍ରଥମେ ଆସିବ) ବୃଦ୍ଧି କରାଯାଇଛି। ସମ୍ପ୍ରସାରିତ କାର୍ଯ୍ୟକାଳ ମଧ୍ୟରେ କୁଳପତିମାନେ କୁଳାଧିପତିଙ୍କ ବିନା ଅନୁମତିରେ କୌଣସି ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

## ବିଧାୟକଙ୍କୁ ଆକ୍ରମଣ:୧୦ ଗିରଫ



**ଯାଜପୁର,୨୧।୧୧ (ସଂଚାର ବ୍ୟୁରୋ):** ଧର୍ମଶାଳାର ବିଜେପି ବିଧାୟକ ହିମାଂଶୁ ସାହୁ ଙ୍କୁ ଆକ୍ରମଣ ମାମଲାରେ ୧୦ ଜଣଙ୍କୁ ଗିରଫ କରିଛି ପୁଲିସ୍। ବିଧାୟକଙ୍କ ପିଏସ୍‌ଓଙ୍କ ଏତଲା ଆଧାରରେ ପୁଲିସ୍ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଯାଜପୁର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଇଛି। କୋର୍ଟ ଜାମିନ୍ ଆବେଦନ ଖାରଜ କରିବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି। ଏହାସହିତ ମାମଲାର ତଦନ୍ତ ପାଇଁ ପୁଲିସ ୩ ଟିମ୍ ଗଠନ କରିଛି। ପରିସ୍ଥିତି ଉପରେ ନଜର ରଖାଯାଉଛି। ଆକ୍ରମଣ ଘଟଣାକୁ ନେଇ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଉତ୍ତେଜନାମୂଳକ ସ୍ଥିତିକୁ ଏଡାଇବା ଲାଗି ଯାଜପୁର ଟାଉନ ଥାନା ଆଗରେ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ଗତ ରାତିରେ ଯାଜପୁରରେ ଏଡିଜି (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଯାଜପୁର ସଦର ଥାନା ଓ ଟାଉନ ଥାନା ଅନ୍ତର୍ଗତ ସମ୍ବେଦନଶୀଳ ସ୍ଥାନଗୁଡ଼ିକ ଉପରେ ପୁଲିସର କଡ଼ା ନଜର ରହିଛି ଏବଂ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ସୂଚନା ମିଳିଛି। ଧାୟକ ହିମାଂଶୁ ଶେଖର ଦୃଢ଼ ନିନ୍ଦା କରି କହିଛନ୍ତି, ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ତାଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟ ସରକାର ଏ ଘଟଣାକୁ ଗୁରୁତର ସହ ନେଇଛନ୍ତି। ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସମ୍ପୃକ୍ତ ସମସ୍ତ ଆସାମୀଙ୍କୁ ଗିରଫ କରାଯିବ ବୋଲି ରାଜ୍ୟ ସରକାର ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବୁଧବାର ସନ୍ଧ୍ୟାରେ ବିଧାୟକ ହିମାଂଶୁ ସାହୁ ଯାଜପୁର ଜିଲ୍ଲାପାଳଙ୍କ ଅଫିସରେ ହେବାକୁ ଥିବା ବୈଠକରେ ଯୋଗଦେବା ପାଇଁ ଯାଉଥିବା ବେଳେ ବୁଢ଼ାପୋଲ ନିକଟରେ ଆକ୍ରମଣ କରାଯାଇଥିଲା।

● ମହିଳା କମିସନ ସଦସ୍ୟ ବରଖାସ୍ତ ମାମଲା

## ଜବାବ ମାଗିଲେ ହାଇକୋର୍ଟ

**କଟକ,୨୧।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ମହିଳା କମିସନ ସଦସ୍ୟଙ୍କୁ ବରଖାସ୍ତ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ବିରୋଧରେ ଦାୟର ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ଜବାବ ତଲବ କରିଛନ୍ତି। ମହିଳା ଓ ଶିଶୁ ବକାଶ ବଭାଗ ପ୍ରମୁଖ ସଚିବ, ସ୍ୱତନ୍ତ୍ର ସଚିବ, ମହିଳା କମିସନ ଆବାହକ-ସଚିବଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ୧୦ ଦିନ ଭିତରେ ରାଜ୍ୟ ସରକାର ଏହି ମାମଲାରେ ଜବାବ ଦାଖଲ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଆବେଦନକାରୀ ଚାହିଁଲେ ଏକ ସପ୍ତାହ ଭିତରେ ପ୍ରତିଜବାବ ଦାଖଲ କରି ପାରିବେ। ଏଥି ସହିତ ନଭେମ୍ବର ୯ରେ ବିଜ୍ଞପ୍ତି ଉପରେ ରହିତାଦେଶ ଜାରି ପାଇଁ ଆବେଦନକାରୀଙ୍କ ତରଫରୁ ଦାୟର ଅନ୍ତରୀଣ ଆବେଦନ ଉପରେ ମଧ୍ୟ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ଡିସେମ୍ବର ୧୧ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଜଷ୍ଟିସ ଡ. ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଜୟ ବରୱା, ସ୍ୱର୍ଣ୍ଣଲତା ସାମଲ ଓ ବବିତା ସ୍ୱାଇଁଙ୍କ ତରଫରୁ ଦାୟର ପୃଥକ ଆବେଦନର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୨୦୨୪, ନଭେମ୍ବର ୯ରେ ମହିଳା କମିସନ ସଦସ୍ୟଙ୍କୁ ବରଖାସ୍ତ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏ ନେଇ ପ୍ରକାଶିତ ବିଜ୍ଞପ୍ତିକୁ ଚାଲେଞ୍ଜ କରି ହାଇକୋର୍ଟରେ ତିନୋଟି ପୃଥକ ମାମଲା ଦାୟର ହୋଇଛି।

# ଜନସ୍ୱାସ୍ଥ୍ୟ- ଶହ ଶହ ପଦବୀ ଖାଲି

**ଭୁବନେଶ୍ୱର, ୨୧।୧୧(ତଥ୍ୟ):** ରାଜ୍ୟର ସହରାଞ୍ଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ସହିତ ପରିଷ୍କାର ପରିଚ୍ଛନ୍ନତା ଯୋଗାଇବାର ଦାୟିତ୍ୱ ହେଉଛି ଜନସ୍ୱାସ୍ଥ୍ୟ ବିଭାଗର। ହେଲେ ଜନସ୍ୱାସ୍ଥ୍ୟ ବିଭାଗରେ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି କିରାଣୀଙ୍କ ପର୍ଯ୍ୟନ୍ତ ଏକାଧିକ ପଦବୀ ଖାଲି ପଡ଼ିଛି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଯନ୍ତ୍ରୀ ପାହ୍ୟାରେ ଏତେ ସଂଖ୍ୟକ ପଦବୀ ଖାଲି ପଡ଼ିବା ଏବେ ଅନେକଙ୍କ ଆଶ୍ଚର୍ଯ୍ୟ କରିଛି।

ଜନସ୍ୱାସ୍ଥ୍ୟ ବିଭାଗରେ ରହିଛି ୨୪୨ଟି ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦବୀ। ହେଲେ ଏଥିରୁ ଖାଲି ପଡ଼ିଛି ୧୯୮ଟି। ୧୮୭ ଜଣ ଯନ୍ତ୍ରୀ ଯୋଗାଇ ଦେବାପାଇଁ ଜଳସମ୍ପଦ ବିଭାକୁ ପତ୍ର ଲେଖାଯାଇଛି। ଦ୍ୱିତୀୟଶ୍ରେଣୀ ପାହ୍ୟାରେ ରହିଛି ୭୯୧ଟି କନିଷ୍ଠ ଯନ୍ତ୍ରୀ ପଦବୀ। ଏଥିରୁ ୫୩୮ଟି ପଦବୀ ଖାଲି ପଡ଼ିଛି। ୨୫୩ ଜର କନିଷ୍ଠ ଯନ୍ତ୍ରୀରେ କାମ ଚଳାଯାଉଥିବାବେଳେ ୫୧୨ଟି ପଦବୀ ପୂରଣ ପାଇଁ ଓଡ଼ିଶା ଷ୍ଟାଫ ସଲେକ୍ସନ କମିଶନଙ୍କୁ ପତ୍ର ଲେଖାଯାଇଛି। କେବଳ ଯନ୍ତ୍ରୀ ନୁହନ୍ତି ଜନସ୍ୱାସ୍ଥ୍ୟ ବିଭାଗରେ ତୃତୀୟ ଶ୍ରେଣୀ ପାହ୍ୟାରେ ଥିବା ୨୪ଟି କନିଷ୍ଠ ସହାୟକ ପଦବୀରେ ଜଣେ ହେଲେ କେହି ନାହାନ୍ତି। ପଦୋନ୍ନତି ଭିତ୍ତିରେ ଏହି ପଦବୀ ପୂରଣ ପାଇଁ ନିଷ୍ପତ୍ତି ହେବା ସହିତ କ୍ଷମତାପନ୍ନ କମିଟି ଠାରୁ ମତ ଲୋଡାଯାଇଛି। ବିଭିନ୍ନ ସର୍କଲରେ ଥିବା ୧୧୮ଟି ସହାୟକ ପଦବୀ ମଧ୍ୟରୁ ୭୧ଟି ଖାଲି ପଡ଼ିଥିବାବେଳେ ଏଠାରେ ମଧ୍ୟ ସମାନ ସ୍ଥିତି। ପଦୋନ୍ନତି ଭିତ୍ତିରେ ପୂରଣ ପାଇଁ କ୍ଷମତାପନ୍ନ କମିଟିକୁ ପତ୍ର ଲେଖାଯାଇଛି। ଏହି ସବୁ ଦପ୍ତରେ ଥିବା ୧୨ଟି ମଞ୍ଜୁରୀପ୍ରାପ୍ତ କ୍ଷୀପ୍ରଲେଖିକ ପଦବୀରେ ଜଣେ ହେଲେ କେହି ନାହାନ୍ତି। ଜନସ୍ୱାସ୍ଥ୍ୟ ଭଳି ଅବସ୍ଥା ଟାଉନ ପ୍ଲାନିଂ ବିଭାଗରେ। ସହରାଞ୍ଚଳରେ ଏହିସବୁ ପଦବୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏକାଧିକ ମଞ୍ଜୁରୀପ୍ରାପ୍ତ ପଦବୀ ଖାଲି ପଡ଼ିଛି। ପ୍ରଥମଶ୍ରେଣୀ ପାହ୍ୟରେ ଥିବା ୧୬ଟି ଟାଉନପ୍ଲାନର ପଦବୀ ସମ୍ପୂର୍ଣ୍ଣ ଫାଙ୍କା ପଡ଼ିଛି। ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଏହିସବୁ ପଦବୀରେ ନୂଆ ନିଯୁକ୍ତି କରିବାକୁ ସ୍ଥିର ହୋଇଥିବା ଜଣାଯାଇଛି। ଦ୍ୱିତୀୟଶ୍ରେଣୀ ପାହ୍ୟରେ ଥିବା ୧୫ଟି ଟାଉନପ୍ଲାନର ପଦବୀ ମଧ୍ୟରୁ ୧୧ଟି ଖାଲି। ଖାଲିଥିବା ଏହି ପଦବୀରେ ନୂତନ ନିଯୁକ୍ତି ବନ୍ଦ ରହିଛି। ତୃତୀୟଶ୍ରେଣୀ ପାହ୍ୟାରେ ଥିବା ୮୦ଟି ପଦବୀ ମଧ୍ୟରୁ ୬୬ଟି ଖାଲି ପଡ଼ିଛି। ତେବେ କ୍ଷମତାପନ୍ନ କମିଟି ୪୨ଟି ପଦବୀ ମଞ୍ଜୁର ପାଇଁ ଅନୁମତି ପ୍ରଦାନ କରିଛନ୍ତି। ସେହଭଳି ଚତୁର୍ଥଶ୍ରେଣୀ ପାହ୍ୟାରେ ଥିବା ୬୫ଟି ପଦବୀ ମଧ୍ୟରୁ ୪୪ଟି ଖାଲି ପଡ଼ିଛି। ନଗର ଉନ୍ନୟନ ବିଭାଗରେ ଏଭଳି ଶହ ଶହ ପଦବୀ ଖାଲି ଏବେ ମସସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଥିବାବେଳେ ବିଭିନ୍ନ ଯୋଜନା ଚଳାଇବାପାଇଁ ଥିବା ଠିକା କର୍ମଚାରୀମାନେ ବି ଏବେ ଚାକିରି ହରାଇ ବସିଛନ୍ତି। ଯଦିଓ ଏହି କର୍ମଚାରୀମାନେ ନିୟମିତ ଆସି କାମ କରୁଛନ୍ତି, କିନ୍ତୁ ସେମାନଙ୍କ ଠିକା ନିଯୁକ୍ତି ନବୀକରଣ ହୋଇନଥିବାରୁ ଦୁଇମାସ ହେଲା ବିନା ପାଉଣାରେ ଖଟୁଛନ୍ତି। ଏମାନଙ୍କ ଚାକିରି ରହିବ କି ନାହିଁ ଜାଣିପାରୁନଥିବାବେଳେ ଆଠଶହରୁ ଅଧିକ ଠିକା କର୍ମଚାରୀଙ୍କ ସଂକ୍ରାନ୍ତରେ ବିଭାଗୀୟ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ପ୍ରମୁଖ ସଚିବଙ୍କ ପର୍ଯ୍ୟନ୍ତ ସମସ୍ତେ ଏକ ପ୍ରକାରକ ନିରବତା ଅବଲମ୍ବନ କରୁଛନ୍ତି। ଏହା ଫଳରେ ପୌରାଞ୍ଚଳରେ ମୁକ୍ତା ଭଳି ଅନେକ ନିଯୁକ୍ତି ଭିତ୍ତିକ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ରହିଗଲାଣି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




### ଆକ୍ସନ୍ ମୁଡ୍‌ରେ କେନ୍ଦ୍ର ସରକାର

# ୧୭ ହଜାର ହ୍ୱାଟସ୍‌ଆପ୍ ଆକାଉଣ୍ଟ ବ୍ଲକ୍

**ନୂଆଦିଲ୍ଲୀ, ୨୧।୧୧:** ଦିନକୁ ଦିନ ଦେଶରେ ବଢ଼ି ଚାଲିଛି ଡିଜିଟାଲ ଆରେଷ୍ଟ ଓ ସାଇବର ଠକେଇ ମାମଲା। ଲୋକଙ୍କୁ ଫସାଇ ପୁଳା ପୁଳା ଟଙ୍କା ଲୁଟି ନେଉଛନ୍ତି ଦୁର୍ବୃତ୍ତ। ଖାଲି କରିଦେଉଛନ୍ତି ଆକାଉଣ୍ଟ। ତେବେ ଏହା ଉପରେ ଏବେ ଲାଗିବ ବ୍ରେକ୍। ଡିଜିଟାଲ ଆରେଷ୍ଟ ଓ ସାଇବର୍ ଠକେଇ ମାମଲାରେ ବଡ଼ ଆକ୍ସନ ନେଇଛି କେନ୍ଦ୍ର ଗୃହ ମନ୍ତ୍ରଣାଳୟ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ୧୭ ହଜାର ହ୍ୱାଟସ୍‌ଆପ୍ ଆକାଉଣ୍ଟକୁ ବ୍ଲକ୍ କରିଦେଇଛି। ଏହି ସନ୍ଦିଗ୍ଧ ଆକାଉଣ୍ଟଗୁଡିକର ଲିଙ୍କ୍ ଡିଜିଟାଲ୍ ଆରେଷ୍ଟ ଏବଂ ସାଇବର ଠକେଇ ମାମଲା ସହିତ ଜଡିତ ଥିଲା ବୋଲି କୁହାଯାଉଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଏହି ପ୍ରସଙ୍ଗରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏଥିସହ ଗୃହ ମନ୍ତ୍ରଣାଳୟର ଆଭ୍ୟନ୍ତରୀଣ ସୁରକ୍ଷା ସଚିବ ଏହି କମିଟି ଉପରେ ନଜର ରଖିଛନ୍ତି। ଗୃହ ମନ୍ତ୍ରଣାଳୟର ସାଇବର ୱିଙ୍ଗ ୭୦୯ଟି ମୋବାଇଲ୍ ଆପ୍‌କୁ ମଧ୍ୟ ବ୍ଲକ୍ କରିଦେଇଛି।




ସୂଚନା ମୁତାବକ ଚଳିତ ବର୍ଷ ୬ ହଜାରରୁ ଅଧିକ ଡିଜିଟାଲ ଆରେଷ୍ଟ ମାମଲା ରୁଜୁ ହୋଇଛି। ସାଇବର ଠକେଇ ଏବଂ ଡିଜିଟାଲ ଆରେଷ୍ଟ ଘଟଣାରେ ୬ ଲକ୍ଷ ମୋବାଇଲ୍ ଫୋନ୍ ଜଡିତ ଥିବା ଜଣାପଡିଛି। ଏପରି ଅପରାଧକୁ ରୋକିବା ପାଇଁ ଗୃହ ମନ୍ତ୍ରଣାଳୟ ଆଗାମୀ ଦିନରେ ଅଧିକ କଠୋର ପଦକ୍ଷେପ ନେଇପାରେ ବୋଲି କୁହାଯାଉଛି।

### ଋଣକୁ ନେଇ ସତର୍କ କଲେ ରାଜନ

# ବିଶ୍ୱରେ ଋଣ ୧୦୦ ଲକ୍ଷ କୋଟି ଡଲାର

**ନୂଆଦିଲ୍ଲୀ, ୨୧।୧୧:** ସାରା ବିଶ୍ୱରେ, ବିଶେଷ କରି ବଡ଼ ଓ ଧନୀ ଦେଶଗୁଡ଼ିକରେ ଋଣ ଯେଉଁଭଳି ଉଚ୍ଚ ସ୍ତରରେ ରହିଛି ତାହାକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ଚିନ୍ତା ପ୍ରକଟ କରିଛନ୍ତି। ଋଣ କମ୍ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି। ଏବେଠାରୁ ତାହାର ମୁକାବିଲା କରା ନ ଗଲେ ଆଗକୁ ଯଦି କିଛି ବଡ଼ ମହାମାରୀ ଆସିବ ତେବେ ତାହା ଜଟିଳ ସମସ୍ୟା ସୃଷ୍ଟି କରିବ ବୋଲି ରାଜନ ସତର୍କ କରାଇଛନ୍ତି। ରାଜନ କହିଛନ୍ତି ଯେ ଯେଉଁ ସବୁ ଦେଶ ନିଜର ଋଣ ବଢ଼ାଉଛନ୍ତି, ସେମାନେ ନିଜ ପାଇଁ ସମସ୍ୟା ସୃଷ୍ଟି କରୁଛନ୍ତି। ଯେତେବେଳେ ଆଗକୁ ବଡ଼ ସଙ୍କଟ ଆସିବ ସେମାନେ ହିଁ ସର୍ବାଧିକ ପ୍ରଭାବିତ ହେବା ଆଶଙ୍କା ରହିଛି। ସେ କହିଛନ୍ତି ଯେ ୨୦୦୮ରେ ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥା ଓ କରୋନା ମହାମାରୀକୁ ବିଶ୍ୱ ସାମ୍ନା କରିସାରିଛି। ଆଗକୁ ଅଧିକ ମହାମାରୀ ଦେଖାଦେବାର ଆଶଙ୍କା ରହିଛି। ସେଭଳି ସମୟରେ ଋଣରେ କୌଣସି ପ୍ରକାର ବୃଦ୍ଧି ଗ୍ରହଣୀୟ ନୁହେଁ। ବିଶେଷ କରି ସେ ଆମେରିକାକୁ ସତର୍କ କରି କହିଛନ୍ତି ଯେ ଏହି ଦେଶର ଋଣ ଧୀରେ ଧୀରେ ବଢ଼ିବାରେ ଲାଗିଛି। ବିଶ୍ୱର ବିଭିନ୍ନ ଦେଶ ଉପରେ ଥିବା ଋଣ ୧୦୦ ଲକ୍ଷ କୋଟି ଡଲାରରୁ ଅଧିକ ହୋଇଗଲାଣି ଯାହା ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୯୩ ପ୍ରତିଶତ। ଏଥିରେ ଆମେରିକା ଓ ଚୀନ୍‌ର ଭାଗ ଅଧିକ ରହିଛି। ଏତେ ଅଧିକ ଋଣର ମୁକାବିଲା କରିବା ଲାଗି ବିଶ୍ୱ ପ୍ରସ୍ତୁତ ନାହିଁ। ଏହା ଆମକୁ ଦୁର୍ବଳ କରିବ। ତେବେ ଏବେ ଦରଦାମ୍ ସ୍ଥିତି କମ୍ ହେଉଥିବା ବେଳେ ସୁଧ ହାର ମଧ୍ୟ ହ୍ରାସ ପାଇବା ଆରମ୍ଭ କଲାଣି। ନିଜର ଆର୍ଥିକ ସ୍ଥିତିକୁ ସୁଧାରିବା ଲାଗି ଦେଶଗୁଡ଼ିକ ପାଇଁ ଏହା ଉପଯୁକ୍ତ ସମୟ ବୋଲି ରାଜନ କହିଛନ୍ତି।



# ଆମେରିକାର ଅଭିଯୋଗ ପରେ ବୁଡିଲା ଆଦାନୀଙ୍କ ଶେୟାର

ନୂଆଦିଲ୍ଲୀ,୨୧।୧୧: ଭାରତୀୟ ଶିଳ୍ପପତି ଗୌତମ ଆଦାନୀଙ୍କୁ ଲାଗିଛି ଆଜି ସକାଳୁ ସକାଳୁ ଲାଗିଛି ବଡ଼ ଝଟ୍‌କା। ଆମେରିକାରେ ଅଭିଯୋଗ ଆଣିଛି କି, ସେ ତାଙ୍କ କମ୍ପାନୀ ନିବେଶକଙ୍କୁ ଲାଞ୍ଚ ଦେଇ ଠକିଛନ୍ତି। କଣ୍ଟ୍ରାକ୍ଟ ପାଇବା ଏବଂ ଏହାକୁ ଲୁଚାଇବା ପାଇଁ ସେ ୨୬୫ ମିଲିୟନ ଡଲାର ବା ୨୨୩୬ କୋଟି ଟଙ୍କା ଲାଞ୍ଚ ଦେଇଥିବାର ଅଭିଯୋଗ ହୋଇଛି। ଏନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏହି ଘଟଣା ଆଦାନୀ ଗ୍ରୁପ କମ୍ପାନୀ ଆଦାନୀ ଗ୍ରୀନ ଏନର୍ଜି ଲିମିଟେଡ ଏବଂ ଅନ୍ୟ ଏକ ସଂସ୍ଥା ସହିତ ଜଡିତ। ଏହି ଘଟଣା ପରେ ଆଦାନୀ ଗ୍ରୁପ୍ର ଶେୟାରରେ ବହୁତ ହ୍ରାସ ଘଟିଛି। ଆଦାନୀ ଏଣ୍ଟରପ୍ରାଇଜେସ, ଆଦାନୀ ଗ୍ରୀନ ଏନର୍ଜି ଏବଂ ଆଦାନୀ ଏନର୍ଜି ସଲ୍ୟୁସନର ଶେୟାରଗୁଡିକ ପ୍ରାରମ୍ଭିକ କାରବାର ସମୟରେ ୧୦-୨୦ ପ୍ରତିଶତ ହ୍ରାସ ପାଇଛି। ଏହାର ପ୍ରଭାବ ଭାରତୀୟ ଷ୍ଟକ ବଜାରରେ ମଧ୍ୟ ଦେଖିବାକୁ ମିଳିଛି। ନିଫ୍ଟି ୧୮୭ ପଏଣ୍ଟ ହ୍ରାସ କରି ୨୩,୩୩୦ ଥିବାବେଳେ ସେନସେକ୍ସ ୫୪୯ ପଏଣ୍ଟରେ ଦୁର୍ବଳ ହୋଇ ୭୭,୦୨୮ରେ କାରବାର ପହଞ୍ଚିଛି।

# ଆସିଲା ଏନ୍‌ଭାରୋ ଇଞ୍ଜିନିୟର୍ସ ଆଇପିଓ ନିବେଶକଙ୍କ ପାଇଁ ବଡ଼ ସୁଯୋଗ

ନୂଆଦିଲ୍ଲୀ,୨୧/୧୧: ଏନ୍‌ଭାରୋ ଇନ୍‌ଫ୍ରା ଇଞ୍ଜିନିୟର୍ସ ଲିମିଟେଡ ପ୍ରାଥମିକ ପବ୍ଲିକ ଅଫର (ଆଇପିଓ) ୨୨ ନଭେମ୍ବରରେ ଖୋଲିବ । ଏହି ପବ୍ଲିକ ଇସ୍ୟୁ ଜରିଆରେ ନିବେଶକ ଚଳିତ ମାସ ୨୬ ଯାଏ ନିବେଶ କରିବାର ସୁଯୋଗ ପାଇବେ । ୨୯ ନଭେମ୍ବରରେ ଏହା ଉଭୟ ବମ୍ବେ ଷ୍ଟକ ବଜାର ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜରେ ସୂଚୀଭୁକ୍ତ ହେବ । ଏହି ଆଇପିଓର ସାଇଜ୍ ରହିଛି ୬୫୦ କାଟି ଟଙ୍କା । ନିବେଶକ ଏଥିରେ ଅନ୍ୟୁନ ୧୪,୯୪୮ ଟଙ୍କା ନିବେଶ କରିପାରିବେ ।



# ୨୭ ନଭେମ୍ବରରେ ଲଞ୍ଚ୍ ହେବ ହୋଣ୍ଡା ଆକ୍ଟିଭା ଇଲେକ୍ଟ୍ରିକ୍ ସ୍କୁଟର

**ନୂଆଦିଲ୍ଲୀ, ୨୧।୧୧:** ହୋଣ୍ଡା ଆକ୍ଟିଭା ଭାରତୀୟ ବଜାରରେ ସବୁଠାରୁ ଅଧିକ ବିକ୍ରି ହେଉଥିବା ସ୍କୁଟର ମଧ୍ୟରୁ ଗୋଟିଏ। ଦୀର୍ଘ ସମୟ ଧରି ଆକ୍ଟିଭା ଗ୍ରାହକମାନଙ୍କର ପ୍ରଥମ ପସନ୍ଦ ହୋଇରହିଛି। ପ୍ରାୟତଃ ମଧ୍ୟବିତ୍ତ ପରିବାର ନିଜ ଗାଡିକୁ ଏକ ଇମୋସନ ଭାବରେ ଦେଖନ୍ତି ତେଣୁ ସେମାନେ ସବୁବେଳେ ଚାହାନ୍ତି ସେମାନେ କିଣୁଥିବା ଗାଡି ସେତିକି ଭରଷାଯୋଗ୍ୟ ହୋଇଥିବା ଦରକାର ଏବଂ ହୋଣ୍ଡା ଆକ୍ଟିଭା ଲୋକଙ୍କ ସେହି ଡିମାଣ୍ଡକୁ ଅନେକ ବର୍ଷ ଧରି ପୁରା କରିଆସୁଛି। ସାନାଦର ଲୁକ, ଫିଚର୍ସ ଏବଂ ବଢ଼ିଆ ରେଞ୍ଜ ଥିବା ଆକ୍ଟିଭାର ଚାହିଦା ଭାରତୀୟ ବଜାରରେ ବେଶ ଅଧିକ ରହିଛି। କିନ୍ତୁ ଆଜିକାଲିର ଆଧୁନିକ ଯୁଗରେ ଇଲେକ୍ଟ୍ରିକ ଗାଡ଼ିର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏବେ ଲୋକେ ଇଲେକ୍ଟ୍ରିକ ବାଇକ କିଣିବା ପୂର୍ବରୁ ଏହାର ମାଇଲେଜ ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି। ପେଟ୍ରୋଲ ଓ ଡିଜେଲର ବଢୁଥିବା ଦାମ ଦେଖି ଲୋକେ ଇଲେକ୍ଟ୍ରିକ ବାଇକ ଏବଂ ସ୍କୁଟର ଉପରେ ବିଶେଷ ଧ୍ୟାନ ଦେଉଛନ୍ତି। ଏଭଳି ପରିସ୍ଥିତିରେ ଅଗ୍ରଣୀ ଦୁଇ ଚକିଆ କମ୍ପାନୀ ହୋଣ୍ଡା ମଧ୍ୟ ଇଲେକ୍ଟ୍ରିକ୍ ସ୍କୁଟର ବଜାରରେ ଏଣ୍ଟ୍ରି କରିବା ପାଇଁ ପ୍ରସ୍ତୁତି ଶେଷ କରିଛି। ହୋଣ୍ଡା ଦୀର୍ଘ ସମୟ ଧରି ଆକ୍ଟିଭା ଇଲେକ୍ଟ୍ରିକ୍ ସ୍କୁଟରରେ କାମ କରୁଛି। ହୋଣ୍ଡା ନଭେମ୍ବର ୨୭ରେ ଭାରତରେ ଏହାର ପ୍ରଥମ ଇଲେକ୍ଟ୍ରିକ୍ ସ୍କୁଟର ଲଞ୍ଚ କରିବ। ଯଦି ଆପଣ ମଧ୍ୟ ଆଗାମୀ ସମୟରେ ଏକ ଇଲେକ୍ଟ୍ରିକ୍ ସ୍କୁଟର କିଣିବାକୁ ପ୍ଲାନ କରୁଛନ୍ତି, ତେବେ ଆପଣଙ୍କୁ ଆଉ କିଛି ସମୟ ଅପେକ୍ଷା କରିବାକୁ ପଡିବ। ତେବେ ଆସନ୍ତୁ ଜାଣିବା ହୋଣ୍ଡା ଆକ୍ଟିଭା ଇଲେକ୍ଟ୍ରିକର ଫିଚର୍ସ ବିଷୟରେ।



ରିପୋର୍ଟ ଅନୁଯାୟୀ ହୋଣ୍ଡାର ଏହି ଇଲେକ୍ଟ୍ରିକ୍ ସ୍କୁଟରରେ ୨ ଟି ରାଇଡ୍ ମୋଡ୍ ରହିବ - ଷ୍ଟାଣ୍ଡାର୍ଡ ଏବଂ ସ୍ପୋର୍ଟ। ଷ୍ଟାଣ୍ଡାର୍ଡ ମୋଡ୍ ରେ, ଇଲେକ୍ଟ୍ରିକ୍ ଆକ୍ଟିଭା ଗୋଟିଏ ଚାର୍ଜରେ ୧୦୪ କିଲୋମିଟର ରେଞ୍ଜ ଦେବ। ଏହାର ଅର୍ଥ ହେଉଛି ଯେ ଥରେ ସମ୍ପୂର୍ଣ୍ଣ ଚାର୍ଜ ହୋଇଥିବା ସ୍କୁଟର ଷ୍ଟାଣ୍ଡାର୍ଡ ମୋଡରେ ୧୦୪ କିଲୋମିଟର ପର୍ଯ୍ୟନ୍ତ ଚାଲିବ। ତେବେ ସ୍ପୋର୍ଟ ମୋଡ୍ ରେ ସ୍କୁଟର ଅଧିକ ପାୱାର ଖର୍ଚ୍ଚ କରିବ ଯେଉଁ କାରଣରୁ ଏହାର ରେଞ୍ଜ ଯଥେଷ୍ଟ ହ୍ରାସ ହୋଇପାରେ। ଏହା ସହିତ, ସ୍କୁଟରର ମିଟର ଅନ୍ୟ ଇଲେକ୍ଟ୍ରିକ ସ୍କୁଟର ପରି ସମ୍ପୂର୍ଣ୍ଣ ଡିଜିଟାଲ୍ ହେବାକୁ ଯାଉଛି। ଯାହା ସ୍କୁଟରରେ ଯାଉଥିବା ରାଇଡ଼ରଙ୍କ ସ୍ମାର୍ଟଫୋନ୍ ସହିତ କନେକ୍ଟ ହୋଇପାରିବ। କମ୍ପାନୀ ଦ୍ୱାରା ଉପସ୍ଥାପିତ ହୋଇଥିବା ଟିଜରରୁ ଜଣାପଡିଛି ଯେ ହୋଣ୍ଡା ଆକ୍ଟିଭା ଇଲେକ୍ଟ୍ରିକ୍ ଅନେକ ଭାରିଆଣ୍ଟ ଏବଂ ଡିସପ୍ଲେ ଅପ୍ସନ୍ ସହିତ ଆସିବ। ଏହା ସହିତ, ଟିଜର ଇମେଜରେ ଦୁଇଟି ଭିନ୍ନ ଡିଜିଟାଲ୍ ଡିସପ୍ଲେ ଦେଖିବାକୁ ମିଳିଛି। ହୋଣ୍ଡା ଆକ୍ଟିଭା ଇଲେକ୍ଟ୍ରିକ୍ ଭାରିଆଣ୍ଟରେ ରାଇଡର୍ ଇଣ୍ଟିଗ୍ରେଟେଡ୍ ନେଭିଗେସନ୍ ସୁବିଧା ପାଇବାକୁ ଯାଉଛନ୍ତି ଯାହା ସହଜରେ ରାସ୍ତା ଖୋଜିବାରେ ସାହାଯ୍ୟ କରିବ। ଏହା ବ୍ୟତୀତ ରାଇଡର ନିଜ ପସନ୍ଦ ଅନୁଯାୟୀ ମ୍ୟୁଜିକ ମଧ୍ୟ ନିୟନ୍ତ୍ରଣ କରିପାରିବେ। ଏହା ବ୍ୟତୀତ ଗ୍ରାହକମାନେ ବ୍ୟାଟେରୀ ପରସେଣ୍ଟେଜ୍ ଏବଂ ପାୱାର କଞ୍ଜମ୍ପସନର ରିୟଲ ଟାଇମ୍ ଅପଡେଟ ମଧ୍ୟ ପାଇବେ। ଏହି ସ୍କୁଟରର ମୂଲ୍ୟ ୧ ଲକ୍ଷରୁ ୧ ଲକ୍ଷ ୨୦ ହଜାର ଟଙ୍କା ମଧ୍ୟରେ ହୋଇପାରେ। ଯାହା ମାର୍କେଟରେ ଥିବା ଅନ୍ୟ ଇଲେକ୍ଟ୍ରିକ ସ୍କୁଟରଗୁଡିକୁ କଡ଼ା ପ୍ରତିଯୋଗିତା ଦେବ। ତେବେ ହୋଣ୍ଡା ଆକ୍ଟିଭା ଇଲେକ୍ଟ୍ରିକ ଭର୍ସନ ପେଟ୍ରୋଲ ଭର୍ସନ ଭଳି ଲୋକପ୍ରିୟତା ହାସଲ କରୁଛି ନା ନାହିଁ ତାହା ଲଞ୍ଚ ପରେ ହିଁ ଜଣାପଡିବ।

# ଆଗାମୀ ୨ ବର୍ଷରେ ୫୦% କମିବ ବ୍ୟାଟେରି ଦର

ନୂଆଦିଲ୍ଲୀ,୨୧/୧୧: ଆଗାମୀ ଦୁଇ ବର୍ଷରେ ଇଲେକ୍ଟ୍ରିକ୍ ଯାନ ବା ଇଭି ଦାମ୍‌ରେ ଆଖିଦୃଶିଆ ହ୍ରାସ ଘଟିବ। ୨୦୨୬ ସୁଦ୍ଧା ଇଭି ବ୍ୟାଟେରି ଦର ୨୦୨୩ ତୁଳନାରେ ଅଧା ହୋଇଯିବ। ଶିଳ୍ପସଂଘ ଫିକି ପକ୍ଷରୁ ଏହି ଅନୁମାନ କରାଯାଇଛି। ଇଭି ନିର୍ମାଣରେ ୨୮ରୁ ୩୦% ଖର୍ଚ୍ଚ ବ୍ୟାଟେରିରେ ହୋଇଥାଏ। ଗୋଲ୍‌ଡମ୍ୟାନ୍ ସାକ୍‌ସର ନୂଆ ସର୍ଭେ ଅନୁସାରେ, ୨୦୨୨ରେ ବିଶ୍ୱବ୍ୟାପୀ ଇଭି ବ୍ୟାଟେରିର ହାରାହାରି ଦର କିଲୋୱାଟ୍ ପିଛା ୧୫୩ ଡଲାର ବା ପାଖାପାଖି ୧୩ ହଜାର ଟଙ୍କା ଥିଲା। ୨୦୨୩ରେ ଏହାର ଦାମ ୧୪୯ ଡଲାର ବା ପାଖାପାଖି ୧୨,୫୦୦ ଟଙ୍କାକୁ ଖସିଆସିଛି। ୨୦୨୬ ସୁଦ୍ଧା ଦର ହ୍ରାସ ପାଇ କିଲୋୱାଟ୍ ପିଛା ୮୦ ଡଲାର ବା ପାଖାପାଖି ୬,୭୦୦ ଟଙ୍କା ହେବାର ଅନୁମାନ ରହିଛି। ୨୦୨୨ ତୁଳନାରେ ଏହା ପ୍ରାୟ ୫୦% କମ୍। ବ୍ୟାଟେରି ଦାମ ଏହି ସ୍ତରକୁ ଆସିବା ପରେ ଇଲେକ୍ଟ୍ରିକ୍ କାରଗୁଡ଼ିକର ଦାମ ପେଟ୍ରୋଲ କାର ଦର ସହ ପ୍ରାୟତଃ ସମାନ ହୋଇଯିବ ବୋଲି ଆକଳନ କରାଯାଇଛି।



ଦେଶରେ ଇଭିର ପ୍ରତିସ୍ପର୍ଦ୍ଧା ବଜାୟ ରଖିବା ପାଇଁ ବ୍ୟାଟେରି ଏବଂ ଚାର୍ଜିଂ ସେବାଗୁଡ଼ିକ ଉପରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) କମ୍ କରିବାର ଆବଶ୍ୟକତା ରହିଛି। ଏହାସହିତ ଇଭି ବିକ୍ରି ବଢ଼ାଇବା ପାଇଁ ପିଏମ୍ ଇ-ଡ୍ରାଇଭ୍ ଫଣ୍ଡ୍ ବି ବଢ଼ାଇବା ଦରକାର। ଶିଳ୍ପ ସଂଘ ଫିକି ଏହାର ରାଷ୍ଟ୍ରୀୟ ସମ୍ମିଳନୀରେ ସରକାରଙ୍କ ନିକଟରେ ଏ ଦାବି ରଖିଛି। ଫିକିର ଇଲେକ୍ଟ୍ରିକ୍ ଭେଇକିଲ୍ କମିଟି ଅଧ୍ୟକ୍ଷ ସୁଲାଜ୍ଜା ଫିରୋଦିୟା ମୋଟୱାନି କହିଛନ୍ତି ଯେ, ଇଭି ବ୍ୟାଟେରି ଏବଂ ଚାର୍ଜିଂ ସେବାଗୁଡ଼ିକ ଉପରେ ୧୮% ଜିଏସ୍‌ଟି ରହିଛି। ଏହାକୁ ୫% କୁ କମ୍ କରିବାକୁ ଆମେ ଅନୁରୋଧ କରୁଛୁ। ଯାହାଦ୍ୱାରା ଗ୍ରାହକଙ୍କ ପାଇଁ ବ୍ୟାଟେରି ଏବଂ ଚାର୍ଜିଂ ସେବା ଶସ୍ତା ହୋଇଯିବ। ଫିକିର ସଭାପତି ତଥା ମହିନ୍ଦ୍ରା ଗ୍ରୁପ୍‌ର ଏମ୍‌ଡି ତଥା ସିଇଓ ଅନୀଶ ଶାହ କହିଛନ୍ତି ଯେ, ଇଲେକ୍ଟ୍ରିକ୍ ଚାରିଚକିଆ ଯାନର ବର୍ତ୍ତମାନ ଭାରତରେ ୧.୫% ବଜାର ଅଂଶ ରହିଛି। ଏଭଳି କ୍ଷେତ୍ରରେ ଏବେ ବି ବହୁତ କିଛି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା ତରୁଣ କପୁର କହିଛନ୍ତି ଯେ, ନୂଆ ଇଲେକ୍ଟ୍ରିକ୍ କାର ଆଣିବା ପାଇଁ ଅଟୋମୋଟିଭ୍ ଶିଳ୍ପକୁ ବଡ଼ ଭୂମିକା ଗ୍ରହଣ କରିବାର ଆବଶ୍ୟକତା ରହିଛି। ସରକାର ଟିକସ ପ୍ରସଙ୍ଗ ସହ ସମସ୍ତ ଦିଗ ଉପରେ ବିଚାର କରିବେ। ରିପୋର୍ଟରେ କୁହାଯାଇଛି ଯେ, ଯେବେଠୁ ଆଧୁନିକ ଇଲେକ୍ଟ୍ରିକ୍ କାର ବଜାରକୁ ଆସିବାକୁ ଲାଗିଲା ବ୍ୟାଟେରି ଦାମ ଲଗାତର କମୁଛି। ଆମେରିକା ଉର୍ଜା ବିଭାଗ ଅନୁସାରେ, ଟେସ୍‌ଲା ରୋଡ୍‌ଷ୍ଟର୍‌ର ଦାମ ୧୫ ବର୍ଷ ପୂର୍ବେ ଯେତିକି ଥିଲା ତାହା ତୁଳନାରେ ପ୍ରାୟ ୯୦% କମ୍ ହୋଇଯାଇଛି। ସର୍ବେକ୍ଷଣରେ ସାମିଲ ବିଶ୍ଳେଷକମାନଙ୍କ ଅନୁସାରେ, ସେଲ୍-ଟୁ-ପ୍ୟାକ୍ ଟେକ୍ନୋଲୋଜିରେ କମ୍ ବ୍ୟାଟେରି ମଡ୍ୟୁଲ୍ସର ଆବଶ୍ୟକତା ପଡ଼ିଥାଏ। ଏଥିରେ କେବଳ ବ୍ୟାଟେରି ପ୍ୟାକ୍ ବାବଦ ଖର୍ଚ୍ଚ କମ୍ ହୋଇ ନ ଥାଏ ବରଂ ଏନର୍ଜି ଡେନ୍‌ସିଟି ବି ୩୦% ପର୍ଯ୍ୟନ୍ତ ବଢ଼ିଯାଏ। ଏହାଦ୍ୱାରା ବ୍ୟାଟେରିର ଆକାର କମ୍ ରଖିବାରେ ସହାୟତା ମିଳିଥାଏ। ବ୍ୟାଟେରି ଉତ୍ପାଦନରେ ଲିଥିୟମ, କୋବାଲ୍ଟ ଭଳି କଞ୍ଚାମାଲର ବ୍ୟବହାର ହୋଇଥାଏ। ୨୦୨୨ ପର୍ଯ୍ୟନ୍ତ ଏହା ମହଙ୍ଗା ଥିଲା। ୨୦୩୦ ସୁଦ୍ଧା ଏହି ହ୍ରାସ ଜାରି ରହିପାରେ। ଏହାସହିତ ବ୍ୟାଟେରି ଉତ୍ପାଦନ ବାବଦ ଖର୍ଚ୍ଚ ପ୍ରାୟ ୪୦% କମ୍ ହୋଇଯିବ ବୋଲି ଅନୁମାନ କରାଯାଇଛି।

# ନୂଆ ସୁନା ଦର ଜାରି

ନୂଆଦିଲ୍ଲୀ, ୨୧।୧୧: ବିବାହ ଋତୁରେ ସୁନା ଦର ଖସିଥିବାରୁ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା । କିନ୍ତୁ ଆଜି ସାମାନ୍ୟ ବଢ଼ିଛି ସୁନା ଦର । ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୧ ହଜାର ୪୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୭ ହଜାର ୯୫୦ ଟଙ୍କା ରହିଛି । ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୧,୪୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୭ ,୯୫୦ ଟଙ୍କା ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୧,୫୫୦ ଟଙ୍କା ଓ ୭୭ ,୯୫୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୧,୬୦୦ ଟଙ୍କା ଓ ୭୮ ,୧୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୧,୪୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୭ ,୯୫୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୧,୪୫୦ ଟଙ୍କା ଓ ୭୭ ,୯୫୦ ଟଙ୍କା ରହିଛି । ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୨,୦୦୦ ହଜାର ଟଙ୍କା ହୋଇଛି।



### ଜୋମାଟୋରେ ନିଯୁକ୍ତି ସୁଯୋଗ

# ୨୦ ଲକ୍ଷ ଦେଇ ବର୍ଷେ ମାଗଣା କାମ

**ନୂଆଦିଲ୍ଲୀ,୨୧।୧୧:** ଅନଲାଇନ ଖାଦ୍ୟ ବିତରଣ ଆପ ଜୋମାଟୋରେ ବଡ ନିଯୁକ୍ତି ବାହାରିଛି। ଜୋମାଟୋ ସିଇଓ ଦୀପିନ୍ଦର ଗୋୟଲ ନିଜେ ଏହି ବିଷୟରେ ଏକ୍ସରେ ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି ଯେ ସେ ନିଜ ପାଇଁ ଜଣେ ଷ୍ଟାଫ ଆବଶ୍ୟକ କରୁଛନ୍ତି। ତେବେ, ଏହି ଅଫରରେ ଏକ ସର୍ତ୍ତ ଅଛି । ସର୍ତ୍ତଟି ହେଉଛି ଯେ ଚାକିରି ପାଇବାକୁ ଇଚ୍ଛୁକ ଥିବା ପ୍ରାର୍ଥୀ ପ୍ରଥମେ କମ୍ପାନୀକୁ ୨୦ ଲକ୍ଷ ଟଙ୍କା ଦେବାକୁ ପଡିବ ଏବଂ ବିନା ବେତନରେ ଗୋଟିଏ ବର୍ଷ କାମ କରିବାକୁ ପଡିବ। ଜୋମାଟୋ ସିଇଓ ତଥା ପ୍ରତିଷ୍ଠାତା ଦୀପିନ୍ଦର ଗୋୟଲ ତାଙ୍କ ଏକ୍ସ ଆକାଉଣ୍ଟରେ ଏକ ପୋଷ୍ଟ କରିଥିଲେ ଯେ ତାଙ୍କର ଜଣେ କର୍ମଚାରୀଙ୍କ ଆବଶ୍ୟକତା ରହିଛି। ଏଥିପାଇଁ ଦୁଇଟି କାର୍ଡ ମଧ୍ୟ ପୋଷ୍ଟ କରାଯାଇଥିଲା, ଯେଉଁଥିରେ ଏହି ଚାକିରି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଲେଖାଯାଇଛି । ଏଥିରେ ଲେଖା ହୋଇଛି ଯେ ଇଚ୍ଛୁକ ଥିବା ପ୍ରାର୍ଥୀ ପ୍ରଥମ ବର୍ଷ ପାଇଁ କୌଣସି ବେତନ ପାଇବେ ନାହିଁ। ଏପରିକି ତାଙ୍କୁ ନିଜେ କମ୍ପାନୀକୁ ୨୦ ଲକ୍ଷ ଟଙ୍କା ଦେବାକୁ ପଡିବ, ଯାହା ଏନଜିଓ ଫିଡିଂ ଇଣ୍ଡିଆକୁ ଦାନ କରାଯିବ। ତେବେ ଦ୍ୱିତୀୟ ବର୍ଷରୁ ୫୦ଲକ୍ଷରୁ ଅଧିକ ବେତନ ପ୍ରଦାନ କରାଯିବ। ଏହି ଚାକିରି ଅଫର ଗୁରୁଗ୍ରାମର ଜୋମାଟୋ ମୁଖ୍ୟାଳୟ ପାଇଁ ରହିଛି। ସେହି ଲୋକମାନଙ୍କ ପାଇଁ ଯେଉଁମାନେ ଶିଖିବାକୁ ଏବଂ ଆଗକୁ ବଢିବାକୁ ଆଗ୍ରହୀ ସେମାନଙ୍କୁ ଅଗ୍ରାଧିକାର ଦିଆଯିବ। ଲିଙ୍କଡିନରେ ଏକ ବିସ୍ତୃତ ପୋଷ୍ଟରେ ଗୋୟଲ ସ୍ପଷ୍ଟ କରିଛନ୍ତି ଯେ ଆଦର୍ଶ ପ୍ରାର୍ଥୀ ଏପରି ହେବା ଦରକାର ଯାହାର ଶିଖିବାର ଇଚ୍ଛା ଥିବ ଏଥିସହ ଅନ୍ୟମାନଙ୍କ ପ୍ରତି ସହାନୁଭୂତି ଏବଂ ସାଧାରଣ ଜ୍ଞାନ ରହିଥିବ। ସେମାନଙ୍କର ବିଶେଷ ଅଭିଜ୍ଞତା ନଥିଲେ ମଧ୍ୟ ଚଳିବ। ସେ ନିଜକୁ ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ମନେ କରିବା ଉଚିତ୍ ନୁହେଁ ।




# ବ୍ୟାଙ୍କରେ ଗ୍ରାହକଙ୍କୁ ଭୁଲ ବୀମା ବିକ୍ରି: ଚିନ୍ତା ପ୍ରକଟ କଲେ ଅର୍ଥମନ୍ତ୍ରୀ

**ନୂଆଦିଲ୍ଲୀ, ୨୧।୧୧:** ବ୍ୟାଙ୍କ ଜରିଆରେ ବୀମାର ଭୁଲ ବିକ୍ରି (ମିସ୍ ସେଲିଂ)କୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚିନ୍ତା ପ୍ରକଟ କରିଛନ୍ତି। ମିସ୍ ସେଲିଂ ହେଉଛି ଯେଉଁ ଗ୍ରାହକଙ୍କ ପାଇଁ ଯେଉଁ ବୀମା ଦରକାର ନୁହେଁ, ତାହା ତାଙ୍କୁ ଯେକୌଣସି ପ୍ରକାରରେ ବୁଝାଇଶୁଝାଇ ବିକ୍ରି କରିବା। ଟାର୍ଗେଟ୍ ପୂରଣ କରିବା ଲାଗି ବ୍ୟାଙ୍କଗୁଡ଼ିକରେ ବୀମାର ଭୁଲ ବିକ୍ରି କରାଯାଉଥିବା ଅଭିଯୋଗ ରହିଛି। ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ କହିଛନ୍ତି ଯେ ବ୍ୟାଙ୍କଗୁଡ଼ିକ ଆର୍ଥିକ ସେବା ଉତ୍ପାଦ, ବିଶେଷ କରି ବୀମା ପଲିସିକୁ ବ୍ୟାପକ ଭାବେ ମିସ୍ ସେଲିଂ କରୁଛନ୍ତି। ଏହା ଗ୍ରାହକଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ତାହା ଗ୍ରାହକଙ୍କ ଆର୍ଥିକ ସ୍ଥିତିକୁ ବିଗାଡୁଥିବା ବେଳେ ଋଣ ଖର୍ଚ୍ଚ ବଢ଼ାଉଛି ବୋଲି ସେ କହିଛନ୍ତି। ବ୍ୟାଙ୍କଗୁଡ଼ିକ ନିଜ କାରବାରକୁ ପ୍ରାଥମିକତା ଦେବା ଉଚିତ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏହି ପ୍ରସଙ୍ଗରେ ଭାରତୀୟ ବୀମା ନିୟାମକ ଓ ବିକାଶ କର୍ତ୍ତୃପକ୍ଷ (ଆଇଆରଡିଏଆଇ) ମୁଖ୍ୟ ଦେବାଶିଷ ପଣ୍ଡା ବ୍ୟାଙ୍କଗୁଡ଼ିକୁ ସେମାନଙ୍କ ନିଜ କାମ ଉପରେ ଧ୍ୟାନ ଦେବାକୁ କହିବା ସହ ମିସ୍ ସେଲିଂରୁ ବିରତ ରହିବାକୁ କହିଛନ୍ତି। ସେ କହିଛନ୍ତି ଯେ ଅଧିକ ସଂଖ୍ୟକ ଲୋକଙ୍କ ପାଖରେ ବୀମା ପହଞ୍ଚାଇବା ଲାଗି ବ୍ୟାଙ୍କାସ୍ୟୁରାନ୍ସ ଏକ ବହୁତ ଭଲ ମାଧ୍ୟମ। କିନ୍ତୁ ବ୍ୟାଙ୍କଗୁଡ଼ିକ ଭୁଲ ବୀମା ଉତ୍ପାଦ ବିକ୍ରି କରିବା ଅନୁଚିତ। ସେ କହିଛନ୍ତି ଯେ ଗ୍ରାହକମାନଙ୍କ ସହ ବ୍ୟାଙ୍କଗୁଡ଼ିକର ସମ୍ପର୍କ ପିଢ଼ି ପିଢ଼ି ଧରି ରହିଛି। ବ୍ୟାଙ୍କ ସେମାନଙ୍କୁ ଉଚିତ ମୂଲ୍ୟରେ ସଠିକ୍ ଉତ୍ପାଦ ଦେବ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ବୀମା ପଲିସି ମିସ୍ ସେଲିଂର ଯେଉଁ ସମସ୍ୟା ରହିଛି ତାହାର ସମାଧାନ ଲାଗି ଆମକୁ ମିଳିତ ଭାବେ ବସି ଆଲୋଚନା କରିବାକୁ ପଡ଼ିବ। ବୀମା ପଲିସି ବିକିବା ଲାଗି ଲୋକଙ୍କ ପଛରେ ଗୋଡ଼ାଇବା ଦରକାର ନାହିଁ। ସେମାନଙ୍କୁ କେବଳ ଏକ ବିକଳ୍ପ ଦେବାର ଅଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି। ବୀମା ପଲିସିର ମିସ୍ ସେଲିଂକୁ ନେଇ ଅତୀତରେ ମଧ୍ୟ ଅଭିଯୋଗ ଆସିଥିଲା। ନିଜ ସଞ୍ଚୟ ରାଶିକୁ ବୀମା ପଲିସିରେ ନିବେଶ କରିବା ଲାଗି ବ୍ୟାଙ୍କଗୁଡ଼ିକ ବରିଷ୍ଠ ନାଗରିକମାନଙ୍କୁ କହୁଥିବା ଜଣାପଡ଼ିବା ପରେ ଉଦବେଗ ପ୍ରକାଶ ପାଇଥିଲା। ପୁଣି ଥରେ ବୀମା ମିସ୍ ସେଲିଂକୁ ନେଇ ଖୋଦ୍ ଅର୍ଥମନ୍ତ୍ରୀ ଆପତ୍ତି ଉଠାଇବା ପରେ ଘରୋଇ ବୀମା କମ୍ପାନିଗୁଡ଼ିକର ସେୟାର ଷ୍ଟକ୍ ବଜାରରେ ହ୍ରାସ ପାଇଛି। କାରଣ ଘରୋଇ ବୀମା କମ୍ପାନିଗୁଡ଼ିକର ସିଂହ ଭାଗ ପଲିସି ବ୍ୟାଙ୍କ ଜରିଆରେ ବିକ୍ରି ହେଉଛି। ଏଚ୍‌ଡିଏଫ୍‌ସି ଲାଇଫ୍‌ର ୬୫ ପ୍ରତିଶତ, ଏସ୍‌ବିଆଇ ଲାଇଫ୍‌ର ୬୦ ପ୍ରତିଶତ, ମ୍ୟାକ୍ସ ଲାଇଫ୍‌ର ୫୨ ପ୍ରତିଶତ, ଆଇସିଆଇସିଆଇ ପ୍ରୁଡେନ୍‌ସିଆଲ୍‌ର ୨୯ ପ୍ରତିଶତ ଓ ଏଲ୍‌ଆଇସିର ୪ ପ୍ରତିଶତ ପଲିସି ବ୍ୟାଙ୍କ ଜରିଆରେ ବିକ୍ରି ହେଉଛି।



# ଶିଶୁକନ୍ୟା ବିକ୍ରି ଅଭିଯୋଗ: ଘଟଣାସ୍ଥଳରେ ଉପମୁଖ୍ୟମନ୍ତ୍ରୀ



**ବଲାଙ୍ଗିର,୨୧।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ଲାଠୋର ଥାନା ସାନଗୁର୍ଜିଭଟା ଗ୍ରାମର ଶିଶୁକନ୍ୟା ବିକ୍ରି ଅଭିଯୋଗ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଗାଁରେ ପହଞ୍ଚିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଗତ ନଭେମ୍ବର ୨ ତାରିଖରେ ସାନଗୁର୍ଜିଭଟା ଗାଁର ଅମୃତ ନାଗଙ୍କ ସ୍ତ୍ରୀ ଅରୁଣାବତୀ ନାଗ ସୁନାମୁହୀ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ଏକ କନ୍ୟାସନ୍ତାନ ଜନ୍ମ ଦେଇଥିବା ବେଳେ ଆଶାକର୍ମୀ ୩ ତାରିଖରେ ମା ଓ ଶିଶୁର ସ୍ୱାସ୍ଥ୍ୟବସ୍ଥା ଜାଣିବା ପାଇଁ ଆସି ଶିଶୁକନ୍ୟାକୁ ନଦେଖି ପଚାରିବାରୁ ଶିଶୁକୁ ଅନ୍ୟ ଲୋକଙ୍କୁ ଦେଇ ଦେଇଥିବା ଶିଶୁକନ୍ୟାର ମାଁ କହିଥିଲେ । ଆଶାକର୍ମୀ ଏନେଇ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଅବଗତ କରିଥିଲେ । କିନ୍ତୁ ମହିଳା ସ୍ୱାସ୍ଥ୍ୟକର୍ମୀ ଜଣକ ଘଟଣାକୁ ୧୨ ତାରିଖ ପର୍ଯ୍ୟନ୍ତ ଉପରିସ୍ଥ ମେଡିକାଲ ଅଧିକାରୀଙ୍କୁ ନଜଣାଇ ଲୁଚାଇ ରଖିଥିଲେ। ଉପରିସ୍ଥ ଅଧିକାରୀ ଘଟଣା ବିଷୟରେ କୌଣସି ସୂତ୍ରରୁ ଖବର ପାଇ ଗତ ୧୩ ତାରିଖରେ ବଲାଙ୍ଗିର ଶିଶୁସୁରକ୍ଷା ଅଧିକାରୀ ପହଞ୍ଚି ତଦନ୍ତ କରୁଥିବା ବେଳେ ଶିଶୁକନ୍ୟାର ମାଁଙ୍କ ଉତ୍ତରରେ ସନ୍ତୁଷ୍ଟ ନହୋଇ ଲାଠୋର ଥାନାରେ ଏକ ମାମଲା ରୁଜୁ କରିଥିଲେ । ଘଟଣା ବିଷୟରେ ଜାଣିବା ପରେ ମଙ୍ଗଳବାର ସ୍ଥିତି ପରଖିବା ପାଇଁ ଘଟଣାସ୍ଥଳରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପହଞ୍ଚି ଥିଲେ। ଘଟଣାସ୍ଥଳରେ ଶିଶୁର ମାଁ ସହ ଆଲୋଚନା କରି ପ୍ରସବ କରାଇଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ଶିଶୁଙ୍କୁ ଲାଠୋରର ଜଣେ ମଧ୍ୟସ୍ଥି ମାଧ୍ୟମରେ କଳାହାଣ୍ଡି ଜିଲ୍ଲା ସ୍ଥିତ ରାମପୁରର ନିଃସନ୍ତାନ ଦମ୍ପତିଙ୍କୁ ଦେଇଥିବା ଜାଣିବା ପରେ ପ୍ରଶାସନକୁ ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି

## ବିଶ୍ୱ ଶୌଚାଳୟ ଦିବସ ପାଳିତ



**ଖଡିଆଳ,୨୧।୧୧(ସଂଚାର ବ୍ୟୁରୋ):** ବ୍ଲକ୍ ସମ୍ମିଳନୀ କକ୍ଷ ଠାରେ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଅଛି। ଏହି ଉପଲକ୍ଷେ ଆମ ଶୌଚାଳୟ,ଆମ ସମ୍ମାନ ଅଭିଯାନ ପାଳିତ ହେବ। ଗତ ୧୯ ନଭେମ୍ବର ଠାରୁ ୧୦ ଡିସେମ୍ବର ପର୍ଯ୍ୟନ୍ତ ଏହି ଅଭିଯାନ ପାଳିତ ହେବ। ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶୌଚାଳୟ ବ୍ୟବହାର ଦ୍ୱାରା ଅନେକ ଲାଭ ଏବଂ ରୋଗରୁ ମୁକ୍ତ ହେବା ମାଧ୍ୟମ ଆଟେ ବୋଲି ମତବ୍ୟକ୍ତ କରିଛନ୍ତି। ଖଡିଆଳ ବିଡ଼ିଓ ବିରସେନ ବେହେରା, ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ସିଡ଼ିପିଓ ମୀନା କୁମାରୀ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଂଜନ ବେହେରା, ମାଲ୍ୟବନ୍ତ ସୁନା, ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସଚେତନ ସଭା ରେ ପଞ୍ଚାୟତ ପ୍ରତିନିଧି, ସଚେତନ ନାଗରିକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନେ ଯୋଗ ଦେଇଥିଲେ। ଅବିନାଶ ମହାପାତ୍ର ବିଭାଗୀୟ ଯନ୍ତ୍ରୀ ଏହାକୁ ପରିଚାଳନା କରିଥିଲେ।

## ଶ୍ରୀରାମ ମନ୍ଦିରର ରତ୍ନମୁଦ ଉତ୍ସବ



**ନୂଆପଡ଼ା,୨୧।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଗୋଡ଼ାଲ ଠାରେ ମହାଆଡ଼ମ୍ବର ସହ ଶ୍ରୀ ରାମ ମନ୍ଦିର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ସକାଳୁ ଭବ୍ୟ କଳସ ଶୋଭାଯାତ୍ରା ସହ ସାହାଡ଼ାଗଛପୂଜା, ମାଟି ପୂଜା, କଳସ ପୂଜା, ହୋମଯଜ୍ଞ ଆଦି କାର୍ଯ୍ୟକ୍ରମ ସମାପନ ହୋଇଥିଲା ଏବଂ ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ମାନଙ୍କ ତତ୍ତ୍ୱାବଧାନରେ ଏ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା । ୨୦୨୩ ମସିହାରେ ଏହି ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିବାବେଳେ ବୁଧବାର ଦିନ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ରତ୍ନମୁଦ ଉତ୍ସବ ରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ, ରବୀନ୍ଦ୍ର ନାଥ ଯୋଶୀ, କିଶୋର ଚନ୍ଦ୍ର ଯୋଶୀ, ଅଶ୍ୱିନ କୁମାର ଯୋଶୀ ଯୋଗ ଦାନ କରି ଗାଁ ର ମହିଳା ପୁରୁଷ ସମେତ ଆଖପାଖ ଗାଁ ର ଭକ୍ତ ମାନଙ୍କ ସହ ଧାନ, ପଇସା, ସୁନା, ରୁପା, ପିତଳ, ଚାଉଳ ଦେଇ ରତ୍ନମୁଦ କାର୍ଯ୍ୟ ସମାପନ କରିଛନ୍ତି । ଶ୍ରୀ ରାମ ମନ୍ଦିର ନିର୍ମାଣ ରେ ମୁଖ୍ୟ ମହାରଣା ଭାବରେ ମକରଧ୍ୱଜ ସା, କପିଳ ସା ଓ ତାଙ୍କ ସହଯୋଗି ମାନେ କାର୍ଯ୍ୟକରୁଛନ୍ତି । ଏହି କାର୍ଯ୍ୟକ୍ରମ ରେ କମିଟି ର ସଭାପତି ତପନ କୁମାର ପଟେଲ, ସମ୍ପାଦକ - ନିଖିଳ ଚନ୍ଦ୍ର ପଟେଲ, କୋଷାଧକ୍ଷ - କୁମ୍ଭ ପଟେଲ ଙ୍କ ସମେତ ସୁଦର୍ଶନ ପଟେଲ, ପୁନର୍ଜିତ ପଟେଲ, ସୁନ୍ଦର ପଟେଲ, ଦୁର୍ବଳ ପଟେଲ, ଅମିତ ପଟେଲ, ଗୋବିନ୍ଦ ପଟେଲ,ମୁନା ପଟେଲ ପ୍ରମୁଖ ସହଯୋଗ କରିଥିଲେ ।

## ଡମ ସମାଜ ପକ୍ଷରୁ ଜିଲ୍ଲାପାଳଙ୍କୁ ଦିଆଲି ପରବ ନିମନ୍ତ୍ରଣ



**ରାୟଗଡା,୨୧।୧୧(ସଂଚାର ବ୍ୟୁରୋ):** ଡମ ସମାଜର ଏକତା ଓ ସମ୍ମିଳନ କୁ ବିଶେଷ ମାହାତ୍ମ୍ୟ ଦେଇ ଚଳିତ ମାସ ୨୬ ତାରିଖରେ ରାୟଗଡାରେ ଜିସିଡି ପଡ଼ିଆରେ ଆୟୋଜିତ ହେବାକୁ ଯାଉଥିବା ମହା ଉତ୍ସବ "ଦିଆଲି ପରବ ଭେଟଘାଟ ୨୦୨୪" ପାଇଁ ଜିଲ୍ଲାପାଳ ଶ୍ରୀମତୀ ପାରୁଲ୍ ପଟୱାରିଙ୍କୁ ଉତ୍ସବ କମିଟି ପକ୍ଷରୁ ନିମନ୍ତ୍ରଣ ଜଣାଇବା ସମ୍ପର୍କରେ ସୂଚନା ମିଳିଛି । ଏହା ଡମ୍ ସମାଜର ପ୍ରାଚୀନ ସଂସ୍କୃତିକ ଐତିହ୍ୟକୁ ପୁନର୍ବହାଲିପିତ କରିବା ନିମନ୍ତେ ସମାଜର ଏକତାକୁ ମଜବୁତ କରିବା ଓ ସମସ୍ତଙ୍କ ମଧ୍ୟରେ ଜାଗୃକତା ଗଢ଼ିବାର ଦୃଢ଼ ପ୍ରୟାସରେ ଏକ ଅବସର ଭାବେ ଦୃଷ୍ଟି ଆକର୍ଷଣ କରୁଛି । ଦିଆଲିପରବ କମିଟିରେ ନେତୃତ୍ୱ ଧରିଥିବା ସଦସ୍ୟମାନେ ଜିଲ୍ଲାପାଳଙ୍କୁ ଉତ୍ସବର ନିମନ୍ତ୍ରଣ କାର୍ଡ ପ୍ରଦାନ କରିଥିଲେ। ଏହା ପୂର୍ବରୁ ଜିଲ୍ଲାର ପୋଲିସ୍ ଅଧିକ୍ଷକଙ୍କୁ ମଧ୍ୟ ଏହି ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିମନ୍ତ୍ରଣ ଦେଲା ରୁ ସନ୍ମାନ ସହ ଗ୍ରହଣ କରି କାର୍ଯ୍ୟକ୍ରମ ରେ ଉପସ୍ଥିତ ରହିବେ କହିବାର ସୂଚନା ମିଳିଛି। ଏହି ଉତ୍ସବ କେବଳ ଏକ ସାମାଜିକ ଆୟୋଜନ ମାତ୍ର ନୁହେଁ, ଏହା ଏକ ମଞ୍ଚ ଭାବେ ଡମ୍ ସମାଜର ସମସ୍ତ ବର୍ଗକୁ ସଂଗଠିତ କରି ସମାଜର ସ୍ୱତ୍ୱ, ହକ୍ ଓ ଅଧିକାର ସମ୍ପର୍କରେ ଜାଗୃକତା ଗଢ଼ିବା ଉଦ୍ଦେଶ୍ୟ ନେଇ ଆଗେଇଯାଉଛି ଓ ସମାଜର ଅନ୍ତଃସ୍ଥିତିକୁ ଜାଗୃକ କରିବା ଏବଂ ଡମ୍ ସମାଜର କଳା ସଂସ୍କୃତିକୁ ପ୍ରଚାରିତ କରିବା। ସାମାଜିକ ଓ ଆର୍ଥିକ ସ୍ଥିତିକୁ ନେଇ ଡମ୍ ସମାଜ ସରକାରଙ୍କୁ ତାଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ବିଭିନ୍ନ ଅବାହା ଦୃଷ୍ଟିକୁଣ୍ଣ ସମ୍ପର୍କରେ ଅବଗତ କରିବାର ଏକ ଦୃଢ଼ ପଦକ୍ଷେପ ଗ୍ରହଣ କରିବ ଏହି ସଂଗଠନ ଉତ୍ସବର ଆନ୍ତର୍ଜାତିକ ମାହାତ୍ମ୍ୟ ଉପସ୍ଥାପନ କରି ଡମ୍ ସମାଜର ଆବହେଳିଆ କଳା ଓ ସଂସ୍କୃତିର ପୁନରୁଦ୍ଧାର କରିବା ପ୍ରତି ଏକ ଅନନ୍ୟ ଚେଷ୍ଟା କରିବ ବୋଲି । ସଭାପତି ଧନୀରାମ୍ ନାୟକ, ସଧାରଣ ସଂପାଦକ ଜନାର୍ଦ୍ଦନ ଗରଡ଼ା, କାର୍ଯ୍ୟକାରୀ ସଭାପତି ଭାଗିରଥ୍ ହଲୁଆ ସମେତ ଅନ୍ୟ ସଦସ୍ୟ ମାନେ ବକ୍ତବ୍ୟ ରଖିବା ନେଇ ସୂଚନା ମିଳିଛି ।

## କୃଷି ସମବାୟ ସମିତିର ନବମ ବୈଠକ



**ଭେଡେନ,୨୧।୧୧ (ସଂଚାର ବ୍ୟୁରୋ):** ଭେଡେନବ୍ଲକ ଅନ୍ତର୍ଗତ ଭେଡେନ ପ୍ରାଥମିକ କୃଷି ସମବାୟ ସମିତିର ନବମ ବୈଠକ ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଏହି ପେକ୍ସ ଅଧିନସ୍ଥ ସମସ୍ତ ବଜାର ପ୍ରାଙ୍ଗଣ ଓ କ୍ରୟ କେନ୍ଦ୍ର ମାନଙ୍କ ରେ ସରକାରଙ୍କ ନିୟମ ଅନୁଯାଇ ଧାନ କ୍ରୟ କରାଯିବ ଏବଂ ଯେପରି କୌଣସି ଚାଷି କୌଣସି ପ୍ରକାର ଅସୁବିଧା ନ ପାଆନ୍ତି ସେଥିପ୍ରତି ପେକ୍ସ କର୍ମଚାରୀ ଓ ସମସ୍ତ ନିର୍ଦ୍ଦେଶକ ବୃନ୍ଦ ଦୃଷ୍ଟି ଦେବାକୁ ଏହି ବୈଠକ ରେ ପରାମର୍ଶ ଦିଆଯାଇଛି। ଏହାସହ ଚାଷୀମାନଙ୍କ ଟୋକନ ଯେମିତି ଲ୍ୟାପ୍ସ ନ ହେବ ସେଥିପ୍ରତି ସଜାଗ ହେବାକୁ ପେକ୍ସ କର୍ମଚାରୀ ଧ୍ୟାନ ଦେବେ। କୌଣସି ଅବହେଳା ବା ଚାଷୀମାନଙ୍କ ଅସୁବିଧା ହେଲେ ସଂପୃକ୍ତ କର୍ମଚାରୀ ଦାୟୀ ରହିବେ ବୋଲି ଆଲୋଚନା ହୋଇଥିଲା। ବୈଠକ ରେ ଉପ ସଭାନେତ୍ରୀ ସୁନିତା କର୍ମି, ନିର୍ଦ୍ଦେଶକ ଗୌର ଦତ୍ତା,ଭୁବନେଶ୍ୱର ସେଠ,ନରେନ୍ଦ୍ର ଭୋଇ, ସୁଦାମ ପାତ୍ର, ସୁବଳ ପଧାନ, ଉତ୍ତର ପ୍ରଧାନ, ବଳରାମ ବିଶ୍ୱାଲ, କିଶୋର ରାଏ ପ୍ରମୁଖ ଯୋଗଦାନ କରି ସ୍ୱକୀୟ ମତ ଉପସ୍ଥାପନ କରିଥିଲେ। ପରିଶେଷ ରେ ସଂପାଦକ ଅକୁଂର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଲିଜ୍ ଜମିକୁ କେନ୍ଦ୍ରକରି ଟାଙ୍ଗିଆରେ ଆକ୍ରମଣ ଅଭିଯୋଗ




**ପାଟଣାଗଡ଼,୨୧।୧୧ (ସଂଚାର ବ୍ୟୁରୋ):** ପାଟଣାଗଡ଼ ଥାନା ଭଇଁଷା ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଲିଜ ଜମିକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ପରେ ଉକ୍ତ ଗାଁର ସଂଜୟ କୁମାର ପ୍ରଧାନ ଙ୍କୁ ଟାଙ୍ଗିଆରେ ମାରାଣାତ୍ମକ ଆକ୍ରମଣ କରିଥିବା ନେଇ ତାଙ୍କ ମାଆ ଦୌପଦୀ ପ୍ରଧାନ ପାଟଣାଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ଗୁଣନିଧି ଚନ୍ଦନ ମଧ୍ୟ ସଂଜୟ ଓ ତାଙ୍କ ବାପା ନୀଳାଞ୍ଚଳ ପ୍ରଧାନ ଙ୍କ ନାମରେ ଥାନା ରେ ପାଲଟା ଅଭିଯୋଗ କରିଛନ୍ତି। ପୁଲିସ ଦୁଇ ଗୋଟି ମାମଲା ରୁଜୁ କରି ଘଟଣାରେ ସଂପୃକ୍ତଥିବା ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେହି ଗାଁ ର ଗୁଣନିଧି ଚନ୍ଦନ, ଭକ୍ତ ଚନ୍ଦନ ଓ ଦେବରାଜ ପୋଡ଼ । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଏସଆଇ ବ୍ରଜକିଶୋର ପଣ୍ଡା ଙ୍କ ଠାରୁ ଜଣାପଡିଛି । ସୂଚନା ଅନୁସାରେ ନୀଳାଞ୍ଚଳ ପ୍ରଧାନ ଦନ୍ଦରାବାହାଲ ଗାଁରେ ରହୁଥିବା ତାଙ୍କ ବଡ଼ଭାଇ ଙ୍କ ଜମିକୁ ଲିଜ ସୂତ୍ରରେ ନେଇ ଧାନ ଚାଷ କରୁଥିଲେ। ୨ ବର୍ଷ ହେଲା ନୀଳାଞ୍ଚଳ ଙ୍କ ବଡ଼ ଭାଇ ଉକ୍ତ ଚାଷ ଜମିକୁ ଭଇଁଷା ଗାଁର ଭକ୍ତ ଚନ୍ଦନ ଙ୍କୁ ଲିଜ ସୂତ୍ରରେ ଚାଷ କରିବାକୁ ଦେଇଥିଲେ। ଯାହାକୁ କେନ୍ଦ୍ର କରି ନୀଳାଞ୍ଚଳ ଓ ଭକ୍ତ ଙ୍କ ମଧ୍ୟରେ ତିକ୍ତତା ଲାଗିରହିଥିଲା । ଗତ କାଲି ଭକ୍ତ ଉକ୍ତ ଜମିରେ କିଛି ଶ୍ରମିକ ମାନଙ୍କୁ ନେଇ ଧାନ କାଟୁଥିଲେ । ଏହି ସମୟରେ ଧାନ କଟାରେ ନିୟୋଜିତ ଥିବା କିଛି ଶ୍ରମିକ ନୀଳାଞ୍ଚଳ ଙ୍କ ଜମି ପାଖାପାଖି କୌଣସି ଏକ କାମରେ ଆସିଥିଲେ । ଏହା ଦେଖି ସଂଜୟ ଓ ତାଙ୍କ ବାପା ନୀଳାଞ୍ଚଳ ସେଠାରେ ପହଞ୍ଚି ମୋର ଜମିକୁ କଣ ପାଇଁ ଆସିଛ ବୋଲି ସେମାନଙ୍କୁ ପଚାରିଥିଲେ । ଯାହାକୁ ନେଇ ଉଭୟ ଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ସେମାନେ ଦଳବଦ୍ଧ ହୋଇ ଟାଙ୍ଗିଆ ରେ ବାପପୁଅ ଙ୍କୁ ଆକ୍ରମଣ କରିଥିଲେ। ସଂଜୟ ଙ୍କ ମୁଣ୍ଡର ବାମ କାନ ପଟରେ ଟାଙ୍ଗିଆ ଚୋଟ ବାଜିବାରୁ ଘଟଣା ସ୍ଥଳରେ ସଂଜୟ ରକ୍ତ ଜୁଡୁବୁଡୁ ହୋଇ ଅଚେତ ଅବସ୍ଥାରେ ପଡ଼ିରହିଥିଲେ । ପରିବାର ବର୍ଗ ସଂଜୟ ଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଭୀମ ଭୋଇ ଡାକ୍ତରଖାନା କୁ ଚିକିତ୍ସା ପାଇଁ ନେଇ ଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଆଜି ସଂଜୟ ଙ୍କ ଚେତା ଫେରିଥିବା ବେଳେ ସେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ପରିବାର ବର୍ଗଙ୍କ ଠାରୁ ଜଣାପଡିଛି।

## ମୋବାଇଲ ହେଲା କାଳ ; ଝୁଲି ପଡ଼ିଲେ ଦମ୍ପତି

**କନ୍ଧମାଳ,୨୧।୧୧ (ସଂଚାର ବ୍ୟୁରୋ):** ଆଜିକାଲି ସମସ୍ତେ ମୋବାଇଲ ମାନିଆ। ମୋବାଇଲ ଆଗରେ ସମ୍ପର୍କ ମଧ୍ୟ ତୁଚ୍ଛ ହୋଇଗଲାଣି। ଏହି ମୋବାଇଲ ପାଇଁ ସ୍ୱାମୀସ୍ତ୍ରୀ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି। ଏପରି ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ବୁଡୁକିଆ ଗାଁରେ। ମୃତକ ହେଲେ ପ୍ରମୋଦ ମଲିକ ଓ ତାଙ୍କ ସ୍ତ୍ରୀ ପୁଆରି ମଲିକ। ଆଜି ସକାଳେ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। କିଛି ଦିନ ତଳେ ପୁଆରି ନିଜ ବାପା ଘରୁ ଗୋଟିଏ ସ୍ମାର୍ଟ ଫୋନ ଆଣିଥିଲେ। ହେଲେ ତାଙ୍କ ସ୍ୱାମୀ ପ୍ରମୋଦ ସେହି ମୋବାଇଲକୁ ବନ୍ଧକ ରଖି ମଦ ପିଇ ଦେଇଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ କଳହ ଲାଗୁଥିଲା। ଗତକାଲି ଏହି କଳହ ଉଗ୍ରରୂପ ନେଇଥିଲା। ଗତକାଲି ଉଭୟଙ୍କ ମଧ୍ୟରେ ଏହି ମୋବାଇଲକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ପୁଆରି ଘରର ଗୋଟିଏ ରୁମକୁ ଯାଇ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସ୍ୱାମୀ ଯେତେ କବାଟ ଖୋଲିବା ପାଇଁ କହିଥିଲେ ମଧ୍ୟ ସ୍ତ୍ରୀ କବାଟ ଖୋଲିନଥିଲେ।



## ଶିଶୁ ସୁରକ୍ଷା ପ୍ରତି ସରକାର ଗୁରୁତ୍ୱ ଦିଅନ୍ତୁ

**ପାଟଣାଗଡ଼,୨୧।୧୧ (ସଂଚାର ବ୍ୟୁରୋ):** ପାଇକମାଲ ବ୍ଲକ ଅନ୍ତର୍ଗତ ସୋଡ଼ା ଗ୍ରାମର ୫ ବର୍ଷୀୟ କୁନି ଶିଶୁ ଅର୍ଚ୍ଚିତା ବାରିହାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ସାରା ଅଂଚଳରେ ଆଲୋଡନ ସୃଷ୍ଟି କରିଛି ପୀଡିତ ପରିବାର କୁ ନ୍ୟାୟ ଦାବୀରେ ଓ କୁନି ଝିଅ ର ଅମର ଆତ୍ମା ସଦଗତି ନିମନ୍ତେ ବରଗଡ଼ ର ସଚେତନ ନାଗରିକ ମାନେ ଗାନ୍ଧୀଛକ ରେ କ୍ୟାଣ୍ଡେଲ ଲଗାଇ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ। ଶିଶୁ ସୁରକ୍ଷା, ଶିଶୁ କନ୍ୟା ସୁରକ୍ଷା ଉପରେ ସଚେତନତା, ଶିଶୁମାନଙ୍କ ବିରୁଦ୍ଧରେ ବଢୁ ଥିବା ହିଂସା ବନ୍ଦ କରିବା ତଥା ହତ୍ୟାକାରୀକୁ ଫାଶୀ ଦଣ୍ଡ ଉପରେ ସରକାର ଶୀଘ୍ର କାର୍ଯ୍ୟ କରନ୍ତୁ ବୋଲି ଦାବୀ ହୋଇଛି। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ରାଜେନ୍ଦ୍ର ଶିକନ୍ଦର, ଭବାନୀ ସାହୁ, ନିଖିଳ ପାଣିଗ୍ରାହୀ, ଗଙ୍ଗା ପୂଝାରୀ, ଲାଲା ଦେହେରୀ, ଜି ଭି ରାଓ, ଦାମୋଦର ସରାଫ,ସୁଦାମ ସାହୁ,ସୁଶାନ୍ତ ଦାଶ, ହୀରାଲାଲ ଜଗଦଳା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଡିଜିଏମ୍ଏସ୍ ପକ୍ଷରୁ ଖଣିରେ ସୁରକ୍ଷିତ ବାରୁଦ ବ୍ୟବହାର ସମ୍ପର୍କିତ କର୍ମଶାଳା



**ବଡବିଲ,୨୧।୧୧ (ସଂଚାର ବ୍ୟୁରୋ):** ଖଣି କାର୍ଯ୍ୟରେ ବ୍ୟବହୃତ ବାରୁଦର ସୁରକ୍ଷିତ ସଂରକ୍ଷଣ, ପରିବହନ ଓ ବ୍ୟବହାର ନେଇ ଖଣି ନିରାପତ୍ତା ମହାନିର୍ଦ୍ଦେଶକ (ଡିଜିଏମଏସ), ଭୁବନେଶ୍ୱର ରିଜିଅନ-୧ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋୟାବାଲିସ୍ଥିତ ଏସଏମଏପିଏଲ ପ୍ରେକ୍ଷାଳୟରେ ଏକ ବିଶେଷ କର୍ମଶାଳା ଆୟୋଜିତ ହୋଇଯାଇଛି। ୩୦ଟି ଖଣି ସଂସ୍ଥାର ପ୍ରତିନିଧିଙ୍କ ସମେତ ୧୫୬ ଜଣ ଏଜେଣ୍ଟ, ମ୍ୟାନେଜର, ସୁରକ୍ଷା ଅଧିକାରୀ, ବ୍ଲାଷ୍ଟିଂ ଇନଚାର୍ଜ, ବ୍ଲାଷ୍ଟିଂ କ୍ରିଉ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଖଣି କାର୍ଯ୍ୟରେ ବାରୁଦର ସୁଦକ୍ଷ ବ୍ୟବହାର ସହ କିପରି ସୁରକ୍ଷା ଓ ସତର୍କତାକୁ ଅଧିକ ଧ୍ୟାନ ଦିଆଯିବ ସେ ସମ୍ପର୍କରେ ଅବଗତ କରାଯାଇଥିଲା। ଦକ୍ଷିଣ ପୂର୍ବାଞ୍ଚଳ ରାଞ୍ଚି ଜୋନର ଖଣି ନିରାପତ୍ତା ଉପ ମହାନିର୍ଦ୍ଦେଶକ ଶ୍ୟାମସୁନ୍ଦର ପ୍ରସାଦଙ୍କ ମାର୍ଗଦର୍ଶନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଭୁବନେଶ୍ୱର ରିଜିୟନ-୧ ଖଣି ନିରାପତ୍ତା ନିର୍ଦ୍ଦେଶକ କ୍ରିଷ୍ଣେନ୍ଦୁ ମଣ୍ଡଳ, ଖଣି ନିରାପତ୍ତା ଉପ ନିର୍ଦ୍ଦେଶକ ହରିପ୍ରସାଦ ଏହି କର୍ମଶାଳାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶ୍ୟାମସୁନ୍ଦର ପ୍ରସାଦ ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ ବ୍ଲାଷ୍ଟିଂ ସମୟରେ ବିଭିନ୍ନ ନିରାପଦ ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଥିଲେ। ଦୁର୍ଘଟଣା ହ୍ରାସ କରିବା ପାଇଁ ବାରୁଦର ବ୍ୟବହାରକୁ କମାଇବା ସହ ଏହାର ବ୍ୟବହାର ଓ ପରିବହନରେ ଡିଜିଏମଏସ ଅନୁମୋଦିତ ନିରାପତ୍ତା ପଦ୍ଧତି କାର୍ଯ୍ୟକାରି କରାଯିବା ଉପରେ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର କାସିଆ ଆଇରନ ଓ ଡୋଲୋମାଇଟ ମାଇନ୍ସ ୟୁନିଟ ମୁଖ୍ୟ ପ୍ରମୋଦ କୁମାର ପାତ୍ର, ଖଣି ପରିଚାଳନା କ୍ଷେତ୍ରରେ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ କମ୍ପାନିର ସଂକଳ୍ପବଦ୍ଧତା ସମ୍ପର୍କରେ ବର୍ଣ୍ଣନା କରିଥିଲେ।

## ବାଇକ୍ ଆରୋହୀଙ୍କ ଉପରେ ଚଢ଼ିଗଲା ଟ୍ରକ୍; ଜଣେ ମୃତ

**ମାଲକାନଗିରି,୨୧।୧୧(ସଂଚାର ବ୍ୟୁରୋ):** ମାଲକାନଗିରି ଥାନା ଅନ୍ତର୍ଗତ ୩୨୬ ଜାତୀୟ ରାଜପଥର ଏମଭି-୧୩ ଗ୍ରାମରେ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛି। ଘଟଣା ଅନୁଯାୟୀ କାଲିମେଳା ପଟରୁ ଏକ ଟ୍ରକ ଦ୍ରୁତଗତିରେ ମାଲକାନଗିରି ଆଡ଼କୁ ଆସୁଥିଲା। ଏମଭି-୧୩ ଗ୍ରାମ ନିକଟରେ ହଠାତ୍ ଏକ ବାଇକ ଟ୍ରକ୍ ସାମ୍ନାକୁ ଚାଲିଆସିଥିଲା। ଟ୍ରକ୍ ଡ୍ରାଇଭର ବାଇକ ଆରୋହୀ ଦୁଇ ଜଣଙ୍କୁ ବଞ୍ଚାଇବାକୁ ଯାଇ ନକଟସ୍ଥ ଏକ କୋଠା ଘରେ ଧକ୍କା ଦେଇଥିଲେ ମଧ୍ୟ ବାଇକ୍ ସହ ଦୁଇ ଜଣ ଆରୋହୀ ଟ୍ରକ୍‌ର ଚକା ତଳେ ପଡିଯାଇଥିଲେ। ଫଳରେ ଟ୍ରକ ଚକା ତଳେ ପଡ଼ି ଜଣେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଆଉ ଜଣେ ଗୁରୁତର ହେବାକୁ ତାଂକୁ ତୁରନ୍ତ ମାଲକାନଗିରି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।



# ସହରରେ ଅନେକ ସମସ୍ୟାର ସମାଧାନ କେବେ ?




**ସୁବର୍ଣ୍ଣପୁର,୨୧।୧୧ (ସଂଚାର ବ୍ୟୁରୋ):** ଜିଲ୍ଲା ଗଠନ ହେବାର ତିରିଶ ବର୍ଷ ପରେ ମଧ୍ୟ ସହରରେ ଅନେକ ସମସ୍ୟା ଲାଗିଥିବାର ଦୀର୍ଘ ଦିନୁ ଅଭିଯୋଗ ହେଉଛି। ସହରରେ ଟ୍ରାଫିକ, ପାର୍କିଂ, ପରିମଳ, ପ୍ରଦୂଷଣ ବେକାରୀ, ଶିକ୍ଷା, ଚିକିତ୍ସା, ଖେଳ ପଡ଼ିଆ, ଅହରହ ବିଦ୍ୟୁତ କାଟ, ରାସ୍ତା ସମେତ ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ଜିଲ୍ଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି କହିଲେ ଅତ୍ୟୁକ୍ତ ହେବ ନାହିଁ। ସହରର ଗଙ୍ଗାଧର ମେହେର ଛକ ଠାରୁ ଗୁଣ୍ଡିଚା ମନ୍ଦିର ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଅବସ୍ଥା ସଙ୍କଟାପନ୍ନ ହୋଇପଡିଛି। ବ୍ଲକ ଛକ ଠାରୁ ଆମ୍ବେଦକର ଛକ ପର୍ଯ୍ୟନ୍ତ ପ୍ରତିଦିନ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ଅନ୍ୟପଟେ ଦେଖିବାକୁ ଗଲେ ସହରର ମୁଖ୍ୟ ରାସ୍ତା ଅଣ ଓସାରିଆ ସାଙ୍ଗକୁ ତେଲ ନଦୀ ବ୍ରିଜ ରାସ୍ତାରେ ଅସ୍ଥାୟୀ ଦୋକାନ ଓ ନୂତନ ବସଷ୍ଟାଣ୍ଡ ନିର୍ମାଣ ର ସ୍ୱପ୍ନ ହୋଇଯାଇଛି। ନୂତନ ରେଳଷ୍ଟେସନ ମୁଖ୍ୟ ରାସ୍ତାଟିଏ ନାହିଁ। ରାସ୍ତାକଡ଼ରେ ଅଟୋ ରଖିବା ଫଳରେ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି। ସହରରେ ପାର୍କିଂ ଅଭାବରୁ ମୁଖ୍ୟ ରାସ୍ତା ଉପରେ ମଟରସାଇକଲରେ ଯାନବାହନ ରଖି ଜିନିଷ କିଣିବା ପାଇଁ ଲୋକେ ଯାଉଥିବାର ଦେଖିବାକୁ ମିଳୁଛି। ଠିକ୍ ସେହିପରି ସହରର ବିଭିନ୍ନ ସ୍ଥାନରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡି ଥିବାବେଳେ ସୁବର୍ଣ୍ଣପୁର ମୁଖ୍ୟ ରାସ୍ତା କଡ଼ରେ ଅଳିଆ ଆବର୍ଜନା ପଡ଼ିବା ସହିତ ସୁବର୍ଣ୍ଣପୁର ମୁଖ୍ୟ ରାସ୍ତା କଡ଼ରେ ଅସ୍ଥାୟୀ କୁକୁଡ଼ା ମାଂସ ଦୋକାନ ସହିତ ଚା' ପନିପରିବା ବେପାର କରିଛନ୍ତି। ପଚାସଢ଼ା ପନିପରିବା ସହିତ କୁକୁଡ଼ା ମାଂସର ଆବର୍ଜନା ଡ୍ରେନ ପାଣି ପକାଉଥିବାରୁ ପରିବେଶ ପ୍ରଦୂଷଣ ହେଉଛି। ରାସ୍ତାରେ ଯାଉଥିବା ଗାଡି ଚାଳକ ସରକାରୀ କର୍ମଚାରୀ ଛାତ୍ରଛାତ୍ରୀ ସମେତ ବାଟୋଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ଦେଖିବାକୁ ଗଲେ ନାଳ ସଫାସୁତୁରା ହେଉନାହିଁ। ତିରିଶ ବର୍ଷ ଜିଲ୍ଲା ଗଠନ ପରେ ମଧ୍ୟ ସୁବର୍ଣ୍ଣପୁର ଜିଲ୍ଲାର ସର୍ବ ପୁରାତନ ସୋନପୁର ମହାବିଦ୍ୟାଳୟ ସରକାରୀ ମାନ୍ୟତା ପ୍ରଦାନ କରିବା ଦିଗରେ ପୂର୍ବତନ ସରକାର ଅବହେଳା କରିବା ସୁବର୍ଣ୍ଣପୁର ଜିଲ୍ଲା ପାଇଁ ଦୁଃଖର ବିଷୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ଏକ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହୋଇପାରିଲା ନାହିଁ ଫଳରେ ସ୍ଥାନୀୟ ଯୁବକ ବାହାର ରାଜ୍ୟ କୁ ଦାଦନ ଖଟିବାକୁ ଚାଲି ଯାଉଛନ୍ତି। ଏଠାରେ କୌଣସି ନିଯୁକ୍ତି ସୁଯୋଗର ନାହିଁ। ଜିଲ୍ଲା ସଦରମହକୁମା ହୋଇଥିଲେ ମଧ୍ୟ ମଡେଲ ବସଷ୍ଟାଣ୍ଡ ହୋଇପାରି ନାହିଁ। ମହାନଦୀ କୂଳରେ ମହାନଦୀ ବ୍ରିଜ ଠାରୁ ତେଲ ନଦୀ ବ୍ରିଜ ପର୍ଯ୍ୟନ୍ତ ରିଙ୍ଗରୋଡ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଜିଲ୍ଲା ରେ ବର୍ଷା ଅଭାବରୁ ଚାଷ କାମରେ ଧିମାଇ ଯାଉଛି। ଏଠାରେ ମାଟିର ଉର୍ବରତା ହେବା ଫଳରେ ଆଗ ଭଳି ପନିପରିବା ସମେତ ଧାନ ଚାଷ ହେଉନାହିଁ। ଚାଷୀ ପନିପରିବା ଚାଷ କରି ମଧ୍ୟ ଉଚିତ୍ ଟଙ୍କା ପାଇ ପାରୁନାହାନ୍ତି । ଜିଲ୍ଲାରେ ଶୀତଳ ଭଣ୍ଡାର ଅଭାବରୁ ପନିପରିବା ଦର ବୃଦ୍ଧି ଯୋଗୁଁ ଖାଉଟି ହନ୍ତସନ୍ତ ହେଉଥିବାର ପରିଲକ୍ଷିତ ହେଉଛି। ସହର ଉପକଣ୍ଠରେ ସଦର ମହକୁମା ଡାକ୍ତରଖାନାରେ ଉପଯୁକ୍ତ ଚିକିତ୍ସା ରୋଗୀ ମାନେ ପାଉ ନଥିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ଆହତଙ୍କୁ ବୁର୍ଲା ଓ ବଲାଙ୍ଗୀର ପଠାଉଥିବା ବେଳେ ଡ଼ାକ୍ତରଖାନାରେ ପାଣି ଶୌଚାଳୟ ଡାକ୍ତରଖାନା ସମ୍ମୁଖରୁ ବାଇକ୍ ଚୋରି ସମେତ ବସଷ୍ଟାଣ୍ଡ ଠାରୁ ଡାକ୍ତରଖାନା ପର୍ଯ୍ୟନ୍ତ ବହୁତ ଦୂରତା ତେଣୁ ରାସ୍ତା କଡ଼ରେ ଷ୍ଟ୍ରିଟ ଲାଇଟ୍ ଜଳୁ ନାହିଁ ରାତିରେ ନ ଜଳିବା ଦୁଃଖର ବିଷୟ ପାଲଟିଛି। ବିଭିନ୍ନ ସମୟରେ ଏହି ରାସ୍ତାରେ ଦୁର୍ଘଟଣା ହେଉଥିବାର ପରିଲକ୍ଷିତ ହେଉଛି। ବର୍ତ୍ତମାନ ମହାନଦୀ ରେ ପାଣି ଶୁଖି ଯିବାରୁ ପିଏଚଡ଼ି ପାଣି ଠିକ ସମୟରେ ଜନସାଧାରଣ ପାଇଁ ପାରୁନାହାନ୍ତି। ସହରରେ ବୁଲା ଗାଈଗୋରୁ ସହ ବୁଲା କୁକୁରଙ୍କ ଉତ୍ପାତ ନକହିବା ଭଲ ସାଧାରଣ ଜନତା ରାତି ସମୟ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛି ବର୍ଷ ହେବ ସହରରେ ବିଦ୍ୟୁତ୍ ବିଭାଗ ବର୍ଷକୁ ଦୁଇତିନିଥର ମରାମତି ନାଁରେ ବିଦ୍ୟୁତ୍ କାଟ୍ ହେଉଥିବାର ଅଭିଯୋଗ ହେଉଛି। ଏପରି ଅନେକ ସମସ୍ୟା ସହରରେ ଲାଗି ରହିଛି। ଏହାସତ୍ତ୍ୱେ କୌଣସି ସମାଧାନର ବାଟ ନ ବାହାରିବା ଦୁଃଖର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ଜୀବନ ଦେବି ପଛେ ଇଞ୍ଚେ ଜମି ଦେବିନି

**ବରଗଡ,୨୧।୧୧ (ସଂଚାର ବ୍ୟୁରୋ):** ଗନ୍ଧମାର୍ଦ୍ଦନ ପାଇଁ ଜୀବନ ଦେବି ପଛେ ଇଞ୍ଚେ ଜମି କାହାକୁ ଦିଆଯିବ ନାହିଁ। ଗନ୍ଧମାର୍ଦ୍ଦନକୁ ଆଦାନୀ ନେବ ବୋଲି ଚର୍ଚ୍ଚା ହେଉଥିବା ବେଳେ ଏହାର ପ୍ରତିକ୍ରିୟା ରଖିଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ । ବିରୋଧୀ ଦଳ ମିଛ ପ୍ରଚାର କରୁଛନ୍ତି। ପ୍ରସଙ୍ଗ ନ ଥିବାରୁ ଗନ୍ଧମାର୍ଦ୍ଦନ ପ୍ରସଙ୍ଗ ଉଠାଉଛନ୍ତି । କଡ଼ା ଭାଷାରେ ବିରୋଧୀଙ୍କୁ ଜବାବ ଦେଇଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ । ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନରୁ ମୋର ରାଜନୈତିକ ଜୀବନ ଆରମ୍ଭ । ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ଜୀବନ ଦେବାକୁ ପଡ଼ିଲେ ବି ମୁଁ ପ୍ରସ୍ତୁତ ଅଛି। ଯେତେ ବଡ଼ ଖଣି କମ୍ପାନୀ ଆସନ୍ତୁ ନା କାହିଁକି ଗୋଟିଏ ଇଞ୍ଚ ଜମି ଛାଡ଼ିବାକୁ ମୁଁ ପ୍ରସ୍ତୁତ ନୁହେଁ । ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ମୁଁ ଆଗ ମୋ ସାଂସଦ ପଦ ପଛ ବୋଲି କହିଛନ୍ତି ପ୍ରଦୀପ ପୁରୋହିତ । ପୂର୍ବରୁ ମଧ୍ୟ ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ମାଡ଼ ଖାଇବାକୁ ପ୍ରସ୍ତୁତ ଥିଲି ଏବେ ବି ଅଛି, ହେଲେ ଗନ୍ଧମାର୍ଦ୍ଦନକୁ କାହା ହାତକୁ ଟେକି ଦେଇପାରିବନି ବୋଲି କହିଛନ୍ତି ବରଗଡ଼ ସାଂସଦ । ବରଗଡ଼- ନୂଆପଡ଼ା ରେଳ ପକଳ୍ପକୁ କେନ୍ଦ୍ର ସରକାର ମଂଜୁର ଦେବା ପରେ ବିରୋଧୀ ମାନେ ଗନ୍ଧମାର୍ଦ୍ଦନ ପ୍ରସଙ୍ଗ ଉଠାଇ ମିଥ୍ୟା ପ୍ରଚାର କରୁଛନ୍ତି । କିନ୍ତୁ ସେମାନେ ସେଥିରେ ସଫଳ ହେବେ ନାହିଁ। ବରଗଡ଼-ନୂଆପଡ଼ା ୧୩୮ କିଲୋମିଟର ରେଳପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୨ ହଜାର ୯୪୬ କୋଟି ଟଙ୍କା ଖର୍ଚ୍ଚ କରିବେ । ଏହି ରେଳ ପ୍ରକଳ୍ପ ଦ୍ୱାରା ଆମ ଅଂଚଳର କଳା ସାହିତ୍ୟର ବିକାଶ ହେବ । ବାଣିଜ୍ୟ ବେପାର ବୃଦ୍ଧି ପାଇବ । ଏହି ପ୍ରକଳକୁ ବିରୋଧୀ ସହି ପାରୁ ନାହାନ୍ତି । ଏଥିପାଇଁ ଗନ୍ଧମାର୍ଦ୍ଦନ ପ୍ରସଙ୍ଗ ଉଠାଉଛନ୍ତି । ଗନ୍ଧମାର୍ଦ୍ଦନ ପାହାଡ଼ରେ ଏକ ପ୍ରାକୃତିକ ପରିବେଶ ସହ ଦୁଇଟି ନଦୀଅଙ୍ଗ ଓ ସୁକତେଲର ଉତ୍ପତି ହୋଇଛି । ସୁନାର ଝରଣା ସହ ୨ହଜାରରୁ ଅଧିକ ଦୁର୍ଲଭ ଔଷଧୀୟ ବୃକ୍ଷ ଅଛି । ଏସବୁର କ୍ଷତି ପହଂଚାଇବାକୁ କେବେ ଦେବି ନାହିଁ ବୋଲି କହିଛନ୍ତି ଶ୍ରୀ ପୁରୋହିତ । ଏହାପରେ ଏଭଳି କଡ଼ା ପ୍ରତିକ୍ରିୟା ରଖିଛନ୍ତି ସାଂସଦ । ସୂଚନାଯୋଗ୍ୟ ଯେ, ଗନ୍ଧମାର୍ଦ୍ଦନ ଚାରିପାଖରେ ଆଦାନୀ କମ୍ପାନୀ ଜମି କିଣୁଛି । ସୁନ୍ଦରଗଡ଼ରେ ନିଜ ଖଣି ଖାଦାନ ଦ୍ୱାରା କ୍ଷତି ହୋଇଥିବା ସବୁଜିମାର ଭରଣା ପାଇଁ ଆଦାନୀ ଏହିସବୁ ଜମିରେ ବନୀକରଣ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

## ଦରମା ନ ମିଳିବାରୁ ସଫେଇ କର୍ମଚାରୀଙ୍କ ଧାରଣ



**ପାଟଣାଗଡ, ୨୧।୧୧ (ସଂଚାର ବ୍ୟୁରୋ):** ପାଟଣାଗଡ ଉପଖଣ୍ଡ ଚିକିତ୍ସା ଳୟରେ କାର୍ଯ୍ୟରତ ସଫେଇ କର୍ମଚାରୀ ମାନେ ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ତାଙ୍କ ଦରମା ଟଙ୍କା ପାଇନଥିବାରୁ ସେମାନେ ଆଜି ସକାଳୁ କାର୍ଯ୍ୟବନ୍ଦକରି ଧାରଣାରେ ବସିପଡିଛନ୍ତି। ସୁଚନା ଅନୁସାରେ ୨୦ ରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀ ଏକ ନିର୍ଦ୍ଦିଷ୍ଟ ସଂସ୍ଥା ଦ୍ୱାରା ପରିଚାଳିତ ହୋଇ ଉପଖଣ୍ଡ ଚିକିତ୍ସା ଳୟରେ ସଫେଇ ଆଦି କାର୍ଯ୍ୟ କରିଥାନ୍ତି । ଆଜିକୁ ୬୪ ଦିନହେଲା ସେମାନେ ତାଙ୍କ ଦରମା ପାଇନଥିବାରୁ ତାଙ୍କ ପରିବାର ଚଳିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହାକୁ ନେଇ ସେମାନେ ଦାୟିତ୍ୱରେ ଥିବା ଉକ୍ତ ଠିକା ସଂସ୍ଥାର ସୁପର ଭାଇଜରକୁ ମୌଖିକ ଓ ଲିଖିତ ଭାବରେ ଜଣାଇ ଆସୁଥିଲେ । ଏପରିକି ଠିକା ସଂସ୍ଥାର ମୁଖ୍ୟଙ୍କୁ ମଧ୍ୟ ଫୋନ ଯୋଗେ ଅବଗତ କରାଇଥିଲେ । ତେବେ କୌଣସି ସୁଫଳ ନମିଳିବାରୁ ସମସ୍ତ ସଫେଇ କର୍ମଚାରୀ ମାନେ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ସେମାନେ ଆଜି ଡାକ୍ତରଖାନା ପରିସରକୁ ସଫାସୁତୁରା ନକରିବା ଦ୍ୱାରା ଡାକ୍ତରଖାନା ପୁତିମୟ ଗନ୍ଧରେ ଫାଟିପଡୁଛି । ଯାହା ଫଳରେ ରୋଗିମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ତାଙ୍କ ବକେୟା ଦରମା ଟଙ୍କା ନପାଇବା ପର୍ଯ୍ୟନ୍ତ କାଲି ମଧ୍ୟ ଧାରଣା ଜାରିରହିବ ବୋଲି ସଂଘର ସରୋଜ କୁମାର ଜାଳ ଓ ରାକେଶ ଷଣ୍ଡ ଙ୍କ ଠାରୁ ଜଣାପଡିଛି ।